
ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ଶନିବାର ୧୮ ଅକ୍ଟୋବର ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 18 October 2025
Vol.No. 36 ■ No.274 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ସଂଗ୍ରହ କରନ୍ତୁ
ସାଗରିକା ପୂଜା ସଂଖ୍ୟା
ସାଗରିକା
ଡିଜିଟାଲ୍ ଫର୍ମାଟରେ
ମଧ୍ୟ ଉପଲବ୍ଧ...
website : sagarika.in.net


## ଲାଞ୍ଚ ନେଇ ଆଇପିଏସ୍ ଧରାପଡ଼ିବା ଘଟଣା
## ମିଳିଲା ନଗଦ ୫ କୋଟି, ଦାମୀ କାର ଓ ପୁଳାପୁଳା ସୁନା



ନୂଆଦିଲ୍ଲୀ,୧୭/୧୦ : ଫିଟୁଛି ଆଇପିଏସ୍ ବାବୁଙ୍କ କଳା ସାମ୍ରାଜ୍ୟର ଗୁମର। ୫ ଲକ୍ଷ ଟଙ୍କା ଲାଞ୍ଚ ନେବା ବେଳେ ସିବିଆଇ ହାତରେ ଧରା ପଡ଼ିଥିବା ଆଇପିଏସ୍ ହରଚରଣ ସିଂହ ଭୁଲ୍ଲାରଙ୍କ ସମ୍ପତ୍ତିକୁ ଦେଖି ଟେରା ହୋଇଛନ୍ତି ସିବିଆଇ ଅଧିକାରୀ। ପଞ୍ଜାବ ପୁଲିସ୍‌ରେ ଡିଆଇଜି ଭାବେ କାମ କରୁଥିବା ହରଚରଣଙ୍କ ବିଭିନ୍ନ ଠିକଣାରୁ ମିଳିଛି ନଗଦ ୫ କୋଟି ଟଙ୍କା, ୧.୫ କେଜି ସୁନା, ଏକାଧିକ ଦାମୀ କାର ଓ ଅନ୍ୟାନ୍ୟ ସମ୍ପତ୍ତିର ସୂଚନା। ଗୁରୁବାର ରୋପର ରେଞ୍ଜର ଡିଆଇଜି ଭାବେ କାମ କରୁଥିବା ହଚରଣଙ୍କୁ ସିବିଆଇ ଲାଞ୍ଚ ଟଙ୍କା ନେବା ବେଳେ ଧରିଥିଲା। ସେ ଗୋଟିଏ ମାମଲାର ରଫଦଫା କରିବାକୁ ଜଣେ ସ୍କ୍ରାପ ଡିଲରଙ୍କ ଠାରୁ ୫ ଲକ୍ଷ ଟଙ୍କା ନେଉଥିଲେ। ଟଙ୍କା ସହ ଧରିବା ପଡ଼ିବା ପରେ ଡିଆଇଜି ହରଚରଣଙ୍କୁ ସିବିଆଇ ଗିରଫ କରିଥିଲା। ବାସ୍ତବରେ ସ୍କ୍ରାପ ଡିଲରଙ୍କ ଠାରୁ ଜଣେ ମଧ୍ୟସ୍ଥିଙ୍କ ଜରିଆରେ ହରଚରଣ ୮ ଲକ୍ଷ ଟଙ୍କା ଓ ମାସିକିଆ ବଟି ପାଇଁ ଡିଲ କରିଥିଲେ। ଏନେଇ ଡିଲର ଜଣଙ୍କ ସିବିଆଇର ଦ୍ୱାରସ୍ଥ ହୋଇଥିଲେ। ହରଚରଣଙ୍କୁ ରଙ୍ଗେ ହାତ ଧରିବାକୁ ସିବିଆଇ ଜାଲ ବିଛାଇଥିଲା। ଯୋଜନା ଅନୁସାରେ ଅଭିଯୋଗକାରୀ ଜଣଙ୍କ ଲାଞ୍ଚ ଟଙ୍କା ଦେବାକୁ ହରଚରଣଙ୍କ ମୋହାଲି ଅଫିସରେ ପହଞ୍ଚିଥିଲେ। ସେଠାରେ ସେ ଲାଞ୍ଚ ନେଉଥିବା ବେଳେ ସିବିଆଇ ଅଧିକାରୀମାନେ ତାଙ୍କୁ ଧରିଥିଲେ। ହରଚରଣଙ୍କ ସହ ତାଙ୍କ ପାଇଁ କାମ କରୁଥିବା କ୍ରିଷ୍ଣାନୁ ନାମକ ଜଣେ ବ୍ୟକ୍ତିଙ୍କୁ ମଧ୍ୟ ଗିରଫ କରାଯାଇଛି। ଗିରଫଦାରୀ ପରେ ସିବିଆଇ ହରଚରଣଙ୍କ ଲିଙ୍କରେ ପଞ୍ଜାବ ଓ ଚଣ୍ଡିଗଡ଼ର ବିଭିନ୍ନ ସ୍ଥାନରେ ରେଡ କରିଥିଲା। ଏହି ସମୟରେ ନଗଦ ଟଙ୍କା ସହ ୧୫ଟି ସମ୍ପତ୍ତି ସହ ଜଡ଼ିତ କାଗଜପତ୍ର, ମର୍ସିଡିଜ ଓ ଅଡି କାରର ଚାବି, ୨୨ଟି ବିଳାସପୂର୍ଣ୍ଣ ଘଣ୍ଟା, ଏକାଧିକ ଲକରର ଚାବି, ୪୦ ଲିଟର ବିଦେଶୀ ତଥା ଦାମୀ ମଦ, ଡବଲ ବାରେଲ ଗନ, ପିସ୍ତଲ, ରିଭଲବର ଓ ଗୋଟିଏ ଏୟାରଗନ ଜବତ କରାଯାଇଛି। ସେହିପରି ମଧ୍ୟସ୍ଥି କ୍ରିଷ୍ଣାନୁ ଠାରୁ ସିବିଆଇ ଅଧିକାରୀମାନେ ନଗଦ ୨୧ ଲକ୍ଷ ଟଙ୍କା ଜବତ କରିଛନ୍ତି। ଏବେ ବି କ୍ରିଷ୍ଣାନୁ ଓ ହରଚରଣଙ୍କ ବିଭିନ୍ନ ଠିକଣାରେ ରେଡ ଚାଲିଛି। ସିବିଆଇ ଉଭୟଙ୍କୁ କୋର୍ଟରେ ହାଜର କରିବା ପରେ ରିମାଣ୍ଡରେ ନେବାକୁ ମଧ୍ୟ ଜବତ କରିଛି। ହରଚରଣ ସିଂହ ଭୁଲ୍ଲାରଙ୍କ ବିରୋଧରେ ରୁଜୁ ହୋଇଥିବା ଏଫଆଇଆରରେ କୁହାଯାଇଛି ଯେ ମଣ୍ଡି ଗୋବିନ୍ଦଗଡ଼ର ଆକାଶ ବାଟ୍ଟା ନାମକ ଜଣେ ବ୍ୟବସାୟୀଙ୍କୁ ହରଚରଣ ସହଯୋଗୀ କ୍ରିଷ୍ଣାନୁଙ୍କ ଜରିଆରେ ଲାଞ୍ଚ ଓ ମାସିକ ବଟି ମାଗିଥିଲେ।

▶▶ପୃଷ୍ଠା ୭

## ଅଶୁଭ ଶୁକ୍ରବାର : ପୃଥକ ପୃଥକ ଦୁର୍ଘଟଣାରେ ୯ ମୃତ

ଭୁବନେଶ୍ୱର, ୧୭/୧୦ (ନି.ପ୍ର): ଆଖି ପିଛୁଳାକେ ଘଟୁଛି ସଡ଼କ ଦୁର୍ଘଟଣା । ନିମିଷକେ ପାଣି ଫୋଟକା ଭଳି ମିଳେଇ ଯାଉଛି ଜୀବନ । ଆଜି ବିଭିନ୍ନ ସ୍ଥାନରେ ଦୁର୍ଘଟଣା ଘଟି ୯ ଜଣଙ୍କ ଜୀବନ ଯାଇଛି । ପ୍ରାୟ ୪ ଜଣ ଗୁରୁତର ହୋଇଛନ୍ତି । ତେବେ ସବୁଠୁ ହୃଦୟ ବିଦାରକ ଘଟଣା ଦେଖିବାକୁ ମିଳିଛି ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗରରେ । ଯେଉଁଠି ଅଜଣା ଗାଡ଼ି ଧକ୍କାରେ ଉଜୁଡ଼ି ଯାଇଛି ଗୋଟିଏ ପରିବାର । ବୁକୁଫଟା କାନ୍ଦରେ ଫାଟି ପଡୁଛି ହସ୍ପିଟାଲ ପରିସର । କିଏ ନିଜ ଭାଇକୁ ଖୋଜୁଛି, ଆଉ କିଏ ଅଣ୍ଡାଳି ପକାଉଛି କୁନି ପିଲାଙ୍କ ମୁହଁକୁ ଥରୁଟେ ଦେଖିନେବା ପାଇଁ । ନା ଆଉ ସେ ଖିଲି ଖିଲି ହସ ଶୁଭିବ, ନା ଦୋରଟି କଥାରେ ଆଉ କିଏ ଅଝଟ କରିବ । ସଡ଼କ ଦୁର୍ଘଟଣାରେ ଆଖି ବୁଜିଛନ୍ତି ବାପା, ମାଆ, ୬ ବର୍ଷୀୟା ଝିଅ ଓ ୮ ବର୍ଷୀୟା ଝିଆରୀ । କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଅଞ୍ଚଳର ଭାବଗ୍ରାହୀ କାରୁଆଁ ନିଜ ଝିଅ ନାଁରେ ବ୍ୟାଙ୍କରେ ଟଙ୍କା ରଖିବା ପାଇଁ ଓ କିଛି କିଣାକିଣି ପାଇଁ କାମାକ୍ଷାନଗର ଯାଉଥିଲେ । ହେଲେ ତାଙ୍କ ବାଇକକୁ ମାଳପୁରା ଓଭରବ୍ରିଜ ନିକଟରେ ଧକ୍କା ଦେଇଥିଲା ଅଜଣା ଗାଡ଼ି । ଆଜି ବିଭିନ୍ନ ସ୍ଥାନରେ ଦୁର୍ଘଟଣାରେ ଅତିକମରେ ୯ ଜଣଙ୍କ ମୃତ୍ୟୁ ଘଟିଛି। ବରଗଡ଼ ବାଇପାସରେ କାର ଡିଭାଇଡରରେ ପିଟି ହୋଇ ୩ ଜଣଙ୍କ ମୃତ୍ୟୁ ଘଟିଛି। ଛତ୍ରପୁର ପକୁଡ଼ିବନ୍ଧ ଜଙ୍କସନରେ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ, ଜଣେ ଆହତଙ୍କୁ ଉଦ୍ଧାର କରି ମେଡିକାଲ ପଠାଇଛନ୍ତି ବିଧାୟକ ସିଦ୍ଧାନ୍ତ ମହାପାତ୍ର । ବାଲେଶ୍ୱର ସୋରରେ ପୋଲକୁ ବାଇକ୍ ପିଟି ଚାଳକର ଜୀବନ ଯାଇଛି । ସେପଟେ ସୁବର୍ଣ୍ଣପୁର ତରଭାରେ ଏକାଠି ଜଳିଛି ସ୍ୱାମୀ-ସ୍ତ୍ରୀଙ୍କ ଜୁଇ । ଗତ ମଙ୍ଗଳବାର ଜମ୍ମୁରେ ବୈଷ୍ଣୋଦେବୀ ଦର୍ଶନ ସାରି ଫେରିବା ବାଟରେ ତୀର୍ଥଯାତ୍ରା ପାଲଟିଥିଲା ଶେଷଯାତ୍ରା । ଆଉ ଆଜି ଶୋକାକୁଳ ପରିବେଶରେ ବିଚିତ୍ର ସାହୁ ଓ ବବିତା ସାହୁଙ୍କର ଚିତା ଜଳିଛି। ଦିନକୁ ଦିନ ଦୁର୍ଘଟଣା ବଢ଼ି ଚାଲିଥିବା ବେଳେ, ରାସ୍ତାକୁ ଗୋଡ଼ କାଢ଼ିଲେ ମଣିଷ ଘରକୁ ସୁରକ୍ଷିତ ଫେରିବ କି ନାହିଁ, ଏବେ କହିବା ମୁସ୍କିଲ ହୋଇପଡ଼ିଛି।

## ବିଏମସି କର୍ପୋରେଟର ଅମରେଶ ଜେନାଙ୍କୁ ମିଳିଲା ଜାମିନ

ଭୁବନେଶ୍ୱର, ୧୭/୧୦ (ନି.ପ୍ର): ପୂର୍ବତନ ବିଜେଡି ନେତା ତଥା ବିଏମସି କର୍ପୋରେଟର ଅମରେଶ ଜେନାଙ୍କୁ ହାଇକୋର୍ଟରୁ ଜାମିନ ମିଳିଛି। ୨୫ ହଜାର ଟଙ୍କା ସହ ଦୁଇ ଜାମିନଦାର ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହ ପାସପୋର୍ଟକୁ କୋର୍ଟରେ ଜମା କରିବା ସହ ଅଭିଯୋକାରୀଙ୍କୁ ଧମକ ନ ଦେବାକୁ ସର୍ତ୍ତ ରଖିଛନ୍ତି ହାଇକୋର୍ଟ। ସୂଚନାଯୋଗ୍ୟ ଯେ ଗତ ଜୁଲାଇ ୨୭ ତାରିଖ ରେ ଅମରେଶ ଓରଫ ବାଇଁୟାଙ୍କୁ ଜଣେ ନାବାଳିକାଙ୍କୁ ଦୁଷ୍କର୍ମ ଓ ଗର୍ଭ ନଷ୍ଟ ମାମଲା ରେ ଗିରଫ କରିଥିଲା କମିଶନରେଟ ପୋଲିସ । ପରେ ବାଇଁୟାଙ୍କ ୫ ସହଯୋଗୀଙ୍କୁ ମଧ୍ୟ ଗିରଫ କରାଯାଇଥିଲା। ପୂର୍ବରୁ ଏହି ମାମଲାରେ ୫ ସହଯୋଗୀଙ୍କୁ ଜାମିନ ମିଳି ସାରିଛି।

## ଶାନ୍ତି ପଥେ ଲାଲବାହିନୀ: ଗୁଳି ଫୋପାଡ଼ିଲେ, ଗୋଲାପ ଧରିଲେ



ଭୁବନେଶ୍ୱର, ୧୭/୧୦ (ନି.ପ୍ର): ମାଓ ଇତିହାସରେ ପ୍ରଥମ । ଏକାଥରକେ ୨୧୦ ମାଓବାଦୀ ଅସ୍ତ୍ର ତ୍ୟାଗ କରି ଦେଶର ସମ୍ବିଧାନକୁ ଆପଣାଇଛନ୍ତି । ଲାଲବାହିନୀର ନିୟମ ନୁହେଁ ଏଣିକି ସମ୍ବିଧାନର ନିୟମ ଅନୁଯାୟୀ ବଞ୍ଚିବେ, ସମାଜରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବେ । ଛତିଶଗଡ଼ରେ ଏତେ ସଂଖ୍ୟକ ମାଓବାଦୀଙ୍କ ଆତ୍ମସମର୍ପଣ ମାର୍ଚ୍ଚ ୨୦୨୬ ସୁଦ୍ଧା ମାଓମୁକ୍ତ ଭାରତ ସଂକଳ୍ପକୁ ଆହୁରି ଦୃଢ଼ କରିଛି । ଯେଉଁ ହାତ ମଣିଷ ରକ୍ତରେ ଲାଲ ହେଉଥିଲା, ସେହି ହାତ ଆଜି ଲାଲ ରଙ୍ଗର ଗୋଲାପ ଧରିଛି । ହିଂସା, ହତ୍ୟା, ହଣାକଟାରୁ ନିଜକୁ ଦୂରେଇ ଦେଇ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ସମ୍ବିଧାନ ଧରି ଶପଥ ନେଇଛନ୍ତି । ଜଣେ କି ଦୁଇଜଣ ନୁହେଁ ମାଓ ଇତିହାସରେ ସର୍ବାଧିକ

▶▶ପୃଷ୍ଠା ୭

## ଆଜି କମ୍ପିବ ନୂଆପଡା: ମଇଦାନରେ ମୁହାଁମୁହିଁ ହେବେ ତିନି ପ୍ରମୁଖ ଦଳ

ନୂଆପଡ଼ା, ୧୭/୧୦ (ନି.ପ୍ର): ଆସନ୍ତାକାଲି ନୂଆପଡ଼ାରେ ସବୁ ଦଳ ଶକ୍ତି ପ୍ରଦର୍ଶନ କରିବେ । ଶୋଭାଯାତ୍ରାରେ ଯାଇ ବିଜେପି ଓ କଂଗ୍ରେସ ପ୍ରାର୍ଥୀ ନାମାଙ୍କନ ଭରିବାର କାର୍ଯ୍ୟକ୍ରମ ରହିଛି । ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆ ମଧ୍ୟ ପତିଆରା ଦେଖାଇବାକୁ ରଣନୀତି କରିଛନ୍ତି । ନୂଆପଡ଼ାରେ କାଲିଠାରୁ ଆରମ୍ଭ ହେବ ଅସଲ ଲଢ଼େଇ । ପ୍ରଚାର ମଇଦାନରେ ମୁହାଁମୁହିଁ ହେବେ ତିନି ପ୍ରମୁଖ ଦଳର ପ୍ରାର୍ଥୀ ମିଶ୍ରଣ ପର୍ବର ଆୟୋଜନ କରି ବଳ ବଢ଼ାଉଥିବା ସବୁ




ରାଜନୈତିକ ଦଳ ଆସନ୍ତାକାଲି ନୂଆପଡ଼ାରେ ନିଜ ନିଜର ଦମ୍ ଦେଖାଇବେ । ଦଳୀୟ ନେତା ଓ କର୍ମୀଙ୍କ ସହ ବିଶାଳ ଶୋଭାଯାତ୍ରାରେ ଯାଇ ନାମାଙ୍କନ ଭରିବେ ବିଜେପି ପ୍ରାର୍ଥୀ ଜୟ ଢୋଲକିଆ । ଘର ଘର ବୁଲି ପ୍ରଚାର କରୁଥିବା କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀ ମଧ୍ୟ ଶକ୍ତି ଦେଖାଇବେ । ବିଧିବଦ୍ଧ ଭାବେ ନାମାଙ୍କନ ଭରିବେ।

▶▶ପୃଷ୍ଠା ୭

## ଫେବ୍ରୁଆରୀ ୧୫ରୁ ୨୫ ଭିତରେ ଆରମ୍ଭ ହେବ ଯୁକ୍ତ ଦୁଇ ପରୀକ୍ଷା

ଭୁବନେଶ୍ୱର, ୧୭/୧୦ (ନି.ପ୍ର): ଫେବ୍ରୁଆରୀ ୧୫ରୁ ୨୫ ମଧ୍ୟରେ ଯେକୌଣସି ତାରିଖରେ ଆରମ୍ଭ ହେବ ପରୀକ୍ଷା । ଏନେଇ ସୂଚନା ଦେଇଛନ୍ତି ସିଏଚଏସଇ ପରୀକ୍ଷା ନିୟନ୍ତ୍ରକ ପ୍ରଶାନ୍ତ ପରିଡ଼ା । ଡିସେମ୍ବର ୧୫ ତାରିଖ ସୁଦ୍ଧା ମିଳିବ ଆଡମିଟ୍ କାର୍ଡ । ଇଣ୍ଟରନାଲ ପରୀକ୍ଷା ଡିସେମ୍ବର ୨୨ରୁ ୩୧ ଯାଏଁ ହେବ । ଜାନୁଆରୀ ୨ରୁ ୧୫ ଯାଏଁ ହେବ ଯୁକ୍ତ ଦୁଇ ପ୍ରାକ୍ଟିକାଲ ପରୀକ୍ଷା । ନଭେମ୍ବର ୨୯ ସୁଦ୍ଧା ପରୀକ୍ଷା ସେଣ୍ଟରରେ ଲାଗିବ ସିସିଟିଭି କ୍ୟାମେରା ।

## ଓଡ଼ିଶା ଫେରିବ ଜାମ୍ମୁରେ ମୃତ୍ୟୁବରଣ କରିଥିବା ୩ ଓଡ଼ିଆଙ୍କ ମୃତଦେହ

ଭୁବନେଶ୍ୱର, ୧୭/୧୦ (ନି.ପ୍ର): ଜାମ୍ମୁ-କାଶ୍ମୀର ସ୍ଥିତ ମା' ବୈଷ୍ଣୋଦେବୀଙ୍କ ଦର୍ଶନ କରିବାକୁ ଯାଇଥିବାବେଳେ ୪ଜଣ ଓଡ଼ିଆ ତୀର୍ଥଯାତ୍ରୀ ଜାମ୍ମୁର କାତ୍ରାଠାରେ ସଡ଼କ ଦୁର୍ଘଟଣାର ଶିକାର ହୋଇଛନ୍ତି। ସେଥିମଧ୍ୟରୁ ୩ ଜଣ ଓଡ଼ିଆ ତୀର୍ଥଯାତ୍ରୀ ମୃତ୍ୟୁବରଣ କରିଛନ୍ତି। ମୃତ ତୀର୍ଥଯାତ୍ରୀ ହେଉଛନ୍ତି ସୁବର୍ଣ୍ଣପୁର ଜିଲ୍ଲାର ବିଚିତ୍ର କୁମାର ସାହୁ, ଯୋଗୀନ୍ଦ୍ର ମଟାରୀ ଏବଂ କବିତା ସାହୁ। ଚତୁର୍ଥ ତୀର୍ଥଯାତ୍ରୀ ସୁବର୍ଣ୍ଣପୁର ଜିଲ୍ଲାର ସ୍ନେହଲତା ମଟାରୀ ଯେ କି ଗୁରୁତର ଭାବେ ଆହତ ହୋଇ ଜାମ୍ମୁ ସ୍ଥିତ ଏକ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ନୂଆଦିଲ୍ଲୀ ସ୍ଥିତ ଓଡ଼ିଶା ସରକାରଙ୍କ ମୁଖ୍ୟ ଆବାସିକ ଆୟୁକ୍ତଙ୍କ କାର୍ଯ୍ୟାଳୟ, ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ ଓ ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ମୃତ୍ୟୁବରଣ କରିଥିବା ୩ଜଣ ତୀର୍ଥଯାତ୍ରୀଙ୍କ ମୃତ ଶରୀରକୁ ଓଡ଼ିଶାକୁ ଫେରାଇଆଣିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି।

## ଗୁଜରାଟରେ ନୂଆ ମନ୍ତ୍ରିମଣ୍ଡଳ ଗଠିତ: ହର୍ଷ ସଙ୍ଘଭୀ ଗୁଜରାଟର ନୂଆ ଉପ ମୁଖ୍ୟମନ୍ତ୍ରୀ, ଜାଡେଜାଙ୍କ ପତ୍ନୀ ପାଇଲେ ମନ୍ତ୍ରୀ ପଦ

ନୂଆଦିଲ୍ଲୀ,୧୭/୧୦ : ଗୁଜରାଟର କ୍ଷମତାସୀନ ବିଜେପି ସରକାର ମନ୍ତ୍ରିମଣ୍ଡଳ ପୁନର୍ଗଠନ କରିଛନ୍ତି। ଶୁକ୍ରବାର ୨୬ ଜଣିଆ କ୍ୟାବିନେଟରେ ସାମିଲ ହୋଇଥିବା ସଦସ୍ୟମାନେ ପଦ ଓ ଗୋପନୀୟତାର ଶପଥ ପାଠ କରିଛନ୍ତି। ଦିନକ ତଳେ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲଙ୍କୁ ଛାଡ଼ି ମନ୍ତ୍ରୀ ଭାବେ କାମ କରୁଥିବା ସମସ୍ତ ସଦସ୍ୟ ଇସ୍ତଫା ଦେଇଥିଲେ। ଆଜି ୨୬ ଜଣ ବିଧାୟକ ମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ପୂର୍ବରୁ ଗୁଜରାଟର ଗୃହ ମନ୍ତ୍ରୀ ଭାବେ କାମ କରୁଥିବା ବରିଷ୍ଠ ନେତା ହର୍ଷ ସଙ୍ଘଭୀ ରାଜ୍ୟର ନୂଆ ଉପ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। କ୍ରିକେଟର ରବୀନ୍ଦ୍ର ଜାଡେଜାଙ୍କ ପତ୍ନୀ ରିଭାବା ଜାଡେଜା ରାଜ୍ୟରେ ପ୍ରଥମଥର ପାଇଁ ମନ୍ତ୍ରୀ ହୋଇଛନ୍ତି। ସଙ୍ଘଭୀ ୨୦୨୨ ବିଧାନସଭା ନିର୍ବାଚନରେ ଆପ୍ ପ୍ରାର୍ଥୀଙ୍କୁ ୧ ଲକ୍ଷରୁ ଅଧିକ ଭୋଟରେ ପରାସ୍ତ କରିଥିଲେ। ଆଜି ସେ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲଙ୍କ ଡେପୁଟି ଭାବେ ଗାନ୍ଧି ନଗର ସ୍ଥିତ ରାଜଭବନରେ ଶପଥ ନେଇଛନ୍ତି। ରାଜ୍ୟପାଳ ଆଚାର୍ଯ୍ୟ ଦେବରତ ତାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ସେହିପରି ରିଭାବା ଜାଡେଜା ୨୦୨୨ ଡିସେମ୍ବର ୮ରୁ ବିଧାୟକ ଭାବେ କାର୍ଯ୍ୟ କରି ଆସୁଛନ୍ତି। ସେ ଉତ୍ତର ଜାମନଗରରୁ ବିଜୟୀ ହୋଇ ଗୁଜରାଟ ବିଧାନସଭାକୁ ଯାଇଥିଲେ। ଏବେ ତାଙ୍କୁ ଗୁଜରାଟରେ ମନ୍ତ୍ରୀ ପଦ ମିଳିଛି। ଆଜି ସେ ରାଜଭବନରେ ପଦ ଓ ଗୋପନୀୟତାର ଶପଥ ନେଇଛନ୍ତି। ସେ ଶପଥ ନେବା ବେଳେ ରବୀନ୍ଦ୍ର ଜାଡେଜା ଓ ତାଙ୍କ ଝିଅ ରାଜଭବନରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ। ଶ୍ରୀ ପଟେଲଙ୍କ କ୍ୟାବିନେଟରେ ଅନେକ ନୂଆ ମୁହଁଙ୍କୁ ସାମିଲ କରାଯାଇଛି। ପୂର୍ବରୁ ଥିବା ୬ ଜଣ ପୁଣି ମନ୍ତ୍ରିମଣ୍ଡଳକୁ ଫେରିଛନ୍ତି।



ରଷିକେଶ ପଟେଲ, କାନୁଭାଇ ଦେଶାଇ, କୁନୱାରଜୀ ବାଭାଳିୟା, ପ୍ରଫୁଲ ପାନସେରିୟା, ପୁରୁଷୋତ୍ତମ ସୋଲାଙ୍କି ଓ ସଙ୍ଘଭୀ ନିଜେ ମନ୍ତ୍ରୀ ଭାବେ ପୁଣି ଶପଥ ନେଇଛନ୍ତି। ରଷିକେଶ, କନୁଭାଇ, କୁନୱାରଜି ଓ ସୋଲାଙ୍କି(ରାଷ୍ଟ୍ରମନ୍ତ୍ରୀ) ପଦ ବଜାୟୀ ରଖିଥିବାରୁ ଆଜି ସେମାନଙ୍କୁ ଶପଥ ନେବାକୁ ପଡ଼ିନି। ନୂଆ ମୁହଁ ଭାବେ ତ୍ରିକା ଛନଗା, ସ୍ୱରୂପଜୀ ଠାକୋର, ପ୍ରବୀଣ ମାଲି, ରଷିକେଶ ପଟେଲ, ପିସି ବରଣ୍ଡା, ଦର୍ଶନ ବାଘେଲା, କାନ୍ତିଲାଲ ଅମୃତିୟା, ଅର୍ଜୁନ ଭାଇ ମୋଧୱାଡ଼ି, ଡ. ପ୍ରଦ୍ୟୁମ୍ନ ବଜା, କୌଶିକ ଭେକାରିଆ, ଜିତେନ୍ଦ୍ରଭାଇ ଭଘାନି, ରମଣଭାଇ ସୋଲାଙ୍କି, କମଲେଶଭାଇ ପଟେଲ, ସଞ୍ଜୟ ସିଂହ ମାହିଦା, ରମେଶଭାଇ କଟାରା, ପ୍ରଫୁଲ ପାନସେରିୟା, ମନୀଷା ଭାକିଲ, ଈଶ୍ୱରସିଂହ

▶▶ପୃଷ୍ଠା ୭

## ପୁଲିସ ଏସଆଇ ପରୀକ୍ଷା କେଳେଙ୍କାରୀର ଗୁମର ଖୋଲିଲା କ୍ରାଇମବ୍ରାଂଚ : ଏବେ ବି ଫେରାର ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟି

ଭୁବନେଶ୍ୱର, ୧୭/୧୦ (ନି.ପ୍ର): ଏସ୍ଆଇ ପରୀକ୍ଷା କେଳେଙ୍କାରୀର ଖୋଲୁଛି ଗୁମର । ମାମଲାର ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟି ଫେରାର ହୋଇଯାଇଥିବା ବେଳେ କ୍ରାଇମ୍‌ବ୍ରାଞ୍ଚ ହାତରେ ଧରାପଡ଼ିଛି ପ୍ରମୁଖ ସହଯୋଗୀ ମୁନା ମହାନ୍ତି । ଅନ୍ୟ ତିନି ସହଯୋଗୀ ମଧ୍ୟ ଗିରଫ ହୋଇଛନ୍ତି । ଏମାନେ ଧରାପଡ଼ିବା ପରେ ବିଜୟନଗରମ୍ ଓ ଦୀଘା ମୋଡ୍ୟୁଲର ପୂରା କାହାଣୀ ଜଣାପଡ଼ିଛି। କେମିତି ଚାଲିଥିଲା କ୍ରାଇମ୍ ସିଣ୍ଡିକେଟ୍ ? କାହାର ଥିଲା କ'ଣ ଭୂମିକା ? ସେନେଇ ପୂରା ତଥ୍ୟ ଦେଇଛନ୍ତି କ୍ରାଇମ୍‌ବ୍ରାଞ୍ଚ ଡିଜି । ଫେରାର ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟିର ପ୍ରମୁଖ ସହଯୋଗୀ ଗିରଫ ପରେ ସାମ୍ନାକୁ ଆସିଛି ପୂରା ଘଟଣା। ପୂର୍ବରୁ ଅରବିନ୍ଦ ଦାସ ଆଉ ଏବେ କ୍ରାଇମ୍‌ବ୍ରାଞ୍ଚ ହାତରେ ପ୍ରମୁଖ ସହଯୋଗୀ ମୁନା ମହାନ୍ତି ।

▶▶ପୃଷ୍ଠା ୭

## ସୋମବାର ଦୀପାବଳି ଛୁଟି: ଘୋଷଣା କଲେ ରାଜ୍ୟ ସରକାର

ଭୁବନେଶ୍ୱର, ୧୭/୧୦ (ନି.ପ୍ର): ଆସନ୍ତା ସୋମବାର (୨୦୨୫ ଅକ୍ଟୋବର ୨୦) ତାରିଖରେ ଓଡ଼ିଶାରେ ଦୀପାବଳି ଛୁଟି ହେବ। ଦୀପାବଳି ଛୁଟି ନେଇ ରାଜ୍ୟ ସରକାର ଘୋଷଣା କରିଛନ୍ତି। ଦୀପାବଳି ପାଳନ ନେଇ ପୂର୍ବରୁ ମୁକ୍ତି ମଣ୍ଡପରେ ଘୋଷଣା ହୋଇଛି। ଶ୍ରୀମନ୍ଦିରରେ ଆସନ୍ତା ୨୦ ତାରିଖ ଦିନ ଦୀପାବଳି ଓ ପୟାଶ୍ରାଦ୍ଧ ଆୟୋଜନ ହେବ ବୋଲି ମଧ୍ୟ କୁହାଯାଇଛି। ତେବେ ଲୋକଙ୍କ ମଧ୍ୟରେ ଦୀପାବଳି ପାଳନ ଓ ଛୁଟି ନେଇ ଦ୍ୱନ୍ଦ୍ୱ ରହିଥିଲା। ସୂଚନାଯୋଗ୍ୟ, ଦୀପାବଳି ନେଇ ଚଳିତ ଥର ଦ୍ୱନ୍ଦ୍ୱ ଉପୁଜି ଥିଲା। କିଛି ଲୋକ ଆସନ୍ତା ୨୦ ତାରିଖରେ ଦୀପାବଳି ପାଳନ ପାଇଁ ଚିନ୍ତା କରୁଛନ୍ତି। ଆଉ କିଛି ଅକ୍ଟୋବର ୨୧ରେ ଦୀପାବଳି ହେବ ବୋଲି କହୁଛନ୍ତି। ୨୦ ତାରିଖ ଦିନ ଦିନ ଦୀପଦାନ ଏବଂ ପୟା ଶ୍ରାଦ୍ଧ ପାଳିବାକୁ ମୁକ୍ତିମଣ୍ଡପ ପଣ୍ଡିତ ସଭା ପକ୍ଷରୁ କୁହାଯାଇଛି। ସରକାର ୨୧ ତାରିଖ ପରିବର୍ତ୍ତେ ୨୦ ତାରିଖକୁ ଛୁଟି ଘୋଷଣା କରିବାକୁ ଦାବି ହୋଇଥିଲା।

# ଚମ୍ପୁଆରେ ପ୍ରହସନ ପାଲଟିଛି ୧୦୮ ଆମ୍ବୁଲାନ୍ସ ସେବା

ଚମ୍ପୁଆ, ୧୭/୧୦ (ନି.ପ୍ର): ଚମ୍ପୁଆ ଅଂଚଳରେ ୧୦୮ ଆମ୍ବୁଲାନ୍ସ ସେବା ବିପର୍ଯ୍ୟସ୍ତ ହୋଇ ପଡିଥିବା ଦେଖିବାକୁ ମିଳୁଛି। ଚମ୍ପୁଆ ଉପଖଣ୍ଡକୁ ଓଡ଼ିଶାର କୁବେରପୁରୀ କୁହାଯାଉଥିବାବେଳେ ଏଠି ଲୋକମାନେ ଆମ୍ବୁଲାନ୍ସ ସେବା ଟିକେ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସରକାର ରୋଗୀ ସେବା ସକାଶେ ଆମ୍ବୁଲାନ୍ସ ବାବଦକୁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି, କିନ୍ତୁ ଚମ୍ପୁଆ ଅଂଚଳରେ ତାହା ଏକ ପ୍ରହସନରେ ପରିଣତ ହୋଇଛି। ବିଭାଗୀୟ କର୍ତ୍ତୃପକ୍ଷଙ୍କ ପରିଚାଳନାରେ ଅବହେଳା ପାଇଁ ଆମ୍ବୁଲାନ୍ସ ଗୁଡିକ ଅଧା ରାସ୍ତାରେ ଖରାପ ହେବା ନିତି ଦିନିଆ ଘଟଣା ପାଲଟିଛି। ଫଳରେ ରୋଗୀ ଜୀବନ ମରଣ ସହିତ ସଂଗ୍ରାମ କରୁଛନ୍ତି। ବୁଧବାର ଦିନ ଏକ ୧୦୮ ଆମ୍ବୁଲାନ୍ସ ରାତି ପ୍ରାୟ ୧୨ଟା ୩୦ ମିନିଟ ସମୟରେ ଚମ୍ପୁଆ ବ୍ଲକ ଅନ୍ତର୍ଗତ କରଞ୍ଜିଆ ଗ୍ରାମରୁ ଏକ ରୋଗୀ ନେଇ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟକୁ ଆସୁଥିବା ବେଳେ ଜୟନ୍ତୀନାପୁର ଛକ ନିକଟରେ ଗାଡି ଖରାପ ହୋଇଥିଲା। କର୍ମଚାରୀ ମାନେ ଉପରିସ୍ଥ ଅଧିକାରୀଙ୍କୁ ଏ ସମ୍ପର୍କରେ ଜଣାଇବା ପରେ ଦୀର୍ଘ ସମୟ ପରେ ଯୋଡ଼ାରୁ ଏକ ଆମ୍ବୁଲାନ୍ସ ଆସି ରୋଗୀକୁ ଡାକ୍ତରଖାନା ନେଇଥିଲା। ଆମ୍ବୁଲାନ୍ସ ଭିତରେ ରୋଗୀ ଜଣକ ଘଂଟା ଘଂଟା ଧରି ଛଟପଟ ହୋଇଥିଲେ। ଆମ୍ବୁଲାନ୍ସ ଖରାପ ହେବାର ୧୨ ଘଂଟା ବିତି ଯାଇଥିଲେ ମଧ୍ୟ ବିଭାଗ ପକ୍ଷରୁ ଆମ୍ବୁଲାନ୍ସ ସଜାଡ଼ିବାକୁ କୌଣସି ମିସ୍ତ୍ରୀ ଯାଇ ନ ଥିଲେ। ଫଳରେ ଆମ୍ବୁଲାନ୍ସ କର୍ମଚାରୀ ମାନେ ମଧ୍ୟ ଭୋକ ଓପାସରେ ଦିନ କାଟିଥିଲେ। ପରେ ପ୍ରାୟ ପନ୍ଦର ଘଣ୍ଟା ପରେ ମିସ୍ତ୍ରୀ ଯାଇ ଗାଡି ଠିକ କରିଥିଲେ। ତେବେ ଏହିପରି ଘଟଣା ଚମ୍ପୁଆ ଅଂଚଳରେ କିଛି ନୂଆ କଥା ନୁହେଁ, ପୂର୍ବରୁ ମଧ୍ୟ ଏହିପରି ଘଟଣା ପ୍ରାୟ ସମୟରେ ଘଟିଥିବା ନଜିର ରହିଛି। କେତେବେଳେ ଆମ୍ବୁଲାନ୍ସର କବାଟ ଭାଙ୍ଗି ପଡି ଯାଇଛି ତ ଆଉ କେତେବେଳେ ଗାଡ଼ିରେ ମୋବିଲ ନ ଥିବାରୁ ଗାଡି ଅଧ ରାସ୍ତାରେ ପଡି ରହିଛି। ଦୀର୍ଘ ଦିନରୁ ଏହି ସମସ୍ୟା ଉପୁଜୁଥିଲେ ମଧ୍ୟ ବିଭାଗୀୟ ଅଧିକାରୀ ମାନେ ସବୁ ଜାଣି ନ ଜାଣିଲା ପରି ନିରବଦ୍ରଷ୍ଟା ସାଜିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଅନ୍ୟପକ୍ଷରେ ଆମ୍ବୁଲାନ୍ସ ମେଂଟାନାନ୍ସ କରିବାକୁ ଦିଆଯାଉଥିବା ଅନୁଦାନ ଅର୍ଥକୁ ଅଧିକାରୀ ମାନେ ହଡପ କରି ଆମ୍ବୁଲାନ୍ସ ଗୁଡିକୁ ନିୟମିତ ମେଂଟାନାନ୍ସ କରାଯାଉ ନଥିବାରୁ ଏହିପରି ଅସୁବିଧାର ସମ୍ମୁଖୀନ ହେଉଥିବା କୁହାଯାଉଛି। ପରିଚାଳନା କର୍ତ୍ତୃପକ୍ଷଙ୍କୁ ଏ ସମ୍ପର୍କରେ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ଫୋନ ନ ଉଠାଇବାରୁ କୌଣସି ମତାମତ ମିଳି ପାରିନାହିଁ।

# ଟିପଟପ ସରକାରୀ ଉଚ୍ଚ ବିଦ୍ୟାଳୟ ଭୀମପୁରରେ ସୁରଭି କାର୍ଯ୍ୟକ୍ରମ

ଚମ୍ପୁଆ, ୧୭/୧୦ (ନି.ପ୍ର): ଚମ୍ପୁଆ ବ୍ଲକ ଭୀମପୁର କ୍ଲଷ୍ଟର ଅନ୍ତର୍ଗତ ଟିପଟପ ସରକାରୀ ଉଚ୍ଚ ବିଦ୍ୟାଳୟ ଭୀମପୁରରେ କ୍ଲଷ୍ଟର ସ୍ତରୀୟ ସୁରଭି ୨୦୨୫-୨୬ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ପିଲା ମାନଙ୍କର ଗୁଣାତ୍ମକ ଶିକ୍ଷା ସହିତ ସଂସ୍କୃତି, ପରମ୍ପରା ସୁରକ୍ଷା ନିମିତ ସୁରଭି କାର୍ଯ୍ୟକ୍ରମ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ନବକିଶୋର ମହାନ୍ତଙ୍କ ସଭାପତିତ୍ୱରେ ସିଆରସି ତ୍ରିନାଥ ମହାନ୍ତଙ୍କ ସଂଯୋଜନାରେ ଅତି ଜାକଜମକରେ ପାଳନ କରା ଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପଞ୍ଚସଖା ଶିକ୍ଷା ସେଣ୍ଟର ର ସମ୍ପାଦକ ତଥା ଅବସରପ୍ରାପ୍ତ ସୈନିକ ଭକ୍ତ ବନ୍ଧୁ ବାରିକ, ମୁଖ୍ୟବକ୍ତା ଭାବେ ଭି. ଏ. ଡବ୍ଲ୍ୟୁ. ତଥା ସମାଜସେବୀ ଶ୍ରୀଯୁକ୍ତ ପିତାମ୍ବର ବାରିକ, ସମ୍ମାନୀତ ଅତିଥିଭାବେ ବିଦ୍ୟାଳୟ ପରିଚାଳନା କମିଟିର ଧାନେନ୍ଦ୍ର ବେହେରା, ଅବସରପ୍ରାପ୍ତ ସେନାଧିକାରୀ ମଦନ ମୋହନ ସେଠୀ ଯୋଗଦେଇ ଶିକ୍ଷା ଓ ସଂସ୍କୃତି ଉପରେ ବିସ୍ତୃତ ଆଲୋଚନା କରିଥିଲେ। ବିଦ୍ୟାଳୟର ଶିକ୍ଷକ ଶରତ କୁମାର ନାଏକ ମଂଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ କ୍ଲଷ୍ଟର ୧୩ ଟି ବିଦ୍ୟାଳୟର ୮୦ ଜଣ ଛାତ୍ର, ଛାତ୍ରୀ ଅଂଶ ଗ୍ରହଣ କରିଥିବା ବେଳେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ପରିଶେଷରେ କୃତି ପ୍ରତିଯୋଗୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

# କେସିସି ବ୍ୟାଙ୍କ ବୋର୍ଡର ବୈଠକ

ଜୟପୁର, ୧୭/୧୦ (ନି.ପ୍ର): କୋରାପୁଟ ଜିଲ୍ଲା କୋରାପୁଟ କେନ୍ଦ୍ରୀୟ ସମବାୟ (କେସିସି) ବ୍ୟାଙ୍କର ନିର୍ଦ୍ଦେଶକ ବୋର୍ଡର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଜୟପୁର ସ୍ଥିତ ବ୍ୟାଙ୍କ ପ୍ରଶାସନିକ ଭବନ ଠାରେ ଅନୁଷ୍ଠିତ ହୋଇଥିଲା। କେସିସି ବ୍ୟାଙ୍କ ସଭାପତି ଇଶ୍ୱର ପାଣିଗ୍ରାହୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ବ୍ୟାଙ୍କ ଋଣଧାରୀ ମାନଙ୍କୁ ପରିଶୋଧରେ ସମସ୍ୟା ହେଉଥିବା ଯୋଗୁଁ ଏକକାଳୀନ ଋଣ ପରିଶୋଧ ନେଇ ବ୍ୟବସ୍ଥା କରିବା ନେଇ ଆଲୋଚନା ହୋଇଥିଲା। ବିଭିନ୍ନ ଆରସିଏମଏସ ଗୁଡିକର ଭବନ ନିର୍ମାଣ ଏବଂ ଚାଷୀ ମାନଙ୍କୁ କିଭଳି ସୁବିଧାରେ ଋଣ ପ୍ରଦାନ କରାଯିବା ସହ ଅନ୍ୟାନ୍ୟ ବିଷୟ ନେଇ ଆଲୋଚନା ହୋଇଥିଲା।

ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ଦୃପତା ଭତ୍ରା, ବରିଷ୍ଠ ନିର୍ଦ୍ଦେଶକ ରମାକାନ୍ତ ରାଉଳ, ବାଙ୍ଗାଡି ତ୍ରିପତି ରାଓ, ସଙ୍ଗମିତ୍ରା ପଟ୍ଟନାୟକ, ଭୀମ ହରିଜ, ପ୍ରଭା ଜାନୀ, ଗୋପୀ ପାଙ୍ଗୀ, ସାଲିମଧର ଭତ୍ରା, ଶ୍ୟାମଲାଲ ବଞ୍ଜାରା, ଡିଆରସିଏସ ମୋନିକା ରାୟ, ସମ୍ପାଦକ ଅତ୍ୟଲ୍ୟ କୁମାର ମଲ୍ଲିକ, ଏଜିଏମ ହରିଶ୍ଚନ୍ଦ୍ର ବାଙ୍ଗାଡି ପ୍ରମୁଖ ଉପସ୍ଥିତ ଥିଲେ।

# ୩ ସାର୍ପ ସୁଟରଙ୍କୁ ପୋଲିସର ପଚରା ଉଚୁରା

ଗଞ୍ଜାମ, ୧୭/୧୦ (ନି.ପ୍ର): ଆଇନଜୀବୀ ତଥା ବିଜେପି ନେତା ପୀତବାସ ପଣ୍ଡା ହତ୍ୟା ମାମଲାରେ ୩ ଜଣ ସାର୍ପ ସୁଟରଙ୍କୁ ଧରିଛି ବ୍ରହ୍ମପୁର ପୋଲିସ। ବିହାରରୁ ସମ୍ପୃକ୍ତ ୩ ଜଣଙ୍କୁ ପୋଲିସ ଉଠାଇ ଆଣିଥିବା ସୂଚନା ମିଳିଛି। ଗତକାଲି ରାତିରେ ସେମାନଙ୍କୁ ବ୍ରହ୍ମପୁର ଆଣି ବୈଦ୍ୟନାଥପୁର ଥାନାରେ ରଖି ପଚରା ଉଚୁରା କରାଯାଉଛି। ସେମାନଙ୍କ ନିକଟରୁ ଅଧିକ ତଥ୍ୟ ହାସଲ କରିବାକୁ ପୋଲିସ ଉଦ୍ୟମ ଚଳାଇଛି। ବ୍ରହ୍ମପୁରରୁ ଅପରାଧୀମାନେ ସେମାନଙ୍କୁ ହାତ କରି (ସୁପାରି ଦେଇ) ପିତବାସଙ୍କୁ ହତ୍ୟା କରିଥିବା ସନ୍ଦେହ କରାଯାଉଛି। ଏତଦ୍ ବ୍ୟତୀତ ବିହାର, କୋଲକାତା ଓ ଦିଲ୍ଲୀରେ ଏହି ହତ୍ୟା କାଣ୍ଡର ଲିଙ୍କ୍ ଥିବା ପୋଲିସ ସନ୍ଦେହ କରୁଛି। ପ୍ରତ୍ୟକ୍ଷଦର୍ଶୀ, ସହକର୍ମୀଙ୍କୁ ମିଶାଇ ଏଯାବତ୍ ୫୦ରୁ ଅଧିକ ଜଣଙ୍କୁ ଜେରା କରାଗଲାଣି। ଶବ ବ୍ୟବଚ୍ଛେଦ ରିପୋର୍ଟ ପୋଲିସର ହସ୍ତଗତ ହୋଇଛି। ପୋଲିସ ପକ୍ଷରୁ ଏନେଇ ତଦନ୍ତ ଜାରି ରହିଛି।

# ଜୟପୁର ବ୍ଲକ କାର୍ଯ୍ୟାଳୟ: ଏଠି ସେଠି କାର୍ଯ୍ୟ କରି ଦାୟିତ୍ୱ ତୁଲାଉଛନ୍ତି ଅଧିକାରି

ଜୟପୁର, ୧୭/୧୦ (ନି.ପ୍ର): କୋରାପୁଟ ଜିଲାର ଏକ ପ୍ରମୁଖ ବ୍ଲକ ହେଉଛି ଜୟପୁର ବ୍ଲକ। ସରକାରି ଯୋଜନା ସହ ବିକାଶମୁଳକ କାର୍ଯ୍ୟ ପାଇ ବ୍ଲକ କାର୍ଯ୍ୟ। ଲୟ ରହିଛି। କିନ୍ତୁ ଏହି ବ୍ଲକରେ ଅଧିକାରି ଓ କର୍ମଚାରି ଏଠି ସେଠି କାର୍ଯ୍ୟକରି ଦାୟିତ୍ୱ ତୁଲାଉଛନ୍ତି। ଯାହାକି ଅତିରିକ୍ତ ଦାୟିତ୍ୱରେ ଚାଲିଛି ଜୟପୁର ବ୍ଲକ କାଯ୍ୟାଳୟ। ଜୟପୁର ବିଡିଓ ଶକ୍ତି ମହାପାତ୍ରଙ୍କୁ ବୈପାରିଗୁଡା ବ୍ଲକର ଅତିରିକ୍ତ ଦାୟିତ୍ୱ। ଦିନେ ଜୟପୁରରେ ପର ଦିନ ବୈପାରିଗୁଡାରେ ବିଡିଓ ଦାୟିତ୍ୱ ତୁଲାଉଛନ୍ତି। ସେହିପରି ଜୟପୁର ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଙ୍କ ପଦୋନ୍ନତି ପରେ ଏଠାରେ ଆଉ ନିଯୁକ୍ତି ନାହିଁ। ବୈପାରିଗୁଡାର ସାମାଜିକ ଅଧିକାରି ଏଠାରେ ଦାୟିତ୍ୱ ତୁଲାଉଛନ୍ତି। ଯୋଗାଣ ବିଭାଗର ନିରିକ୍ଷକ ଅତିରିକ୍ତ ଦାୟିତ୍ୱ ଏଠାରେ ତୁଲାଉଛନ୍ତି। ଜିପିଓ ପଦବି ଖାଲି ପଡିଛି ପିଇଓ ଦାୟିତ୍ୱରେ ରହି ତୁଲାଉଛନ୍ତି। ସହକାରି ନିର୍ବାହୀ ଯନ୍ତ୍ରୀ ଖାଲି ପଡିଥିବା ବେଳେ ସହକାରି ଯନ୍ତ୍ରୀ କାର୍ଯ୍ୟ ତୁଲାଉଛନ୍ତି। ୧୧ ଜଣ କନିଷ୍ଠ ଯନ୍ତ୍ରୀଙ୍କ ବଦଳେ ୭ ଜଣ ରହିଥିବା ବେଳେ ୪ ଜଣ କନିଷ୍ଠ ଯନ୍ତ୍ରୀ ପଦବୀ ଖାଲି ପଡିଛି। ୨୨ଟି ପିଇଓ ବଦଳରେ ୧୩ ଜଣ ଥିବାବେଳେ୯ଟି ଖାଲି ପଡିଛି। ୨୨ଟି ଜିଆରଏସ ମଧ୍ୟରୁ ୯ ଜଣ ଥିବାବେଳେ ୧୩ଟି ପଦବି ଖାଲି ପଡିଛି। ୨୨ଟି ଏଡିଓ ମଧ୍ୟରୁ ୧୭ ଜଣ ଥିବାବେଳେ ୫ଟି ପଦବି ଖାଲି ପଡିଛି। ମୁଖ୍ୟ କିରାଣି ପଦବି ଖାଲି ପଡିଥିବା ବେଳେ କନିଷ୍ଠ କିରାଣି ଦାୟିତ୍ୱରେ ଅଛନ୍ତି। ଜୟପୁର ବ୍ଲକର ଡିବ୍ଲୁଓଙ୍କୁ କୋଟପାଡ ଡିବ୍ଲୁଓ ଦାୟିତ୍ୱରେ ଅଛନ୍ତି। ଏଠାରେ ଥିବା ଅଧିକାରିଙ୍କୁ ଅନ୍ୟ ବ୍ଲକର ଅତିରିକ୍ତ ଦାୟିତ୍ୱ ଓ ଅନ୍ୟ ବ୍ଲକର ଅଧିକାରିଙ୍କୁ ଏଠାକାର ଅତିରିକ୍ତ ଦାୟିତ୍ୱରେ ଅଧିକାରି ମାନେ ଏଠି ସେଠି ହୋଇ ଦାୟିତ୍ୱ ନିର୍ବାହ କରୁଛନ୍ତି। ଫଳରେ ବ୍ଲକ ଅଧିନରେ ଥିବା ଜନ ସାଧାରଣ, ହିତାଧିକାରି ମାନେ ଅସୁବିଧାର ସମ୍ମୁଖିନ ହେବାକୁ ପଡୁଥିବା ଲକ୍ଷ୍ୟ କରାଯାଇଛି। ବିଡିଓଙ୍କୁ ସାକ୍ଷାତ କରିବାକୁ କେହି ହିତାଧିକାରି ଆସିଲେ ବୈପାରିଗୁଡା ଯାଇଥିବା କର୍ମଚାରି ସୂଚନା ଦେଉଛନ୍ତି। ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଙ୍କୁ ସାକ୍ଷାତ କରିବାକୁ ଆସିଲେ ଅନ୍ୟ କର୍ମଚାରି ମାନେ ସମସ୍ୟା ବୁଝୁଛନ୍ତି। ଏପରି ଭାବରେ ଜୟପୁର ବ୍ଲକ କାଯ୍ୟାଳୟରେ ଅତିରିକ୍ତ ଦାୟିତ୍ୱରେ ଚାଲିଛି ବ୍ଲକ କାଯ୍ୟାଳୟ। ତେଣୁ ଜିଲା ପ୍ରଶାସନ ଓ ସରକାର ତୁରନ୍ତ ଦୃଷ୍ଟି ଦେଇ ଲୋକଙ୍କ ସମସ୍ୟାର ସମାଧାନ ପାଇଁ ଅତିରିକ୍ତ ଦାୟିତ୍ୱରୁ ମୁକ୍ତ କରି ଅଧିକାରି ନିଯୁକ୍ତି କରିବାକୁ ମତ ପ୍ରକାଶ ପାଇଛି। ଏନେଇ ଜୟପୁର ବିଡିଓ ଶକ୍ତି ମହାପାତ୍ରଙ୍କୁ ପଚାରିବାରୁ ସେ କହିଥିଲେ ଏଠି ସେଠି କାର୍ଯ୍ୟକାରି ଦାୟିତ୍ୱରେ ଥିଲେ ବି ବ୍ଲକ କାଯ୍ୟାଳୟ ଠିକ ସେ ଚାଲିଛି। ଲୋକଙ୍କ ସେବାରେ ଅବହେଳା କରାଯାଉ ନାହିଁ।

# ରେଳ ଉପଭୋକ୍ତା ସଂଘର ସାଧାରଣ ବୈଠକ

ବଲାଙ୍ଗିର, ୧୭/୧୦ (ନି.ପ୍ର): ସ୍ଥାନୀୟ ଆର୍ଯ୍ୟ ସମାଜ ମନ୍ଦିର ଠାରେ ରେଳ ଉପଭୋକ୍ତା ସଂଘର ସାଧାରଣ ବୈଠକ ଆଜି ପ୍ରଫେସର ତରୁଣ କୁମାର ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭ୍ୟ ନରେନ୍ଦ୍ର କବାଟଙ୍କ ବିୟୋଗରେ ଆତ୍ମାର ସଦ୍‌ଗତି କାମନା କରି ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ସଂପାଦକ ବିମଲ ଚକ୍ରବର୍ତ୍ତି ବିବରଣୀ ପାଠ ପରେ କୋଷାଧକ୍ଷ ଆୟବ୍ୟୟର ହିସାବ ରଖିଥିଲେ। ଏହାକୁ ସଭ୍ୟମାନେ କରତାଳି ଦେଇ ସମର୍ଥନ ଜଣାଇଥିଲେ। ଗୋପବନ୍ଧୁ ପୁରୋହିତ, ଋତୁରାଜ ସିଂହ, ଧର୍ମବ୍ରତ ରଥ, ନରେନ୍ଦ୍ର ଆଚାର୍ଯ୍ୟ, ଶିବ ନାରାୟଣ ରଥ, ଦିବାକର ହୋତା ଓ ପଙ୍କଜିନି ପଣ୍ଡା ପ୍ରମୁଖ ଟଙ୍କା ଥାଇ ଲିଫ୍ଟ କାମ ୫ ମାସ ହୋଇ ପଡିରହିବା, ପିଆଇଟି ଲାଇନ ପାଇଁ ସର୍ଭେ ହୋଇଥିଲେ ମଧ୍ୟ ଅନୁମୋଦନ ନପାଇବା, ସର୍ବୋପରି ଭୁବନେଶ୍ୱର ହେଡ ଅଫିସରୁ ଭୁବନେଶ୍ୱରକୁ ପ୍ରତ୍ୟେକ ଦିନ ଯିବା ଆସିବା କରିବା ପାଇଁ ଏକ ସକାଳୁଆ ଟ୍ରେନ ର ସବୁଜ ସଂକେତ ମିଳିଥିଲେ ମଧ୍ୟ ଟ୍ରେନ ନ ଚାଲିବା ଆଦି ଦାବି ନେଇ ବରଗଡ ରେଳ ଉପଭୋକ୍ତା ସଂଘ ଯଦି ଆନ୍ଦୋଳନ କରେ ତାକୁ ସମର୍ଥନ ଦେବା ଏବଂ ଏକ ଦଳ ସ୍ଥାନୀୟ ସାଂସଦଙ୍କ ସହ ରେଳମନ୍ତ୍ରୀଙ୍କୁ ଭେଟିବା ପାଇଁ ପ୍ରସ୍ତାବ ଗୃହିତ ହୋଇଥିଲା। ସଭାପତି ପ୍ରଫେସର ମିଶ୍ର ଅନ୍ୟ ଅମୃତ ଭାରତ ଷ୍ଟେସନ ତୁଳନାରେ ବଲାଙ୍ଗିରରେ କାର୍ଯ୍ୟ ଅତି ମନ୍ଥରଗତି ହୋଇଥିବା ଏବଂ ରେଳବାଇ ବିଭାଗର ବୈମାତୃକ ମନୋଭାବ ପାଇଁ ଆଗାମୀ ଦିନରେ ତିନି ଦିନିଆ ଧର୍ମଘଟ କରାଯିବ ପାଇଁ କହିଥିଲେ। ଉକ୍ତ ସଭାରେ ମୋତିଲାଲ ସାହୁ, ବାଲୁଲାଲ ଖେଡିଆ, ମନୋରଂଜନ ପୁରୋହିତ, ନିତ୍ୟାନନ୍ଦ ମିଶ୍ର, ବ୍ରଜ କିଶୋର ପଣ୍ଡା, ସଲିମ ଖାନ, ସୁବ୍ରତ ବହିଦାର, ଅତୁଳ ଅଗ୍ରୱାଲ, ଅଦିତ୍ୟ ନାରାୟଣ ସାହୁ, ଶତୃଘ୍ନ ସିଂହ, ସୁବାଷ ଶତପଥି, ଅଶୋକ କୁମାର ମିଶ୍ର, ବିଶ୍ୱନାଥ ତ୍ରିପାଠି, ରାମ ପ୍ରସାଦ ସେଠ, ପ୍ରଦୀପ ନେପାକ, ମହେଶ ମାଲାଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ। ହିତେଶ କୁମାର ସାହୁ ସହଯୋଗ କରିଥିଲେ ଏବଂ ଅଶୋକ କୁମାର ଚାନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

# ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ କବି ବିଦ୍ୟୁତପ୍ରଭା ଦେବୀଙ୍କ କୃତି ଉପରେ ଜାତୀୟ ସମ୍ମିଳନୀର ଶୁଭାରମ୍ଭ

ଜୟପୁର, ୧୭/୧୦ (ନି.ପ୍ର): ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ (ସିୟୁଓ)ରେ ପ୍ରସିଦ୍ଧ ଓଡ଼ିଆ ନାରୀକବି ଶ୍ରୀମତୀ ବିଦ୍ୟୁତପ୍ରଭା ଦେବୀଙ୍କ ଜନ୍ମଶତାବ୍ଦୀ ଅବସରରେ "କବି ବିଦ୍ୟୁତପ୍ରଭା ଦେବୀଙ୍କ କବିତା: ନବମୂଲ୍ୟାୟନ" ଶୀର୍ଷକ ଦୁଇଦିନିଆ ଜାତୀୟ ସମ୍ମିଳନୀର ଶୁଭାରମ୍ଭ ଆଜି ହୋଇଯାଇଛି। କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଏହି ସମ୍ମିଳନୀର ଆୟୋଜନ କରୁଅଛି। ଉଦ୍ଘାଟନ ଅଧିବେଶନର ଅଧକ୍ଷତା ସିୟୁଓର ଭାରପ୍ରାପ୍ତ କୁଳପତି ପ୍ରଫେସର ନରସିଂହ ଚରଣ ପଣ୍ଡା କରିଥିଲେ। ବିଶେଷ ଅତିଥି ଭାବେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ସଦସ୍ୟ, ପ୍ରଖ୍ୟାତ ଶିକ୍ଷାବିଦ ଓ ସିୟୁଓର ପୂର୍ବତନ କୁଳପତି ପ୍ରଫେସର ସଚିଦାନନ୍ଦ ମହାନ୍ତି ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ଏକ ସାରଗର୍ଭକ ଅଭିଭାଷଣ ପ୍ରଦାନ କରିଥିଲେ। ବିକ୍ରମ ଦେବ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଦେବୀପ୍ରସାଦ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ପ୍ରସିଦ୍ଧ ନାରୀ କବି ଓ ଲେଖିକା ଡା. ମନୋରମା ବିଶ୍ୱାଳ ମହାପାତ୍ର ଓ ଫକୀର ମୋହନ ବିଶ୍ୱବିଦ୍ୟାଳୟର ପ୍ରଫେସର ଦେବାଶିଷ ପାତ୍ର ବିଶିଷ୍ଟ ଅତିଥି ଭାବେ ଉପସ୍ଥିତ ଥିଲେ। ସଭାର ଆରମ୍ଭରେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ଡା. ପ୍ରଦୋଷ କୁମାର ସ୍ୱାଇଁ ସ୍ୱାଗତ ଭାଷଣ ଦେଇ ବିଦ୍ୟୁପ୍ରଭା ଦେବୀଙ୍କ ଜୀବନ ଓ ସାହିତ୍ୟ ସଫଳତା ବିଷୟରେ ଆଲୋକପାତ କରିଥିଲେ।

ପ୍ରଫେସର ସଚିଦାନନ୍ଦ ମହାନ୍ତି ନିଜ ମାତା, ଦିବଙ୍ଗତ କବିତ ବିଦ୍ୟୁତପ୍ରଭା ଦେବୀଙ୍କ ଜୀବନ, ସଂଘର୍ଷ ଓ ସାହିତ୍ୟିକ ଆତ୍ମବିଶ୍ଳେଷଣ ଉପରେ ଭାବଗର୍ଭକ ଅଭିଭାଷଣ ରଖିଥିଲେ। ସେ କହିଥିଲେ, "ବିଦ୍ୟୁତପ୍ରଭା ଦେବୀଙ୍କ କବିତା ହେଉଛି ସୌନ୍ଦର୍ଯ୍ୟ ଓ ସମାଜିକ ସଚେତନତାର ସମନ୍ୱୟ, ଯାହା ଓଡ଼ିଆ ସାହିତ୍ୟକୁ ସମାବେଶ, ଆତ୍ମପର୍ଯ୍ୟାଲୋଚନା ଓ ସଂସ୍କୃତିକ ଗଭୀରତା ଦେଇଛି।" ତାଙ୍କ ରଚନାରେ ନିହିତ ପାରମ୍ପରିକ ମୂଲ୍ୟବୋଧଗୁଡିକୁ ଉଲ୍ଲେଖ କରି ସେ ସମାଜର ଅଗ୍ରଗତି ପାଇଁ ସାଂସ୍କୃତିକ ଐତିହ୍ୟ ସୁରକ୍ଷାର ଆବଶ୍ୟକତା ଉପରେ ଜୋର ଦେଇଥିଲେ। ସେ କହିଥିଲେ, "ବାକ୍ୟ ଓ କର୍ମର ଏକତା—ଯାହା ଆଜିର ଦିନରେ ଅତ୍ୟନ୍ତ ଦୁର୍ଲଭ—ସେହିଥିଲା ତାଙ୍କ ଜୀବନ ଓ କବିତାର ମୂଳ ସାର।" ଏହା ସହିତ ସେ କୁନ୍ତଳା କୁମାରୀ ଓ ସରଳା ଦେବୀ ପରି ଅନ୍ୟାନ୍ୟ ଅଗ୍ରଗାମୀ ମହିଳା ସାହିତ୍ୟିକମାନଙ୍କୁ ମଧ୍ୟ ସ୍ମରଣ କରିଥିଲେ। ପ୍ରଫେସର ନରସିଂହ ଚରଣ ପଣ୍ଡା ତାଙ୍କ ଅଧକ୍ଷୀୟ ଉଦ୍‌ବୋଧନରେ କହିଥିଲେ, "କବି କେବେ ତିଆରି କରାଯାଇ ପାରେନାହିଁ, କବି ସବୁବେଳେ ଦିବ୍ୟ କୃପାରେ ଜନ୍ମ ନେଇଥାନ୍ତି।" ସେ ଆଶା ବ୍ୟକ୍ତ କରିଥିଲେ ଯେ ଏହି ସମ୍ମିଳନୀ ବିଦ୍ୟୁତପ୍ରଭା ଦେବୀଙ୍କ କୃତି ଓ ଚିନ୍ତାଧାରାକୁ ବିଶ୍ୱସ୍ତରରେ ପହଂଚାଇବ। ସେ ସିୟୁଓ ପୁସ୍ତକାଳୟରେ ଏକ ପାଣ୍ଡୁଲିପି ଶାଖା ଗଠନ କରାଯିବ ବୋଲି ଘୋଷଣା କରିଥିଲେ।

ଡା. ମନୋରମା ବିଶ୍ୱାଳ ମହାପାତ୍ର ବିଦ୍ୟୁପ୍ରଭା ଦେବୀଙ୍କ ସହିତ ନିଜ ଆତ୍ମୀୟ ସଂସ୍ପର୍ଶର ସ୍ମୃତି ଉଲ୍ଲେଖ କରି ମହିଳା ଶିକ୍ଷା ପ୍ରଚାର ପ୍ରସାର କରିବାରେ ତାଙ୍କ ଅବଦାନକୁ ସ୍ମରଣ କରିଥିଲେ। ପ୍ରଫେସର ଦେବୀପ୍ରସାଦ ମିଶ୍ର ତାଙ୍କ ସାହିତ୍ୟ ଓ ସମାଜ ପ୍ରତି ଅବଦାନ ଉପରେ ଆଲୋକ ପାତ କରିଥିଲେ, ଯେଉଁଠି ପ୍ରଫେସର ଦେବାଶିଷ ପାତ୍ର ତାଙ୍କ କବିତାରେ ଚିରନ୍ତନ ମୂଲ୍ୟବୋଧ ବିଷୟରେ ବର୍ଣ୍ଣନା କରିଥିଲେ। ସଭାର ଶେଷରେ ଓଡ଼ିଆ ବିଭାଗର ସହାୟକ ଅଧ୍ୟାପକ ଡା. ଆଲୋକ ବରାଳ ଧନ୍ୟବାଦ ଜଣାଇଥିଲେ। ଉପସ୍ଥାପନ ଓଡିଆ ବିଭାଗର ଛାତ୍ର ଶ୍ରୀ ଶାଶ୍ୱତ ଦଣ୍ଡିଆ କରିଥିଲେ। ଦେଶର ବିଭିନ୍ନ ସ୍ଥାନରୁ ଆସିଥିବା ଶିକ୍ଷକ, ସାହିତ୍ୟକ, ଶୋଧକାରୀ ଓ ଛାତ୍ରଛାତ୍ରୀମାନଅଙ୍କ ସମେତ ପ୍ରଫେସର ସନ୍ତୋଷ ତ୍ରିପାଠୀ, ଡା. ବାବାଜୀ ଚରଣ ପଟ୍ଟନାୟକ, ଡା. ଶତ୍ରୁଘ୍ନ ପାଣ୍ଡବ, ବିଶ୍ୱବିଦ୍ୟାଳୟର ଲୋକସମ୍ପର୍କ ଅଧିକାରୀ ଡା. ଫାଗୁନାଥ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସମ୍ମିଳନୀ ଶୁକ୍ରବାର ପର୍ଯ୍ୟନ୍ତ ଚାଲିବ, ଯେଉଁଠି ବିଦ୍ୟୁପ୍ରଭା ଦେବୀଙ୍କ କବିତା ଦୃଷ୍ଟିକୋଣ ଓ ସାହିତ୍ୟିକ ଉତ୍ସ ଉପରେ ବିଭିନ୍ନ ପ୍ରସ୍ତୁତି ଓ ଆଲୋଚନା ହେବ।

# ଶିଶୁ ମହୋତ୍ସବ ସୁରଭି ବାରିଣୀପୁଟଠାରେ ଅନୁଷ୍ଠିତ

ଜୟପୁର, ୧୭/୧୦ (ନି.ପ୍ର): ଜୟପୁର ଶିକ୍ଷା ବ୍ଲକ ଅନ୍ତର୍ଗତ ବାରିଣୀପୁଟ କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୫ କାର୍ଯ୍ୟକ୍ରମ ଉଚ୍ଚ ବିଦ୍ୟାଳୟ ବାରିଣୀପୁଟ ଠାରେ ଅନୁଷ୍ଠିତ ହୋଇଯାଇଛି କ୍ଷ ଜୟପୁର ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କେ ଗୋପାଳ ଏବଂ ଦିଲ୍ଲୀପ ପଣ୍ଡା ମୁଖ୍ୟ ଅତିଥି ରୂପେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବାରିଣୀପୁଟ କ୍ଲଷ୍ଟରର ୧୮ଟି ବିଦ୍ୟାଳୟରୁ ପାଖାପାଖି ୨୭୦ ଜଣ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ କ୍ଷ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ରାଙ୍କନ, ବକ୍ତୃତା, କୁଇଜ, ବିତର୍କ, ସୁନ୍ଦର ହସ୍ତାକ୍ଷର, ସୃଜନଶୀଳ ଲିଖନ, ଗଣିତ ଦୌଡ଼, ଗଳ୍ପ କଥନ, ସଂଗୀତ, ଦଳଗତ ନୃତ୍ୟ ପ୍ରତିଯୋଗିତା କରାଯାଇଥିଲା। ବାରିଣୀପୁଟ କ୍ଲଷ୍ଟରର ଆଂଚଳିକ ସାଧନ କେନ୍ଦ୍ର ସଂଯୋଜକ ଜ୍ୟୋତିଶଙ୍କର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମଟିକୁ ଆୟୋଜନ କରାଯାଇଥିଲା।

ସେହିଭଳି ଉଦଯାପନୀ ସଭାରେ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ସୋମନାଥ ଗାଦବା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜୟପୁର ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଦେବୀପ୍ରସାଦ ଦାସ, ସମ୍ପାଦକ ପ୍ରଦୀପ କୁମାର ମିଶ୍ର, ଯୁଗ୍ମ ସମ୍ପାଦକ ମନୋରଞ୍ଜନ ପଲାଇ, କୋଷାଧକ୍ଷ ପୁରନ୍ଦର ନାୟକ, ସିଆର ସିସି ରୁଦ୍ର ନାରାୟଣ ପାଣିଗ୍ରାହୀ, ରାମେଶ୍ୱର ପଣ୍ଡା, ଆଦିତ୍ୟ ପଟ୍ଟନାୟକ, ଯୋଜନା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପର୍ଶୁରାମ ସେଠୀ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ରମେଶ ଚନ୍ଦ୍ର ବାରିକ, ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟର କର୍ମକର୍ତ୍ତା ରଂଜିତ ମହାନ୍ତି, ମନୋଜ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଥିଲେ। କୁନି କୁନି ଶିଶୁ ମାନଙ୍କର ଅନ୍ତର୍ନିହିତ ଗୁଣାବଳୀ ପରିପ୍ରକାଶର ଅନ୍ୟତମ ମାଧ୍ୟମ ହେଉଛି 'ସୁରଭି' ବୋଲି ମୁଖ୍ୟ ଅତିଥି ମତବ୍ୟକ୍ତ ରଖିଥିଲେ। ଶେଷରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶିକ୍ଷକ ପାରାଦିଶ ଫିଲିପ୍ସ ମଂଚ ପରିଚାଳନା କରିଥିଲେ। ଶିକ୍ଷୟତ୍ରୀ ସୁନିତା ପଣ୍ଡା, ବନିତା ଖିଲ, ମିନତୀ ପାଣିଗ୍ରାହୀ, ପ୍ରଫୁଲ୍ଲ ମଣ୍ଡଳ, ପଙ୍କଜିନୀ ମହାରଣା, ଶ୍ୟାମଘନ ଗୌଡ଼, ଗୀତା ସାହୁ, ପି ଅରୁଣା, ବିଶ୍ୱ ରଞ୍ଜନ ପରିଚ୍ଛା, ଶ୍ରଦ୍ଧାଞ୍ଜଳି ସାହୁଙ୍କ ସମେତ ବାରିଣୀପୁଟ କ୍ଲଷ୍ଟରର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଏଥିରେ ସହଯୋଗ କରିଥିଲେ।

# ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କଲେ ଜିଲ୍ଲାପାଳ

ପୁରୀ, ୧୭/୧୦ (ନି.ପ୍ର): ଆଜି ପୂର୍ବାହ୍ନରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଙ୍କ ଅଧକ୍ଷତାରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମର ମାସିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକ ରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି,ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଅଧିକ୍ଷଣ ଯନ୍ତ୍ରୀ ବିକାଶ କୁମାର ସାମଲ, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସମସ୍ତ ବ୍ଲକ ରେ କାର୍ଯ୍ୟରତ ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ, ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଏବଂ ଅନ୍ୟାନ୍ୟ କର୍ମଚାରୀମାନେ ଯୋଗଦାନ କରି ଆଲୋଚନାରେ ଭାଗ ନେଇଥିଲେ। ଉକ୍ତ ବୈଠକରେ ସାଂସଦ ପାଣ୍ଠି, ବିଧାୟକ ପାଣ୍ଠି ,ବକେୟା ବିଜୁଳି ଦେୟ, ପରିମଳ ସମସ୍ୟା, ପର୍ଯ୍ୟଟନ ଭିତ୍ତିଭୂମି ଗୁଡିକର ବିକାଶ ମୂଳକ କାର୍ଯ୍ୟ, ପାନୀୟ ଜଳ, ବିକଶିତ ଗାଁ ବିକଶିତ ଓଡିଶା, ଗ୍ରାମୀଣ ଆବାସ ଯୋଜନା, ମନରେଗା ଯୋଜନା, ସ୍କୁଲ ଭିତ୍ତିଭୂମି ବିକାଶ ଯୋଜନା, ମିଶନ ଶକ୍ତି ଦ୍ୱାରା ପରିଚାଳିତ ବିଭିନ୍ନ ଭିତ୍ତିଭୂମି ର ନିର୍ମାଣ, ୧୫ ତମ କେନ୍ଦ୍ରୀୟ ଅର୍ଥ କମିଶନ, ପଂଚମ ରାଜ୍ୟ ଅର୍ଥ କମିଶନ ମାଧ୍ୟମରେ ଆସୁଥିବା ବିଭିନ୍ନ ପ୍ରକଳ୍ପ, ଅଙ୍ଗନବାଡି କେନ୍ଦ୍ର ନିର୍ମାଣ ତଥା ଅନ୍ୟାନ୍ୟ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ଗୁଡିକୁ ଜିଲ୍ଲାପାଳ ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିଥିଲେ।

# ରୟତି ଜାଗାରେ ରାସ୍ତା ନିର୍ମାଣ ଅଭିଯୋଗ: ଅଭିଯୋଗ ପତ୍ର ରଖିଲେ ନାହିଁ ବିଡ଼ିଓ

ମୁଖୀଗୁଡା, ୧୭/୧୦ (ନି.ପ୍ର): ରୟତି ଜମିରେ ମହାତ୍ମା ଗାନ୍ଧୀ ଗ୍ରାମୀଣ ନିର୍ଣ୍ଣିତ କର୍ମ ନିଯୁକ୍ତି ଯୋଜନାରେ ରାସ୍ତା ନିର୍ମାଣ କରାଯାଉଥିବାରୁ ମେଟ ଏବଂ ଜିଆରଏସ ନଶୁଣିବାରୁ ଜୟପାଟଣା ବିଡ଼ିଓଙ୍କ ନିକଟକୁ ଅଭିଯୋଗ ନେଇଯାଇଥିଲେ। ହେଲେ ବିଡ଼ିଓ ମଧ୍ୟ ଅଭିଯୋଗ ନରଖି ଫେରାଇଦେବା ପରେ ଅସହାୟ ହୋଇପଡିଛନ୍ତି ଜୟସିଂ ରାଉତ। ଅଭିଯୋଗରୁ ପ୍ରକାଶ ଯେ, ମହାତ୍ମା ଗାନ୍ଧୀ ଗ୍ରାମୀଣ ନିର୍ଣ୍ଣିତ କର୍ମ ନିଯୁକ୍ତି ଯୋଜନାରେ ନଅ ଲକ୍ଷ ଫଂଚାନବେ ହଜାର ଟଙ୍କା ବ୍ୟୟ ଅଟକଳରେ କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ ଚିର୍କା ପ୍ରଧାନମନ୍ତ୍ରୀ ସଡକ ଠାରୁ ଖାଜନ୍ତିବନ୍ଧ ରାସ୍ତା ଉନ୍ନତିକାରଣ କାମ କରାଯାଉଛି। ଜୟପାଟଣାର ଜୟସିଂ ରାଉତଙ୍କ ପିତାଙ୍କ ନାମରେ ଥିବା ଜମିରେ ଧାନ ଚାଷ ହୋଇଥିବା ସମୟରେ ଜୋର ଜବରଦସ୍ତ ଜେସିବି ଲଗାଇ ଖୋଳି ଦେଇ ମୋରମ ପକାଇ ଦିଆଯାଇଛି। ବ୍ୟକ୍ତିଗତ ଜାଗାରେ କାହିଁକି କାମ କରାଯାଉଛି ବୋଲି ଜିଆରଏସ ଏବଂ ମେଟଙ୍କୁ ଅଭିଯୋଗ କରିଥିଲେ ସେମାନେ ନଶୁଣିବାରୁ ବୁଧବାର ଜୟସିଂ ଜୟପାଟଣା ବିଡ଼ିଓଙ୍କ ପାଖଙ୍କୁ ଲିଖିତ ଅଭିଯୋଗ ନେଇ ଯାଇଥିଲେ ହେଲେ ବିଡ଼ିଓ ତାଙ୍କ ଅଭିଯୋଗ ପତ୍ର ରଖିନଥିବାରୁ ନିରାଶରେ ଫେରିଥିଲେ। ଏହି କାମରେ ଶ୍ରମିକ ବଦଳରେ ମେସିନର ବ୍ୟବହାର କରାଯାଇଛି। କେବଳ ଶ୍ରମିକଙ୍କୁ ୫୦ ଟଙ୍କା ଦେଇ ଫଟୋ ଅପଲୋଡ଼ କରାଯାଉଥିବା ବେଳେ ବ୍ୟକ୍ତିଗତ ଜାଗାରେ ଜମି ମାଲିକଙ୍କ ସହମତି ବିନା କାମ କରାଯାଉଥିବାରୁ ଏହାର ଏକ ତଦନ୍ତ କରାଯିବା ପାଇଁ ଜୟସିଂ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏନେଇ ଜୟପାଟଣା ବିଡ଼ିଓଙ୍କୁ ଯୋଗାଯୋଗ କରାଯାଇଥିଲା ହେଲେ ସେ ଫୋନ ଉଠାଇ ନଥିଲେ।

# ଡକ୍ଟରେଟ୍ ଉପାଧିରେ ସମ୍ମାନିତ ହେଲେ ଜ୍ୟୋତିରଞ୍ଜନ ଗୁଡିଆ

ମାଲକାନଗିରି, ୧୭/୧୦ (ନି.ପ୍ର): ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ରାସବେଡା ପଂଚାୟତ ମୁଦୁଲିଗୁଡା ଗ୍ରାମର ବିଦାୟୀ ଜନଜାତିର ଯୁବକ ଜ୍ୟୋତିରଞ୍ଜନ ଗୁଡିଆ, ଆଜି ଭୁବନେଶ୍ୱର ଠାରେ କିସ ଅନୁଷ୍ଠାନ ଦ୍ୱାରା ଡକ୍ଟରେଟ ଉପାଧିରେ ସମ୍ମାନିତ ହୋଇଛନ୍ତି। ଜ୍ୟୋତିରଞ୍ଜନ ପାଠ ପଢିବା ସହ ଚିତ୍ର କରିବାକୁ ଭଲ ପାଆନ୍ତି। ପିଲାଟି ବେଳୁ ପିତାମାତାଙ୍କ ସଂଘର୍ଷ ମୟ ଜୀବନ ଦେଖି ପାଠ ପଢି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବା ପାଇଁ ସବୁବେଳେ ଚେଷ୍ଟା ଚଳାଇଥିଲେ। ସେ କୁଡୁମୁଲୁଗୁମ୍ମାରେ ପ୍ରାଥମିକ ପାଠ ପଢା ସାରି ସେଇ ଗ୍ରାମର ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନାମ ଲେଖେଇଲେ। ଏହାରି ଭିତରେ ଅଭାବ ଅନାଟନ ମଧ୍ୟରେ ପାଠ ପଢିବା ବହୁତ କଷ୍ଟକର ହେଉଥାଏ। ସେ ଅଷ୍ଟମରୁ ୧୦ମ ପର୍ଯ୍ୟନ୍ତ ପ୍ରାଥମିକ ବିଦ୍ୟାଳୟର ମହେଶ୍ୱର ମହାରଣା ସାର୍ ଙ୍କ ନିକଟରେ ରହି ତିନି ବର୍ଷ ମାଧ୍ୟମିକ ଶିକ୍ଷା ଲାଭ କଲେ। ସେଇ ସମୟରେ ଶ୍ରୀ ମହାରଣା, ଜ୍ୟୋତିରଞ୍ଜନଙ୍କର ବିଚକ୍ଷଣ ଚିତ୍ରକଳା ଦେଖି ତାଙ୍କ ଚିତ୍ର କଳା କିପରି ଆଗକୁ ଆଉରି ଉନ୍ନତି ହେବ ସେଥିପାଇଁ ସେ ବିଭିନ୍ନ ଅନୁଷ୍ଠାନ ସହ କଥା ହୋଇ ବିଭିନ୍ନ ପ୍ରକାରର ଚିତ୍ର କାମ ସବୁ ଯୋଗାଡ କରି ଦେଉଥିଲେ। ୨୦୧୨ ମସିହାରେ ସେଠାରେ ଦଶମ ଶ୍ରେଣୀରେ ଉତୀର୍ଣ୍ଣ ହୋଇ ସୁଦୂର ମାଲକାନଗିରି ଜିଲ୍ଲାରୁ ଭୁବନେଶ୍ୱର ଯାଇ ପଢିବାର ସୁଯୋଗ ପାଇଥିଲେ।

# ଦାଦନ ଖଟିବାକୁ ଯାଇ ଶ୍ରମିକ ନିଖୋଜ

ମୁଖୀଗୁଡା, ୧୭/୧୦ (ନି.ପ୍ର): ଦାଦନ ଖଟିବାକୁ ଯାଇ ଜଣେ ଶ୍ରମିକଙ୍କ କୌଣସି ଖୋଜ ଖବର ମିଳୁନଥିବାରୁ ସ୍ତ୍ରୀ ଜୟପାଟଣା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ବିବରଣୀରୁ ପ୍ରକାଶ ଯେ, ଜୟପାଟଣା ବ୍ଲକ ଅନ୍ତର୍ଗତ ପୁଝାରିଗୁଡା ଫଂଚାୟତ କୁଲିହାମୁଣ୍ଡା ଗ୍ରାମର କୋକିଳ ମାଝୀ ନିଜେ ଦଲାଲ ସାଜି ଗ୍ରାମର ଦେବେନ୍ଦ୍ର ମାଝୀ (୩୦), ସୁରେଶ ମାଝୀ, ଘନ ମାଝୀଙ୍କୁ ଗୁଜୁରାଟ ସୁରେନ୍ଦ୍ର ନଗରରେ କାମ କରିବାକୁ ନେବି ବୋଲି ସେମାନଙ୍କୁ ଗତ ଅଗଷ୍ଟ ୩ ତାରିଖରେ ଭୁବନେଶ୍ୱର ଯାଏଁ ନେଲା। ଖୋର୍ଦ୍ଧାରେ ଟ୍ରେନ ବସାଇ ଦେଇ କୋକିଳ ଗୁଜୁରାଟ ନଯାଇ ନିଜ ଘରକୁ ଫେରିଆସିଲା। ଯିବା କିଛି ଦିନ ପରେ ଦେବେନ୍ଦ୍ରଙ୍କ ପରିବାର ସହ ଯୋଗାଯୋଗ ବିଚ୍ଛିନ୍ନ ହେଲା ପରେ ଦେବେନ୍ଦ୍ରଙ୍କ ସାଙ୍ଗରେ ଯାଇଥିବା ସୁରେଶ ଏବଂ ଘନଙ୍କୁ ପଚାରିବାରୁ ଦେବେନ୍ଦ୍ର ଗୁଜରାଟରେ କେଉଁଠି ନିଖୋଜ ହୋଇଯାଇଛି ବୋଲି କହୁଛନ୍ତି।

## ଅଣ୍ଡାରୁ ମିଳେ ଉଚ୍ଚମାନର ପ୍ରୋଟିନ୍: ମସ୍ତିଷ୍କ ବୃଦ୍ଧି ପାଇଁ ଖୁବ୍ ଭଲ



ଅଣ୍ଡାରେ ଉଚ୍ଚମାନର ପ୍ରୋଟିନ୍, ଭିଟାମିନ୍ ଫୋଲେଟ୍, ସେଲେନିୟମ୍, କୋଲାଇନ୍ ଏବଂ ଲ୍ୟୁଟିନ୍ ଭଳି ଆଣ୍ଟିଅକ୍ସିଡାଣ୍ଟ ସମେତ ବିଭିନ୍ନ ପ୍ରକାରର ଅତ୍ୟାବଶ୍ୟକୀୟ ପୁଷ୍ଟିକର ପଦାର୍ଥ ଭରପୂର ମାତ୍ରାରେ ରହିଛି । ଯାହାଫଳରେ ଅଣ୍ଡା ଖାଇଲେ ଆମକୁ ବିଭିନ୍ନ ପ୍ରକାରର ସ୍ୱାସ୍ଥ୍ୟଗତ ସୁବିଧା ମିଳିଥାଏ । ଏହି ପୁଷ୍ଟିକର ପଦାର୍ଥ ମାଂସପେଶୀ ବୃଦ୍ଧି, ମସ୍ତିଷ୍କ କାର୍ଯ୍ୟ, ଚକ୍ଷୁ ସ୍ୱାସ୍ଥ୍ୟ ଏବଂ ପ୍ରତିରକ୍ଷା ପ୍ରଣାଳୀକୁ ବୃଦ୍ଧି କରିବାରେ ସହାୟକ ହୁଏ । କେବଳ ସେତିକି ନୁହେଁ, ଏକ ଗବେଷଣାରୁ ଜାଣିବାକୁ ମିଳିଛି ଯେ ଅଧିକାଂଶ ଲୋକଙ୍କ ପାଇଁ ପ୍ରତିଦିନ ଗୋଟିଏରୁ ତିନୋଟି ଅଣ୍ଡା ଖାଇବା ଖୁବ୍ ଭଲ । ୧୦୦ ଗ୍ରାମ ଅଣ୍ଡାରେ ପ୍ରାୟ ୧୩ ଗ୍ରାମ ପ୍ରୋଟିନ୍ ସହିତ ସମସ୍ତ ନଅଟି ଅତ୍ୟାବଶ୍ୟକ ଆମିନୋ ଏସିଡ୍ ରହିଥାଏ । ଅଣ୍ଡାରୁ ଆମକୁ ଉଚ୍ଚମାନର ପ୍ରୋଟିନ୍ ମିଳିଥାଏ । ଯାହାକି ମସ୍ତିଷ୍କ ବୃଦ୍ଧିରେ ଗୁରୁତର ଭୂମିକା ନିର୍ବାହ କରେ । ସେଥିପାଇଁ ଛୋଟପିଲାଙ୍କୁ ଦୈନନ୍ଦିନ ଗୋଟାଏ ଅଣ୍ଡା ଦେବା ଜରୁରୀ ବୋଲି ଡାକ୍ତରମାନେ କହନ୍ତି । କେବଳ ମସ୍ତିଷ୍କ ପାଇଁ ନୁହେଁ; ହୃଦୟ ପାଇଁ ବି ଅଣ୍ଡା ଖୁବ୍ ଭଲ । କୋଲେଷ୍ଟ୍ରଲ୍ ଅଧିକ ଥିଲେ ମଧ ବ୍ୟକ୍ତି ଅଣ୍ଡା ଖାଇପାରିବେ । ଏହା କୌଣସି ନକାରାତ୍ମକ ପ୍ରଭାବ ପକାଏ ନାହିଁ । ତେବେ ଅଣ୍ଡାର ଧଳା ଅଂଶ ଏବଂ ହଳଦିଆ ଅଂଶ ଉଭୟ ବେଶ୍ ଉପକାରୀ । ପ୍ରତିଦିନ ଅନ୍ତତଃ ଗୋଟାଏ ଅଣ୍ଡା ଖାଇବା ଶରୀର ପ୍ରତି ଭଲ ହୋଇଥାଏ ।




ମଣିଷ ଜୀବନ ସବୁବେଳେ ବ୍ୟସ୍ତ । ଆଜି କାଲିର ବ୍ୟସ୍ତବହୁଳ ଜୀବନଶୈଳୀରେ ଆମେ ପ୍ରାୟତଃ ପ୍ରକୃତି ଠାରୁ ଦୂରେଇ ଯାଉଛୁ । କାମର ଚାପ, ଘରୋଇ ସମସ୍ୟା ଭିତରେ ଏତେ ବ୍ୟସ୍ତ ହୋଇ ଯାଉଛୁ ଯେ- ନିଜ ପାଇଁ ସମୟ ଦେବାକୁ କିମ୍ବା ନିଜକୁ ପ୍ରକୃତି କୋଳରେ ହଜେଇ ଦେବାକୁ ବିଲକୁଲ ବି ସମୟ ପାଉନୁ । ଏପରିସ୍ଥଳରେ ଆମେ ଘର ଭିତରେ, ଅଫିସରେ କିମ୍ବା ବାହାରେ ସବୁବେଳେ ଜୋତା କିମ୍ବା ଚପଲ ପିନ୍ଧି ରହୁଛୁ । କିନ୍ତୁ ଆପଣ ଜାଣିଛନ୍ତି କି ? ଖାଲି ପାଦରେ ଚାଲିବା ଆମ ଶରୀର ପାଇଁ ଅନେକ ଉପକାରୀ ସାବ୍ୟସ୍ତ ହୋଇଥାଏ । ପ୍ରାଚୀନ କାଳରୁ ଆୟୁର୍ବେଦରେ ଖାଲି ପାଦରେ ଚାଲିବାର ମହତ୍ତ୍ୱ ବର୍ଣ୍ଣନା କରାଯାଇଛି । ଏହାକୁ 'ଅର୍ଥିଙ୍ଗ' କିମ୍ବା 'ଗ୍ରାଉଣ୍ଡିଙ୍ଗ' ମଧ କୁହାଯାଏ, ଯାହାର ଅର୍ଥ ହେଉଛି ପୃଥିବୀର ପ୍ରାକୃତିକ ଶକ୍ତି ସହିତ ସିଧାସଳଖ ସଂଯୋଗ ସ୍ଥାପନ କରିବା । ଆସନ୍ତୁ ଜାଣିବା, ଖାଲି ପାଦରେ ଚାଲିବାର ମୁଖ୍ୟ ଉପକାରିତା ଗୁଡ଼ିକ କ'ଣ ଏବଂ ଆୟୁର୍ବେଦିକ ଡାକ୍ତରମାନେ ଏ ବିଷୟରେ କ'ଣ ପରାମର୍ଶ ଦିଅନ୍ତି । ଜାଣନ୍ତୁ ଖାଲି ପାଦରେ ଚାଲିବାର ମୁଖ୍ୟ ଫାଇଦା

***<u>ମାନସିକ ଶାନ୍ତି ଏବଂ ଚାପ ହ୍ରାସ:</u>*** ପୃଥିବୀ ପୃଷ୍ଠରେ ମୁକ୍ତ ଇଲେକ୍ଟ୍ରନ୍ ରହିଛି, ଯାହା ଆମ ଶରୀରରେ ଥିବା ଅତିରିକ୍ତ ଇଲେକ୍ଟ୍ରନ୍‌କୁ ସନ୍ତୁଳିତ କରିଥାଏ । ଖାଲି ପାଦରେ ଚାଲିବା ଦ୍ୱାରା ଏହି ଇଲେକ୍ଟ୍ରନ୍‌ଗୁଡ଼ିକ ଶରୀରରେ ପ୍ରବେଶ କରନ୍ତି । ଯାହା ମାନସିକ ଚାପ, ଚିନ୍ତା ଏବଂ ଅବସାଦକୁ କମାଇବାରେ ସାହାଯ୍ୟ କରେ । ଏହା ମସ୍ତିଷ୍କକୁ ଶାନ୍ତ ରଖେ ଏବଂ ନିଦ୍ରାକୁ ଉନ୍ନତ କରିଥାଏ । ଆଧୁନିକ ଗବେଷଣାରୁ ଜଣାପଡ଼ିଛି ଯେ, ପୃଥିବୀରୁ ମିଳୁଥିବା ଇଲେକ୍ଟ୍ରନ୍‌ଗୁଡ଼ିକ ଶରୀରରେ ଥିବା ପ୍ରଦାହଜନକ ପ୍ରକ୍ରିୟାକୁ କମାଇବାରେ ସାହାଯ୍ୟ କରନ୍ତି । ଏହା ଗଣ୍ଠି ଯନ୍ତ୍ରଣା, ମାଂସପେଶୀର ଯନ୍ତ୍ରଣା ଏବଂ ଅନ୍ୟାନ୍ୟ ପ୍ରଦାହଜନକ ରୋଗରୁ ମୁକ୍ତି ଦେଇଥାଏ ।

***<u>ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି:</u>*** ଖାଲି ପାଦରେ ଚାଲିବା ଦ୍ୱାରା ଶରୀରର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଏ । ଏହା ଶରୀରକୁ ବିଭିନ୍ନ ସଂକ୍ରମଣ ଏବଂ ରୋଗରୁ ରକ୍ଷା କରିବାରେ ସାହାଯ୍ୟ କରେ ।

***<u>ରକ୍ତ ସଞ୍ଚାଳନରେ ଉନ୍ନତି:</u>*** ନୃତତ୍ତ୍ୱବିଜ୍ଞାନୀମାନେ ବିଶ୍ୱାସ କରନ୍ତି ଯେ ଖାଲି ପାଦରେ ଚାଲିବା ଦ୍ୱାରା ପାଦର ତଳିପା ମାଲିସ୍ ହୋଇଥାଏ । ଏହା ପାଦର ଆକ୍ୟୁପ୍ରେସର ପଏଣ୍ଟଗୁଡ଼ିକୁ ଉତ୍ତେଜିତ କରେ, ଯାହା ଶରୀରରେ ରକ୍ତ ସଞ୍ଚାଳନକୁ ଉନ୍ନତ କରିଥାଏ । ଫଳରେ ହୃଦ୍ ରୋଗର ଆଶଙ୍କା କମିଯାଏ ।

***<u>ଶରୀରର ଶକ୍ତି ସ୍ତର ବୃଦ୍ଧି:</u>*** ପୃଥିବୀର ଶକ୍ତି ସହିତ ସଂଯୋଗ ହେବା ଦ୍ୱାରା ଶରୀରରେ ସକରାତ୍ମକ ଶକ୍ତିର ପ୍ରବାହ ବଢ଼ିଥାଏ । ଏହା ଦିନସାରା ତାଜା ଏବଂ ଶକ୍ତିଯୁକ୍ତ ଅନୁଭବ କରିବାରେ ସାହାଯ୍ୟ କରେ ।

***<u>ଉନ୍ନତ ଦୃଷ୍ଟିଶକ୍ତି:</u>*** ଆୟୁର୍ବେଦ ଅନୁଯାୟୀ, ପାଦର ତଳିପାରେ ଥିବା କିଛି ପଏଣ୍ଟ ଆଖି ସହିତ ଜଡିତ । ଘାସ ଉପରେ ଖାଲି ପାଦରେ ଚାଲିବା ଦ୍ୱାରା ଏହି ପଏଣ୍ଟଗୁଡ଼ିକ ସକ୍ରିୟ ହୁଏ, ଯାହା ଦୃଷ୍ଟିଶକ୍ତିକୁ ଉନ୍ନତ କରିବାରେ ସାହାଯ୍ୟ କରେ ।

***<u>ସନ୍ତୁଳନ ଏବଂ ଶରୀରର ଉନ୍ନତି:</u>*** ଜୋତା ନ ପିନ୍ଧି ଚାଲିବା ଦ୍ୱାରା ପାଦର ମାଂସପେଶୀ ସକ୍ରିୟ ହୁଏ । ଯାହା ଶରୀରର ସନ୍ତୁଳନ ଏବଂ ସଠିକ୍ ଶାରୀରିକ ସ୍ଥିତି ବଜାୟ ରଖିବାରେ ସାହାଯ୍ୟ କରେ ।

***<u>ଦିନକୁ କେତେ ମିନିଟ ଚାଲିବେ:</u>*** ଆୟୁର୍ବେଦିକ ଡାକ୍ତରମାନେ ଖାଲି ପାଦରେ ଚାଲିବାକୁ ଏକ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ଅଭ୍ୟାସ ଭାବରେ ବିବେଚନା କରନ୍ତି । ସେମାନେ ପ୍ରାତଃକାଳରେ କିମ୍ବା ସନ୍ଧ୍ୟା ସମୟରେ, ଯେତେବେଳେ ପୃଥିବୀର ଶକ୍ତି ସବୁଠାରୁ ଅଧିକ ସକ୍ରିୟ ଥାଏ । ସେହି ସମୟରେ ଖାଲି ପାଦରେ ଚାଲିବାକୁ ପରାମର୍ଶ ଦିଅନ୍ତି । ପ୍ରାୟ ୨୦ ରୁ ୩୦ ମିନିଟ୍ ପର୍ଯ୍ୟନ୍ତ ଦୈନିକ ଖାଲି ପାଦରେ ଚାଲିବା ସର୍ବୋତ୍ତମ । ଯଦି ଆପଣ ନୂଆ କରି ଏହି ଅଭ୍ୟାସ ଆରମ୍ଭ କରୁଛନ୍ତି, ତେବେ ୧୦-୧୫ ମିନିଟରୁ ଆରମ୍ଭ କରି ଧୀରେ ଧୀରେ ସମୟ ବଢ଼ାଇ ପାରିବେ । ସବୁଜ ଘାସ ଉପରେ, ମାଟିରେ କିମ୍ବା ବାଲି ଉପରେ ଖାଲି ପାଦରେ ଚାଲିବା ଅଧିକ ଲାଭଦାୟକ । କଂକ୍ରିଟ୍ କିମ୍ବା ପିଚୁ ରାସ୍ତାରେ ଚାଲିବାଠାରୁ ଏହା ଅଧିକ ଉପକାରୀ । ସକାଳର କଅଁଳିଆ ଖରାରେ ଘାସ ଉପରେ ଚାଲିବା ଶରୀର ପାଇଁ ଅଧିକ ଗୁରୁତ୍ୱପୂର୍ଣ୍ଣ ।

***<u>ଚାଲିବା ପୂର୍ବରୁ ସାବଧାନ:</u>*** ଖାଲି ପାଦରେ ଚାଲିବା ପୂର୍ବରୁ ସ୍ଥାନଟି ସୁରକ୍ଷିତ ଅଛି କି ନାହିଁ, ତାହା ଯାଞ୍ଚ କରିନିଅନ୍ତୁ । କୌଣସି କଣ୍ଟା, କାଚ ଖଣ୍ଡ କିମ୍ବା ଅନ୍ୟ କୌଣସି ମାରାତ୍ମକ ବସ୍ତୁ ପଡ଼ିନଥିବା ସୁନିଶ୍ଚିତ କରନ୍ତୁ । ଯଦି ଆପଣଙ୍କର ମଧୁମେହ କିମ୍ବା ପାଦ ସମ୍ବନ୍ଧୀୟ କୌଣସି ଗୁରୁତର ସମସ୍ୟା ଅଛି, ତେବେ ଡାକ୍ତରଙ୍କ ପରାମର୍ଶ ନେବା ପରେ ହିଁ ଏହି ଅଭ୍ୟାସ ଆରମ୍ଭ କରନ୍ତୁ । ତେବେ ଖାଲି ପାଦରେ ଚାଲିବା ଏକ ସରଳ ଏବଂ ପ୍ରାକୃତିକ ଉପାୟ । ଯାହା ଶରୀର ଏବଂ ମନ ପାଇଁ ଅନେକ ସ୍ୱାସ୍ଥ୍ୟ ଲାଭ ପ୍ରଦାନ କରେ । ଏହାକୁ ଆପଣଙ୍କ ଦୈନନ୍ଦିନ ଜୀବନଶୈଳୀରେ ଅନ୍ତର୍ଭୁକ୍ତ କରି ଆପଣ ଏକ ସୁସ୍ଥ ଓ ଶାନ୍ତ ଜୀବନ ବଞ୍ଚିପାରିବେ ।




ଦିନକୁ ଦିନ ମଣିଷ ଶରୀରରେ ରୋଗ ବୃଦ୍ଧି ପାଉଥିବା ବେଳେ ବଜାରରେ ବିଭିନ୍ନ କମ୍ପାନିର ଔଷଧ ବିକ୍ରି ସଂଖ୍ୟା ମଧ ବଢ଼ିବାରେ ଲାଗିଛି ।ଥରେ କଳ୍ପନା କରି ଦେଖନ୍ତୁ ତ ଆମେ ଅସୁସ୍ଥ ହେବା ପାଇଁ ଯେଉଁ ଔଷଧ ଉପରେ ବିଶ୍ୱାସ କରୁଛେ ଯଦି ସେହି ଔଷଧ ନକଲି ହୁଏ ତେବେ କ'ଣ ହେବ ? ତେଣୁ କିଣୁଥିବା ଔଷଧ ଅସଲି କି ନକଲି ତାହା ଜାଣିବା ଅତ୍ୟନ୍ତ ଜରୁରୀ । ନିମ୍ନରେ କିଛି ସରଳ ସୂଚନା ରହିଛି । ଯାହାକୁ ଆଧାର କରି ଗ୍ରାହକ ନକଲି ଔଷଧକୁ ସହଜରେ ଚିହ୍ନଟ କରିବା ପାରିବେ ।

ଗ୍ରାହକ ପ୍ରଥମେ ଔଷଧର ପ୍ୟାକେଜିଂ ଏବଂ ଲେବଲିଂକୁ ଭଲଭାବରେ ଯାଞ୍ଚ କରନ୍ତୁ । ନକଲି ଔଷଧର ପ୍ୟାକେଜିଂରେ ପ୍ରାୟତଃ ବନାନ ତ୍ରୁଟି ସହିତ ଫଣ୍ଟ ଓ ରଙ୍ଗରେ ଭିନ୍ନତା ରହିଥାଏ । ଅସଲି ଔଷଧରେ ସବୁକିଛି ସ୍ପଷ୍ଟ ଏବଂ ଠିକ୍ ଭାବରେ ଲେଖାଯାଇଥାଏ ।

ଅନେକ ଔଷଧ କମ୍ପାନି ସେମାନଙ୍କ ଔଷଧରେ ହୋଲୋଗ୍ରାମ କିମ୍ବା ସ୍ୱତନ୍ତ୍ର ସୁରକ୍ଷା ସିଲ୍ ଲଗାଇଥାଆନ୍ତି । ଯାହାକୁ ଗ୍ରାହକମାନେ ଆଲୋକ ପାଖରେ ରଖି ଯାଞ୍ଚ କରି ପାରିବେ । ଯଦି ଏହା କ୍ଷତିଗ୍ରସ୍ତ, କୁଞ୍ଚିତ କିମ୍ବା ନକଲି ଦେଖାଯାଏ, ତେବେ ସତର୍କ ହୋଇଯାଆନ୍ତୁ ।

ଅସଲି ଔଷଧରେ ଏମଆରପି ଏବଂ ନିର୍ମାଣକାରୀ କମ୍ପାନିର ନାମ ଏବଂ ଠିକଣା ପ୍ୟାକେଜିଂରେ ସ୍ପଷ୍ଟ ଭାବରେ ଲେଖାଯାଇଥାଏ । ନକଲି ଔଷଧ ଉପରେ ଏହି ସୂଚନା ଅସମ୍ପୂର୍ଣ୍ଣ ସହିତ ଅନେକ ସମୟରେ ଭୁଲ ରହିଥାଏ । କିଛି ଔଷଧର ଏକ ସ୍ୱତନ୍ତ୍ର ଗନ୍ଧ ଥାଏ । ଯଦି ଔଷଧରୁ ଅଦ୍ଭୁତ କିମ୍ବା ତୀବ୍ର ଗନ୍ଧ ନିର୍ଗତ ହେଉଛି ତେବେ ଏହା ଅସ୍ୱାଭାବିକ । ତେଣୁ ଏଥିପ୍ରତି ସତର୍କ ହୋଇଯାଆନ୍ତୁ । ଯଦି ଆପଣଙ୍କୁ ପାଣିରେ ଏକ ଟାବଲେଟ୍ କିମ୍ବା କ୍ୟାପସୁଲ୍ ଦ୍ରବୀଭୂତ କରିବାକୁ ପଡିବ, ତେବେ ଯାଞ୍ଚ କରନ୍ତୁ ଯେ ଏହା ଠିକ୍ ଭାବରେ ଦ୍ରବୀଭୂତ ହେଉଛି କି ନାହିଁ । ନକଲି ଔଷଧ ପାଣିରେ ପ୍ରାୟତଃ ଠିକ୍ ଭାବରେ ଦ୍ରବୀଭୂତ ହୁଏ ନାହିଁ ।

ଯଦି ଆପଣ ବଜାର ମୂଲ୍ୟ ଅପେକ୍ଷା ବହୁତ ଶସ୍ତା ଔଷଧ ପାଆନ୍ତି, ତେବେ ସତର୍କ ରୁହନ୍ତୁ । ଗ୍ରାହକମାନଙ୍କୁ ପ୍ରଲୋଭିତ କରିବା ପାଇଁ ନକଲି ଔଷଧ ପ୍ରାୟତଃ କମ୍ ମୂଲ୍ୟରେ ବିକ୍ରି ହୋଇଥାଏ । ମନେରଖନ୍ତୁ, ଶସ୍ତା ମୂଲ୍ୟକୁ ବଳି ଦେଇ ଆପଣଙ୍କ ସ୍ୱାସ୍ଥ୍ୟକୁ ବିପଦରେ ପକାନ୍ତୁ ନାହିଁ ।

ସର୍ବଦା ଏକ ପଞ୍ଜିକୃତ ଏବଂ ନିର୍ଭରଯୋଗ୍ୟ ମେଡିକାଲ୍ ଷ୍ଟୋରରୁ ଔଷଧ କିଣନ୍ତୁ । ରାସ୍ତା କଡ଼ରୁ କିମ୍ବା ଅଜଣା ସ୍ଥାନରୁ ଔଷଧ କିଣିବାର ଭୁଲ କରନ୍ତୁ ନାହିଁ । ଔଷଧ କିଣିବା ସମୟରେ ସର୍ବଦା ବିଲ୍ ସଂଗ୍ରହ କରନ୍ତୁ । ଯାହାକି ଆବଶ୍ୟକ ପଡ଼ିଲେ ଅଭିଯୋଗ ଦାଖଲ କରିବାରେ ସାହାଯ୍ୟ କରିବ ।

କିଛି ଔଷଧ କମ୍ପାନି ଅନଲାଇନରେ ସେମାନଙ୍କର ଔଷଧ ଟ୍ରାକ୍ କରିବାର କ୍ଷମତା ପ୍ରଦାନ କରନ୍ତି । ଆପଣ ସେମାନଙ୍କ ୱେବସାଇଟରେ ପ୍ୟାକେଜିଂରେ ଦିଆଯାଇଥିବା କୋଡ୍ ପ୍ରବେଶ କରି ଔଷଧ ବିଷୟରେ ଯାଞ୍ଚ କରିପାରିବେ ।

## ଏସବୁ ଖାଦ୍ୟ ଖାଇବା ପରେ ପାଣି ପିଇବା ଆଦୌ ଠିକ୍ ନୁହେଁ, ଜାଣନ୍ତୁ...

ଶରୀରକୁ ସୁସ୍ଥ ରଖିବାରେ ପାଣିର ଭୂମିକା ଯଥେଷ୍ଟ ରହିଥାଏ । କୁହାଯାଏ, ଜଣେ ସୁସ୍ଥ ବ୍ୟକ୍ତିଙ୍କୁ ପ୍ରତିଦିନ ୬ରୁ ୧୦ ଗ୍ଲାସ ପାଣି ପିଇବା ନିହାତି ଆବଶ୍ୟକ । କିନ୍ତୁ ଜରୁରୀ ନୁହେଁ, ସବୁ ଲୋକଙ୍କୁ ସମାନ ମାତ୍ରାର ପାଣି ପିଇବା ଦରକାର । ଶରୀରର ଆବଶ୍ୟକତା ଅନୁଯାୟୀ, ଯାହାକୁ ଯେତିକି ଦରକାର ସିଏ ସେତିକି ପାଣି ପିଇପାରିବେ । ସେହିପରି ଏମିତି କିଛି ଖାଦ୍ୟ ବି ରହିଛି; ଯାହାକୁ ଖାଇ ସାରିବା ପରେ ପାଣି ପିଇବା ମଧ ଆଦୌ ଠିକ୍ ନୁହେଁ । ଯେମିତିକି: ଚଣା ଭଜା ଖାଇବା ପରେ ସାଙ୍ଗେ ସାଙ୍ଗେ ଆଦୌ ପାଣି ପିଇବେ ନାହିଁ । କାରଣ ପାଣି ପିଇଦେଲେ ଚଣା ଠିକ୍‌ରେ ହଜମ ହୁଏନାହିଁ; ଯଦ୍ଦ୍ୱାରା ପେଟ ଦରଜ ସମସ୍ୟା ଦେଖାଯିବ । ସେହିପରି ପିଜୁଳି ଖାଇବା ପରେ ମଧ ପାଣି ପିଇବା ଠିକ୍ ନୁହେଁ । ଏହା ଗ୍ୟାସ ସମସ୍ୟାକୁ ଡାକି ଆଣିଥାଏ । ଅନ୍ୟପକ୍ଷେ ଆଇସ୍‌କ୍ରିମ୍ ଖାଇବା ପରେ ବି ପାଣି ପିଇଲେ ତଣ୍ଟି ଦରଜ ହେବା ସହ ଦାନ୍ତରେ ସେନ୍‌ସେଶନ୍ ସମସ୍ୟା ଦେଖାଯାଇଥାଏ । ଏହାଛଡ଼ା ଯେଉଁ ଫଳରେ ଜଳୀୟ ଅଂଶ ଅଧିକ ଥାଏ ଯଥା: କମଳା, କାକୁଡି, ଷ୍ଟବେରୀ, ତରଭୁଜ, ଖରଭୁଜ ଇତ୍ୟାଦି ଖାଇବା ପରେ ଆଦୌ ପାଣି ପିଅନ୍ତୁ ନାହିଁ ।




ଆଜିକାଲି ଦୁନିଆରେ ସମସ୍ତେ ବ୍ୟସ୍ତ । ଆଉ ଏହି ବ୍ୟସ୍ତ ବହୁଳ ଜୀବନରେ ନିଜକୁ ସୁସ୍ଥ ରଖିବା ସବୁଠାରୁ ବଡ଼ ଚାଲେଞ୍ଜ । କାରଣ ଏବେ ଘରେ ଘରେ ରୋଗ, ଘରେ ଘରେ ରୋଗୀ । ଏମିତି ଗୋଟେ ବି ପରିବାର ନାହିଁ ଯାହା ଘରେ ରୋଗୀ ନଥିବେ । ତେଣୁ ଏସବୁ ପରିସ୍ଥିତିର ମୁକାବିଲା ପାଇଁ, ନିଜକୁ ସୁସ୍ଥ ରଖିବା ପାଇଁ କଣ ଖାଇବା ଦରକାର.. କେମିତି ନିଜ ଦେହର ଯତ୍ନ ନେବା ଦରକାର ବୋଲି ପ୍ରଶ୍ନ ଆସେ । ପ୍ରାୟତଃ ପ୍ରତି ଘରେ ଏମିତି ଜଣେ ବ୍ୟକ୍ତି ଥିବେ ଯାହାଙ୍କୁ ଯେତେବେଳେ ବି ଦେଖ କିଛି ନା' କିଛି ରୋଗ ଲାଗିରହିଥିବ । ବାରମ୍ବାର ଅସୁସ୍ଥ , ସାମାନ୍ୟ ଜ୍ୱର ଏବଂ ଥଣ୍ଡା, କାଶ ,ଛିଙ୍କ ଭଳି ସମସ୍ୟା ଲାଗିରହିଥିବ । ଏହା ସାଧାରଣତଃ ଦୁର୍ବଳ ରୋଗ ପ୍ରତିରୋଧକ ଶକ୍ତି (ଇମ୍ୟୁନିଟି) କାରଣରୁ ହୋଇଥାଏ । ଯଦି ଆପଣଙ୍କ ମଧ୍ୟରେ ମଧ ପାଣିପାଗ ବଦଳିବା ସହିତ ଅସୁସ୍ଥ ହେବାର ସମସ୍ୟା ଦେଖାଯାଉଛି ତେବେ ଆପଣଙ୍କୁ ନିଜ ଖାଦ୍ୟରେ ଏପରି ଦ୍ରବ୍ୟ ସାମିଲ କରିବା ଉଚିତ ଯାହା ରୋଗ ପ୍ରତିରୋଧକ ଶକ୍ତିକୁ ଦୃଢ଼ କରିବା ପାଇଁ ସାହାଯ୍ୟ କରିବ । ଆସନ୍ତୁ ସେ ବାବଦରେ ଜାଣିବା...

ଫଳ, ବିନ୍ସ, ଡ୍ରାଏ ଫ୍ରୁଟ୍ସ , ପନିପରିବା, ଲିନ୍ ପ୍ରୋଟିନରେ ଭରପୂର ଏକ ସନ୍ତୁଳିତ ଆହାର ଶରୀରକୁ ସୁସ୍ଥ ରଖିବା ଏବଂ ରୋଗରୁ ରକ୍ଷା କରିବା ପାଇଁ ଜରୁରୀ । ଓଟ୍ସ, କିନୋଆ, ସ୍ପ୍ରାଉଟ୍ସ ଏବଂ ଚଣା ଭଳି ଖାଦ୍ୟ ପ୍ରତିଦିନ ଖାଦ୍ୟରେ ସାମିଲ କରିବା ଉଚିତ । ଏଥିରେ ଭରପୂର ମାତ୍ରାରେ ମିନେରାଲ୍ସ ଏବଂ ଭିଟାମିନ୍ସ ଥାଏ, ଯାହା ଶରୀରକୁ ଭିତରୁ ପୋଷଣ ଦିଏ ଏବଂ ଶକ୍ତିଶାଳୀ କରେ । ଏତଦ୍ ବ୍ୟତୀତ, ଭରପୂର ମାତ୍ରାରେ ପର୍ଯ୍ୟାପ୍ତ ନିଦ, ଫିଜିକାଲ ଆକ୍ଟିଭିଟି ଏବଂ ଚାପକୁ କମ୍ କରିବା ମଧ ନିହାତି ଜରୁରୀ । ଏଠାରେ ଆମେ ଆପଣଙ୍କୁ କିଛି ଏପରି ଖାଦ୍ୟ ବିଷୟରେ କହୁଛୁ, ଯାହା ଶରୀରର ରୋଗ ପ୍ରତିରୋଧକ କ୍ଷମତା ବଢ଼ାଇବାରେ ବହୁତ ସାହାଯ୍ୟ କରେ ।

ଯଦି ଆପଣ ନିଜର ଇମ୍ୟୁନିଟିକୁ ବଢ଼ାଇବାକୁ ଚାହୁଁଛନ୍ତି, ତେବେ ଆପଣଙ୍କୁ ନିଜର ଡେଲି ଡାଏଟରେ ଭିଟାମିନ ସି ରିଚ୍ ଫଳର ସେବନ କରିବା ଉଚିତ । କମଳା, ଲେମ୍ବୁ , କିୱି, ଅମୃତଭଣ୍ଡା ଭଳି ଫଳରେ ଭିଟାମିନ ସି ପ୍ରଚୁର ମାତ୍ରାରେ ଥାଏ ଯାହା ଇମ୍ୟୁନିଟିକୁ ବଢ଼ାଏ । ଖଟା ଫଳ ରୋଗ ପ୍ରତିରୋଧକ କ୍ଷମତାକୁ ବଢ଼ାଇଥାଏ, ଯାହା ସଂକ୍ରମଣ ସହିତ ଲଢ଼ିବା ପାଇଁ ଧଳା ରକ୍ତ କୋଷିକାର ଉତ୍ପାଦନକୁ ଉତ୍ତେଜିତ କରିଥାଏ । ଏଥିରେ ଆଣ୍ଟିଅକ୍ସିଡେଣ୍ଟ ମଧ ଥାଏ, ଯାହା କୋଷିକାଗୁଡ଼ିକୁ ନଷ୍ଟ ହେବାରୁ ବଞ୍ଚାଇଥାଏ, ଫ୍ଲେଭୋନଏଡ୍ସ ଥାଏ, ଯାହା ହୃଦୟ ସ୍ୱାସ୍ଥ୍ୟ ପାଇଁ ଭଲ ହୋଇଥାଏ ଏବଂ ଖଟା ଫଳରେ ପ୍ରଚୁର ପରିମାଣରେ ଫାଇବର ଥାଏ, ଯାହା ହଜମରେ ସାହାଯ୍ୟ କରେ ଏବଂ ଆପଣଙ୍କ ଓଜନକୁ ମଧ ନିୟନ୍ତ୍ରଣରେ ରଖେ ।



# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୧୮ ଅକ୍ଟୋବର ୨୦୨୫, ଶନିବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## କର୍କଟ ଚିକିତ୍ସାରେ କୃତ୍ରିମ ବୁଦ୍ଧିମତ୍ତାର ନୂତନ ଦିଗନ୍ତ

ଲୋକମାନେ କ୍ୟାନସର ବା କର୍କଟ ରୋଗର ନାମ ଶୁଣିଲେ ଭୟଭୀତ ହୋଇଯାଆନ୍ତି । ଏହା ଏକ ଏପରି ରୋଗ ଯାହା ଶରୀରର କୌଣସି ଅଙ୍ଗରେ ଆରମ୍ଭ ହୋଇପାରେ ଏବଂ ଏହାର କୋଷିକାଗୁଡ଼ିକ ଅନିୟନ୍ତ୍ରିତ ଭାବରେ ବୃଦ୍ଧି ପାଇଥାଏ । ଯଦି ଏହାର ଶୀଘ୍ର ଚିହ୍ନଟ କରାନଯାଏ, ତେବେ ଏହା ଶରୀରର ଅନ୍ୟ ଅଙ୍ଗକୁ ବ୍ୟାପିଯାଏ ଏବଂ ରୋଗୀର ମୃତ୍ୟୁର କାରଣ ହୋଇଥାଏ । କର୍କଟ ରୋଗର ଚିକିତ୍ସା ପାଇଁ ଅନେକ ପଦ୍ଧତି ଅଛି, ଯେପରିକି ଅସ୍ତ୍ରୋପଚାର, କେମୋଥେରାପି, ରେଡିଓଥେରାପି ଇତ୍ୟାଦି । କିନ୍ତୁ ଏହି ସବୁ ଚିକିତ୍ସା ପଦ୍ଧତି ସବୁବେଳେ ସଫଳ ହୋଇନଥାଏ ଏବଂ ଏହାର ଅନେକ ପାର୍ଶ୍ୱ ପ୍ରତିକ୍ରିୟା ମଧ୍ୟ ରହିଛି । ବୈଜ୍ଞାନିକମାନେ ଦୀର୍ଘ ଦିନ ଧରି କର୍କଟ ରୋଗର ଏକ ସ୍ଥାୟୀ ଏବଂ ପ୍ରଭାବଶାଳୀ ଚିକିତ୍ସା ଖୋଜିବାରେ ଲାଗିଛନ୍ତି । ଏହି ପରିପ୍ରେକ୍ଷୀରେ, ଗୁଗୁଲର ଏକ ନୂତନ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (**AI**) ମଡେଲ ଏକ ନୂଆ ଆଶାର କିରଣ ନେଇ ଆସିଛି ।

ଗୁଗୁଲର ଏହି ନୂତନ **AI** ମଡେଲ, ଯାହାର ନାମ **C2S-Scale**, କର୍କଟ ରୋଗର ଚିକିତ୍ସା ପାଇଁ ଏକ ନୂତନ ଔଷଧ ସଂଯୋଗର ସନ୍ଧାନ ଦେଇଛି, ଯାହା ବିଷୟରେ ମାନବ ବିଶେଷଜ୍ଞମାନେ ଅଜ୍ଞ ଥିଲେ । ଏହି **AI** ମଡେଲଟି କୋଷିକାମାନଙ୍କର ଭାଷା ବୁଝିବା ପାଇଁ ଡିଜାଇନ୍ କରାଯାଇଛି । ଏହା କୋଷିକାମାନଙ୍କ ମଧ୍ୟରେ ଥିବା ଜଟିଳ ସମ୍ପର୍କକୁ ବିଶ୍ଲେଷଣ କରି କର୍କଟ କୋଷିକାଗୁଡ଼ିକୁ କିପରି ନଷ୍ଟ କରାଯାଇପାରିବ, ସେଥିପାଇଁ ଏକ ନୂତନ ପଥ ପ୍ରଦର୍ଶନ କରିଛି । ଏହି **AI** ମଡେଲର ସବୁଠାରୁ ବଡ଼ ସଫଳତା ହେଉଛି, ଏହା କେବଳ ତଥ୍ୟ ବିଶ୍ଲେଷଣ କରିନାହିଁ, ବରଂ ଏକ ନୂତନ ବୈଜ୍ଞାନିକ ପରିକଳ୍ପନା ସୃଷ୍ଟି କରିଛି, ଯାହାକୁ ପରୀକ୍ଷାମୂଳକ ଭାବରେ ପ୍ରମାଣିତ କରାଯାଇପାରିଛି । ଏହି **AI** ମଡେଲର କାର୍ଯ୍ୟପ୍ରଣାଳୀ ବୁଝିବାକୁ ହେଲେ, ଆମକୁ ପ୍ରଥମେ କର୍କଟ ରୋଗର ଏକ ମୌଳିକ ଦିଗକୁ ବୁଝିବାକୁ ହେବ। ଆମ ଶରୀରର ରୋଗ ପ୍ରତିରୋଧକ ଶକ୍ତି (**immune system**) ସାଧାରଣତଃ ବାହ୍ୟ ଜୀବାଣୁ ଏବଂ ଭାଇରସ୍ ସହିତ ଲଢ଼ିବା ସହିତ ଶରୀରରେ ସୃଷ୍ଟି ହେଉଥିବା ଅସ୍ୱାଭାବିକ କୋଷିକା, ଯେପରିକି କର୍କଟ କୋଷିକାକୁ ମଧ୍ୟ ଚିହ୍ନଟ କରି ନଷ୍ଟ କରିଥାଏ । କିନ୍ତୁ କେତେକ କ୍ଷେତ୍ରରେ, କର୍କଟ କୋଷିକାଗୁଡ଼ିକ ଏତେ ଚତୁରତାର ସହିତ ନିଜକୁ ଲୁଚାଇ ରଖନ୍ତି ଯେ ରୋଗ ପ୍ରତିରୋଧକ ଶକ୍ତି ସେମାନଙ୍କୁ ଚିହ୍ନଟ କରିପାରେ ନାହିଁ । ଏହି ପରିସ୍ଥିତିରେ, କର୍କଟ କୋଷିକାଗୁଡ଼ିକ ଧୀରେ ଧୀରେ ବଢ଼ିବାକୁ ଲାଗନ୍ତି ଏବଂ ଏକ ଟ୍ୟୁମରରେ ପରିଣତ ହୁଅନ୍ତି । ଗୁଗୁଲର ବୈଜ୍ଞାନିକମାନେ ଏହି ସମସ୍ୟାର ସମାଧାନ ପାଇଁ **C2S-Scale AI** ମଡେଲକୁ ବ୍ୟବହାର କରିଛନ୍ତି । ସେମାନେ ଏହି ମଡେଲକୁ ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟ ଦେଇଥିଲେ: ଏପରି ଏକ ଔଷଧ ଖୋଜିବା, ଯାହା କେବଳ ସେତେବେଳେ ରୋଗ ପ୍ରତିରୋଧକ ଶକ୍ତିକୁ ସକ୍ରିୟ କରିବ, ଯେତେବେଳେ ଶରୀରରେ ଇଣ୍ଟରଫେରନ୍ (**interferon**) ନାମକ ଏକ ପ୍ରୋଟିନର ସ୍ତର କମ୍ ଥିବ । ଇଣ୍ଟରଫେରନ୍ ଶରୀରର ପ୍ରାକୃତିକ ପ୍ରତିରକ୍ଷା ପ୍ରଣାଳୀର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଏବଂ ଏହା ସଂକ୍ରମଣ ଏବଂ ଟ୍ୟୁମର ବିରୁଦ୍ଧରେ ଲଢ଼ିବାରେ ସାହାଯ୍ୟ କରେ । ଯେତେବେଳେ ଏକ ଟ୍ୟୁମର ଗୁପ୍ତ ଭାବରେ ବଢୁଥାଏ, ସେତେବେଳେ ଶରୀରରେ ଇଣ୍ଟରଫେରନର ସ୍ତର କମ୍ ଥାଏ । ଇଓ ମଡେଲଟି ୪,୦୦୦ରୁ ଅଧିକ ଔଷଧର ପ୍ରଭାବକୁ ବିଶ୍ଲେଷଣ କରିଥିଲା ଏବଂ ସେଥିମଧ୍ୟରୁ କେତେକ ଔଷଧକୁ ଚିହ୍ନଟ କରିଥିଲା, ଯାହା କମ୍ ଇଣ୍ଟରଫେରନ୍ ସ୍ତର ଥିବା ପରିସ୍ଥିତିରେ ମଧ୍ୟ କାର୍ଯ୍ୟକ୍ଷମ ଥିଲା । ଏହି ଔଷଧଗୁଡ଼ିକ ମଧ୍ୟରୁ କେତେକ ପୂର୍ବରୁ ଜଣାଶୁଣା ଥିବାବେଳେ, ଅନ୍ୟ କେତେକ ସମ୍ପୂର୍ଣ୍ଣ ନୂଆ ଥିଲା । ମଡେଲଟି ସିଲମିଟାସର୍ଟିବ (**silmitasertib**) ନାମକ ଏକ ରାସାୟନିକ ଔଷଧ ଉପରେ ବିଶେଷ ଭାବରେ ଧ୍ୟାନ କେନ୍ଦ୍ରିତ କରିଥିଲା, ଯାହା କେବଳ ଟ୍ୟୁମର ଥିବାର ସନ୍ଦେହ ହେଲେ ହିଁ ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରୁଥିଲା ।

ଏହି ଆବିଷ୍କାରର ସବୁଠାରୁ ରୋମାଞ୍ଚକର ଦିଗଟି ହେଉଛି, ଏହା ଏକ ସମ୍ପୂର୍ଣ୍ଣ ନୂତନ ଧାରଣା ଥିଲା । ପୂର୍ବରୁ କୌଣସି ବୈଜ୍ଞାନିକ ଗବେଷଣାରେ ଏହା ଉଲ୍ଲେଖ କରାଯାଇନଥିଲା ଯେ ସିଲମିଟାସର୍ଟିବ୍ ଦ୍ୱାରା **CK2** (ଟ୍ୟୁମର ଦ୍ୱାରା ପ୍ରକାଶିତ ଏକ ପ୍ରୋଟିନ୍) କୁ ପ୍ରତିରୋଧ କରିବା ଦ୍ୱାରା ଆଣ୍ଟିଜେନ୍ ପ୍ରେଜେଣ୍ଟେସନ୍ (**antigen presentation**) ବୃଦ୍ଧି ପାଇପାରେ । ଏହା ଦର୍ଶାଏ ଯେ **AI** ମଡେଲଟି କେବଳ ପୁରୁଣା ତଥ୍ୟକୁ ପୁନରାବୃତ୍ତି କରୁନଥିଲା, ବରଂ ଏକ ନୂତନ ଏବଂ ପରୀକ୍ଷାମୂଳକ ପରିକଳ୍ପନା ସୃଷ୍ଟି କରୁଥିଲା । ଏହି ପରିକଳ୍ପନାକୁ ପ୍ରମାଣିତ କରିବା ପାଇଁ, ବୈଜ୍ଞାନିକମାନେ ଏହାକୁ ମାନବ ନ୍ୟୁରୋ-ଏଣ୍ଡୋକ୍ରାଇନ୍ କୋଷିକା ମଡେଲରେ ପରୀକ୍ଷା କରିଥିଲେ । ଏହି ପରୀକ୍ଷଣରୁ ଜଣାପଡ଼ିଥିଲା ଯେ ସିଲମିଟାସର୍ଟିବ୍ ଏବଂ କମ୍ ମାତ୍ରାର ଇଣ୍ଟରଫେରନର ମିଶ୍ରଣ ଦ୍ୱାରା ଆଣ୍ଟିଜେନ୍ ପ୍ରେଜେଣ୍ଟେସନ୍ ପ୍ରାୟ ୫୦% ବୃଦ୍ଧି ପାଇଥିଲା । ଏହାଦ୍ୱାରା ଟ୍ୟୁମରଟି ରୋଗ ପ୍ରତିରୋଧକ ଶକ୍ତି ପାଇଁ ଅଧିକ ଦୃଶ୍ୟମାନ ହୋଇପାରିଥିଲା । ଏହିପରି ଭାବରେ, **AI** ମଡେଲଟି କମ୍ପ୍ୟୁଟର-ଆଧାରିତ ପୂର୍ବାନୁମାନକୁ ଲାବୋରେଟୋରୀରେ ସଫଳତାର ସହିତ ପ୍ରମାଣିତ କରିପାରିଥିଲା । ଏହି ଆବିଷ୍କାର କର୍କଟ ରୋଗର ଚିକିତ୍ସା କ୍ଷେତ୍ରରେ ଏକ ନୂତନ ଦିଗନ୍ତ ଉନ୍ମୋଚନ କରିଛି । ଏହା ଦର୍ଶାଉଛି ଯେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ କେବଳ ତଥ୍ୟ ବିଶ୍ଲେଷଣ ପାଇଁ ଏକ ଉପକରଣ ନୁହେଁ, ବରଂ ଏହା ବୈଜ୍ଞାନିକ ଆବିଷ୍କାର ପ୍ରକ୍ରିୟାରେ ଏକ ସକ୍ରିୟ ଅଂଶଗ୍ରହଣକାରୀ ହୋଇପାରେ । ଏହା ନୂତନ ଔଷଧର ସନ୍ଧାନ, ରୋଗର ନିଦାନ ଏବଂ ବ୍ୟକ୍ତିଗତ ଚିକିତ୍ସା ଯୋଜନା ପ୍ରସ୍ତୁତ କରିବାରେ ବୈପ୍ଳବିକ ପରିବର୍ତ୍ତନ ଆଣିପାରେ ।

ଏହି ଘଟଣା ଆମକୁ ଭବିଷ୍ୟତର ସ୍ୱାସ୍ଥ୍ୟସେବା ବିଷୟରେ ଚିନ୍ତା କରିବାକୁ ବାଧ୍ୟ କରୁଛି । **AI** ର ବ୍ୟବହାର ଦ୍ୱାରା ଆମେ ଅନେକ ଜଟିଳ ରୋଗର କାରଣ ଏବଂ ଚିକିତ୍ସା ବିଷୟରେ ଗଭୀର ଭାବରେ ବୁଝିପାରିବା । ଏହାଦ୍ୱାରା ଚିକିତ୍ସା ପ୍ରଣାଳୀ ଅଧିକ ସଠିକ୍, ପ୍ରଭାବଶାଳୀ ଏବଂ ସୁଲଭ ହୋଇପାରିବ । ତେବେ, ଏହି ଟେକ୍ନୋଲୋଜିର ବ୍ୟବହାର ସହିତ କିଛି ନୈତିକ ଏବଂ ସାମାଜିକ ପ୍ରଶ୍ନ ମଧ୍ୟ ଜଡ଼ିତ। ଆମକୁ ଏହା ସୁନିଶ୍ଚିତ କରିବାକୁ ହେବ ଯେ ଏହି ଟେକ୍ନୋଲୋଜିର ଲାଭ ସମସ୍ତଙ୍କ ପାଖରେ ପହଞ୍ଚିପାରୁଛି ଏବଂ ଏହାର କୌଣସି ଅପବ୍ୟବହାର ହେଉନାହିଁ । ଗୁଗୁଲର ଏହି ସଫଳତା କେବଳ ଏକ ଆରମ୍ଭ ମାତ୍ର । ଭବିଷ୍ୟତରେ ଆମେ **AI** ର ଆହୁରି ଅନେକ ଚମତ୍କାର ଦେଖିବାକୁ ପାଇବା । ଏହି ଟେକ୍ନୋଲୋଜି ମାନବ ଜାତି ପାଇଁ ଏକ ବରଦାନ ସାବ୍ୟସ୍ତ ହୋଇପାରେ, ଯଦି ଆମେ ଏହାର ସଠିକ୍ ଭାବରେ ବ୍ୟବହାର କରିପାରିବା । କର୍କଟ ରୋଗ ବିରୁଦ୍ଧରେ ଲଢ଼େଇରେ ଏହି ନୂତନ ଅସ୍ତ୍ର ଆମକୁ ନିଶ୍ଚିତ ଭାବରେ ଏକ ପାଦ ଆଗକୁ ନେଇଯିବ । ଆଶା କରାଯାଏ ଯେ ଏହିପରି ଗବେଷଣା ଦ୍ୱାରା ଦିନେ ନା ଦିନେ ଆମେ କର୍କଟ ରୋଗକୁ ସମ୍ପୂର୍ଣ୍ଣ ଭାବରେ ପରାସ୍ତ କରିପାରିବା ।

## ଆୟୁର୍ବେଦର ଦେବତା ଶ୍ରୀଶ୍ରୀ ଧନ୍ୱନ୍ତରୀ



### ସୁଷମା ପରିଜା

ହିନ୍ଦୁ ଧର୍ମରେ କାର୍ତ୍ତିକ ମାସ ଏକ ପୁଣ୍ୟମାସ । ଏଣୁ ପଦ୍ମ ପୁରାଣରେ କୁହାଯାଇଛି, 'ମାସାନାଂ କାର୍ତ୍ତିକ ଶ୍ରେଷ୍ଠ' । ଏହି ମାସରେ ବହୁ ପବିତ୍ର ପର୍ବପର୍ବାଣି ମାନ ପଡ଼ିଥାଏ । ସେହିଭଳି ଏକ ପବିତ୍ର ଦିବସ ହେଉଛି କାର୍ତ୍ତିକ କୃଷ୍ଣ ତ୍ରୟୋଦଶୀ । ଏହା ଭଗବାନ ଧନ୍ୱନ୍ତରୀଙ୍କ ଜୟନ୍ତୀ ରୂପେ ବିଖ୍ୟାତ । ଭଗବାନ ଧନ୍ୱନ୍ତରୀ ହେଉଛନ୍ତି ଆୟୁର୍ବେଦର ଜନକ । ଦେବାସୁରଙ୍କ ସମୁଦ୍ର ମନ୍ଥନ ସମୟରେ ସେ ଆଜିର ଦିନରେ ସାଗର ମଧ୍ୟରୁ ଆବିର୍ଭୂତ ହୋଇଥିଲେ । ପୁରାଣ କହେ ଅମୃତପ୍ରାପ୍ତି ନିମନ୍ତେ ଦେବ ଦାନ୍ୱ ମିଶି ସାଗର ମନ୍ଥନ କରିଥିଲେ । ମନ୍ଥନରୁ ଐରାବତ, ପାରିଜାତ, ଲକ୍ଷ୍ମୀ ଦେବୀଙ୍କ ସମେତ ଚଉଦ ଟି ଅମୂଲ୍ୟ ସମ୍ପଦ ସହ ଭଗବାନ ଧନ୍ୱନ୍ତରୀ ହସ୍ତରେ ଅମୃତ କଳସ ଧରି ପ୍ରକଟ ହୋଇଥିଲେ । ଅମୃତ କଳସ ଧରି ଧନ୍ୱନ୍ତରୀ ପ୍ରକଟ ହେବା କ୍ଷଣି ଅସୁରମାନେ ତାଙ୍କ ଠାରୁ ସେହି କଳସଟି ଛଡ଼ାଇ ନେଇ ପଳାଇ ଯାଉଥିଲା ବେଳେ ସେ ଅମୃତ କୁମ୍ଭରୁ ଅମୃତ ଛିଟିକି ଆସି ଭାରତର ଚାରୋଟି ସ୍ଥାନ (ପ୍ରୟାଗ, ହରିଦ୍ୱାର, ଉଜ୍ଜୟିନୀ ଏବଂ ନାସିକ) ରେ ପଡିଥିଲା । ଏଣୁ ଏହି ସ୍ଥାନ ଗୁଡ଼ିକ ଅତୀବ ପବିତ୍ର ମନେ କରାଯାଏ ଏବଂ ସେଠାରେ କୁମ୍ଭ ମେଳା ଅନୁଷ୍ଠିତ ହୋଇଥାଏ ।

କଥିତ ଅଛି ଯେ ଅମୃତ କୁମ୍ଭ କୁ ଛଡ଼ା ଛଡ଼ି ହୋଇ ଦେଶ ଦାନବଙ୍କ ମଧ୍ୟରେ ଘନଘୋର କଳହ ଉପୁଜିବାରୁ ଶ୍ରୀ ମହାବିଷ୍ଣୁ ମୋହିନୀ ରୂପରେ ଉଭା ହେଲେ। ତାଙ୍କର ରୂପ ମାଧୁରୀରେ ଅସୁର ମାନଙ୍କୁ ମୋହିତ କରି ସେମାନଙ୍କ ମଧ୍ୟରେ ସମାନ ଭାବରେ ବାଣ୍ଟି ଦେବେ ବୋଲି ଭରସା ଦେଇ ଅସୁର ମାନଙ୍କ ଠାରୁ ଅମୃତ କଳସଟି ଉଦ୍ଧାର କରିଥିଲେ । ଦେବତା ଏବଂ ଅସୁର ମାନଙ୍କୁ ସେ ଦୁଇ ଧାଡ଼ିରେ ବସାଇ ଅମୃତ ପରସୁ ଥିଲା ବେଳେ କପଟି ଚନ୍ଦ୍ରକେତୁ ନାମକ ରାକ୍ଷସ ଦେ୍ୱ ଗଣଙ୍କ ମଧ୍ୟରେ ବସି କିଛି ଅମୃତ ପିଇ ଦେଇଥିଲା । ଏହା ଚନ୍ଦ୍ର, ସୂର୍ଯ୍ୟ ଜାଣିପାରି ବିଷ୍ଣୁଙ୍କୁ କହିବାରୁ, ବିଷ୍ଣୁ ସୁଦର୍ଶନ ଚକ୍ରରେ ରାକ୍ଷସ ର ମୁଣ୍ଡ ଗଣ୍ଡି ଅଲଗା କରିଦେଲେ । କିନ୍ତୁ ସେ ଅମୃତପାନ କରିସାରି ଥିବାରୁ ଅମର ହୋଇ ଯାଇଥିଲା, ତା'ର ମୁଣ୍ଡ ଭାଗଟି ରାହୁ ଏବଂ ଗଣ୍ଡି ଭାଗଟି କେତୁ ରୂପେ ଗ୍ରହ ହୋଇ ଆକାଶରେ ହୋଇ ଅବସ୍ଥାନ କଲେ । ପ୍ରତି ପୂର୍ଣ୍ଣିମା ଓ ଅମାବାସ୍ୟାରେ ପ୍ରତିଶୋଧ ସ୍ୱରୂପ ରାହୁ ଏବଂ କେତୁ ଚନ୍ଦ୍ର ସୂର୍ଯ୍ୟଙ୍କୁ ଗ୍ରାସ କରି ଥାଆନ୍ତି । ଯାହା ଫଳରେ ଚନ୍ଦ୍ର ଗ୍ରହଣ, ସୂର୍ଯ୍ୟ ପରାଗ ସଂଘଟିତ ହୋଇଥାଏ ।

ସାଗର ସମ୍ଭୁତ ଭଗବାନ ଧନ୍ୱନ୍ତରୀଙ୍କ ଜନ୍ମତିଥିକୁ ଧନ୍ୱନ୍ତରୀ ତ୍ରୟୋଦଶୀ ବା ଧନ ତ୍ରୟୋଦଶୀ କୁହାଯାଏ । ଏହା ଅପଭ୍ରଂଶ ହୋଇ ଧନତେରସ ବୋଲି ପାଳିତ ହେଉଛି । ଧନ୍ୱନ୍ତରୀ ଦେବ ବୈଦ୍ୟ । ସେ ଆୟୁର୍ବେଦର ଅଧିଷ୍ଠାତା । ଏଣୁ ତାଙ୍କର ଏହି ଜନ୍ମ ଦିବସ ଆୟୁର୍ବେଦ ଦିବସ ଭାବରେ ମଧ୍ୟ ପାଳିତ ହେଉଛି। ଭଗବାନ ଧନ୍ୱନ୍ତରୀ ଶ୍ୟାମ ବର୍ଣ୍ଣର, ଉଜ୍ଜ୍ୱଳ ଆଭୂଷଣ ଯୁକ୍ତ ଗୋଟିଏ ହାତରେ ଶଙ୍ଖ ଓ ଅନ୍ୟ ହାତମାନଙ୍କରେ ଔଷଧୀୟ ଗୁଳ୍ମ, ଅମୃତକଳସ ଏବଂ ଆୟୁର୍ବେଦଶାସ୍ତ୍ର ଧାରଣ କରି ଥାନ୍ତି। ଧନ୍ୱନ୍ତରୀ ସ୍ୱର୍ଗର ବୈଦ୍ୟ । ସାଧାରଣ ମନୁଷ୍ୟ ର ଜରା ବ୍ୟାଧି ଦୂର କରିବା ପାଇଁ, ସେ ମର୍ତ୍ତ୍ୟରେ ଆବିର୍ଭୂତ ହୋଇଥିଲେ । ଏ ମନୁଷ୍ୟ କେଉଁ ସ୍ମରଣାତିତ କାଳରୁ ନୀରୋଗ ଓ ଦୀର୍ଘାୟୁ ରହିବା ନିମନ୍ତେ ଉଦ୍ୟମ କରି ଆସୁଛି । ଶରୀର ନୀରୋଗ ରହିଲେ ସେ ଧର୍ମ, ଅର୍ଥ ଆଦି ଚତୁଃବର୍ଗ ଫଳ ଲାଭ କରିପାରିବ। ଏଣୁ କହା ଯାଇଛି 'ଶରୀରଂ ଆଦ୍ୟମ୍, ଖଳୁ ଧର୍ମ ସାଧନମ୍" । ଅଧୁନା ବିଶ୍ୱରେ ଆଧୁନିକ ଚିକିତ୍ସା ବିଜ୍ଞାନ ତା'ର କାୟା ବିସ୍ତାର କରି ଚାଲିଥିବା ସତ୍ୱେ ଆୟୁର୍ବେଦ ମଧ୍ୟ ତାର ଜୟ ଯାତ୍ରା ବଜାୟ ରଖିଛି। ଆଧୁନିକ ଚିକିତ୍ସା ସହିତ ଆମ ଦେଶରେ ଆୟୁଷ ଚିକିତ୍ସାକୁ ବହୁ ଗୁରୁତ୍ୱ ଦିଆ ଯାଉଛି। ଆୟୁର୍ବେଦ, ୟୁନାନି, ଯୋଗ, ନେଚରୋପାଥି, ସିଦ୍ଧ, ହୋମିଓପାଥି ଆଦି ଏହି ଆୟୁଷ ଚିକିତ୍ସା ଅନ୍ତର୍ଭୁକ୍ତ।

ଆୟୁର୍ବେଦ ପ୍ରାଚୀନ ଭାରତୀୟ ବୈଦିକ ଚିକିତ୍ସା ବିଜ୍ଞାନ । ଏହାର ମୂଳ ଉତ୍ସ ଅଥର୍ବ ବେଦ । ଆମର ପୁରାଣ ଶାସ୍ତ୍ର ମାନଙ୍କରେ ଆୟୁର୍ବେଦର ସବିଶେଷ ବର୍ଣ୍ଣନା ମିଳିଥାଏ । ଆମେ ଜାଣନ୍ତି ରାମାୟଣରେ ବୈଦ୍ୟ ସୁଷେଣଙ୍କ ପରାମର୍ଶରେ ବୀର ହନୁମାନ ଗନ୍ଧମାର୍ଦ୍ଦନ ପର୍ବତରୁ ସଞ୍ଜିବନୀ ଆଣିଥିଲେ ଏବଂ ଶକ୍ତିଭେଦ ହୋଇ ମୃତ ପ୍ରାୟ ପଡ଼ିଥିବା ଲକ୍ଷ୍ମଣଙ୍କୁ ଜୀବିତ କରାଇ ଥିଲେ। ଆୟୁର୍ବେଦ ଚିକିତ୍ସା ଏକ ବିଜ୍ଞାନଭିତ୍ତିକ ଚିକିତ୍ସାପଦ୍ଧତି । ଆୟୁର୍ବେଦ ଶାସ୍ତ୍ରର ମୁଖ୍ୟ ଗ୍ରନ୍ଥଗୁଡିକ ହେଲା ଚରକ ସଂହିତା, ଶୁଶ୍ରୁତ ସଂହିତା, ବାଣ ଭଟ୍ଟଙ୍କ ଅଷ୍ଟାଙ୍ଗ ନିର୍ଘଣ୍ଟ, ଆଚାର୍ଯ୍ୟ ମାଧବ କରଙ୍କ ମାଧବ ନିଦାନ, ଆଚାର୍ଯ୍ୟ ଶାରଙ୍ଗ ଧରଙ୍କ ସାରଙ୍ଗଧର ସଂହିତା ଏବଂ ଆଚାର୍ଯ୍ୟ ଭାବ ମିଶ୍ରଙ୍କ ଭାବପ୍ରକାଶ । ଆୟୁର୍ବେଦ ତ୍ରିଦୋଷ ବାତ, ପିତ୍ତ ଏବଂ କଫ ପ୍ରଶମନ ଉପରେ ଗୁରୁତ୍ୱ ଦେଇ ଥାଏ । ସେହିପରି ରସ, ରକ୍ତ, ମାଂସ, ମେଦ, ଅସ୍ଥି, ମଜ୍ଜା ଓ ଶୁକ୍ର ସପ୍ତଧାତୁ ଓ ମଳ ମୂତ୍ର ଆଦିକୁ ଏହି ଚିକିତ୍ସାରେ ଅନ୍ତର୍ଭୁକ୍ତ କରାଯାଇଛି । ଆୟୁର୍ବେଦର ସିଦ୍ଧାନ୍ତ ଅନୁସାରେ ଏସବୁର ସନ୍ତୁଳନରେ ଶରୀର ନୀରୋଗ ରହେ ଏବଂ ବିଷମତାରେ ରୋଗ ସୃଷ୍ଟି ହୋଇଥାଏ । ବର୍ତ୍ତମାନ ସମୟରେ ଭାରତୀୟ ଆୟୁର୍ବେଦ ଶାସ୍ତ୍ରର ପଞ୍ଚକର୍ମ ଚିକିତ୍ସା, କ୍ଷାର ସୂତ୍ରଚିକିତ୍ସା ସମଗ୍ର ବିଶ୍ୱରେ ଆଦରଲାଭ କରିଛି । ପୃଥିବୀ ପୃଷ୍ଠରେ ସର୍ବ ପ୍ରଥମେ ମାନବ ସମାଜର ବ୍ୟାଧି ନିରାକରଣ ନିମନ୍ତେ ସ୍ଥାନୀୟ ବୃକ୍ଷଲତାରୁ ଔଷଧ ପ୍ରସ୍ତୁତ ବିଦ୍ୟା ଶିକ୍ଷା ଦେଇ ଦେବ ବୈଦ୍ୟ ଭଗବାନ ଧନ୍ୱନ୍ତରୀ ମାନବସମାଜର ଚିରନମସ୍ୟ ହୋଇ ରହିଛନ୍ତି ।




ଶାରଳା ଭବନ,
ପୋତା ପୋଖରୀ କଟକ-୪,
ମୋ: ୯୩୩୭୩୭୩୬୪୭


## ଦିପାବଳୀ ଓ ଧନତ୍ରୟୋଦଶୀ ଓ ଧନତେରସ



### ଅମୂଲ୍ୟ କୁମାର ପଣ୍ଡା

ଆମର ବାରମାସରେ ତେର ପର୍ବ ମଧ୍ୟରୁ ଆଲୋକର ପର୍ବ ଦୀପାବଳିକୁ ନେଇ ଘରେ ଘରେ ଆନନ୍ଦ ପରିଲକ୍ଷିତ ହୋଇଥାଏ। ତେବେ ଦୀପାବଳି ପୂର୍ବରୁ ଧନତେରସ ପାଳନ କରାଯିବାର ଏକ ବିଧି ରହିଛି। ହେଲେ ଏହି ଧନତେରସ କାହିଁକି ପାଳନ କରାଯାଏ ସେ କଥା ହୁଏତ କେତେକେ ଜାଣି ନ ଥିବେ। କାର୍ତ୍ତିକ ଶୁକ୍ଳ ତ୍ରୟୋଦଶିରେ ଧନତେରସ ପାଳନ କରାଯାଇଥାଏ। ଏହିଦିନ ଧନ୍ୱନ୍ତରୀଙ୍କ ଜନ୍ମ ହୋଇଥିଲା ବୋଲି ବିଶ୍ୱାସ ରହିଛି। ସେଥିପାଇଁ ଏହାକୁ ଧନତେରସ କୁହାଯାଏ। ଏହିଦିନ ମା' ଲକ୍ଷ୍ମୀ ଓ କୁବେରଙ୍କ ପୂଜା କରାଯାଏ। ଏପରି କଲେ ଘରେ ଅଭାବ ରୁହେନାହିଁ ବୋଲି ବିଶ୍ୱାସ ରହିଛି। ତେବେ ହିନ୍ଦୁ ଧର୍ମଶାସ୍ତ୍ର ଅନୁଯାୟୀ, ଭଗବାନ ଧନ୍ୱନ୍ତରୀ ଏହିଦିନ ସମୁଦ୍ର ମନ୍ଥନ ସମୟରେ ସୁନା କଳସ ନେଇ ପ୍ରକଟ ହୋଇଥିଲେ। ଆଉ ସେହି କଳସରେ ଥିବା ଅମୃତ ପାନ କରି ଦେବାତାମାନେ ଅମର ହୋଇ ଯାଇଥିଲେ। ଏହାର ୨ଦିନ ପରେ ମା'ଲକ୍ଷ୍ମୀଙ୍କର ପ୍ରକଟ ହୋଇଥିବା କୁହାଯାଏ। ତେଣୁ ଦୀପାବଳିର ୨ ଦିନ ପୂର୍ବରୁ ଧନତେରସ ପାଳନ କରାଯାଇଥାଏ। ଆହୁରି ମଧ୍ୟ କୁହାଯାଏ ଧନ୍ୱନ୍ତରୀ ଦେବତାଙ୍କର ବୈଦ୍ୟ ଥିଲେ। ତେଣୁ ଧନ୍ୱନ୍ତରୀଙ୍କୁ ପୂଜାକଲେ ଶରୀର ସୁସ୍ଥ ରହିଥାଏ।ଧନତେରସ ଦିନ ଯମ ଦୀପଦାନ କରିବାର ମହତ୍ତ୍ୱ ହେଉଛି ଏହିଦିନ ଯମଙ୍କୁ ପୂଜା କରାଯାଇଥାଏ। ଏହି ଦୀପ ମଣିଷ ଜୀବନର ଅକାଳ ମୃତ୍ୟୁର ଭୟକୁ ଦୂର କରେ ଏବଂ ପରିବାରର ସ୍ୱାସ୍ଥ୍ୟ ଓ ଆୟୁ ଶୁଭ କରେ। ଜ୍ୟୋତିଷ ଓ ପାରମ୍ପରିକ ମାନ୍ୟତା ଅନୁଯାୟୀ, ଯମ ଦୀପଦାନକୁ କେବେ ମଧ୍ୟ ଖାଲି ରଖି ଜଳାଇବା ଉଚିତ୍ ନୁହେଁ। ଏହାର ଭିତରେ ଗୋଟେ ସୁପାରି (ଗୁଆ), ଗୋଟେ ହଳଦିଆ କଉଡ଼ି, ଏବଂ ଗୋଟେ (ପଇସା) ରଖାଯାଏ। ଏହି ତିନିଟି ଜିନିଷ ସମୃଦ୍ଧି, ଆୟୁ ଓ ଶୁଭ ଫଳର ପ୍ରତୀକ ବୋଲି ମନାଯାଇଥାଏ। ଏହି ଦୀପଦାନ ମାନବ ଜୀବନରୁ ଅକାଳ ମୃତ୍ୟୁକୁ ଦୂର କରେ। ତା ସହିତ ଯମରାଜଙ୍କ ନିକଟରେ ଘରେ ସମସ୍ତଙ୍କ ଦୀର୍ଘାୟୁ ଓ ଭଲ ସ୍ୱାସ୍ଥ୍ୟ ପାଇଁ ପ୍ରାର୍ଥନା କରାଯାଏ। ଏହି ଦୀପ ଜଳାଇଲେ ଅଶୁଭ ଦୃଷ୍ଟି ଓ ଅଶୁଭ ଶକ୍ତି ଘର ପାଖ ମାଡ଼ିବେ ନାହିଁ। ଧନବନ୍ତରୀ ଦେବ ଆୟୁର୍ବେଦର ଜନକ ଭାବେ ପରିଚିତ। ତେଣୁ ଏହି ଦିନ ଅନେକ ଚିକିତ୍ସକ ଓ ଆୟୁର୍ବେଦ ଗୁରୁମାନେ ତାଙ୍କ ପୂଜା କରନ୍ତି। ସୁସ୍ୱାସ୍ଥ୍ୟ ଓ ଦୀର୍ଘାୟୁ ନିମନ୍ତେ ଏହି ପୂଜା କରାଯାଏ। ଧନତେରସ କେବଳ ଧନ କିମ୍ବା ସୁନା କିଣିବା ଦିନ ନୁହେଁ, ଏହା ଆମକୁ ଶିଖାଏ ଯେ ସତ୍ୟ ଧନ ହେଉଛି ସ୍ୱାସ୍ଥ୍ୟ, ସଦାଚାର ଓ ସମ୍ପୂର୍ଣ୍ଣ ଜୀବନ।ଏହି ଦିନ ଆମେ ଆଲୋକ ଦ୍ୱାରା ଅନ୍ଧକାରକୁ ଦୂର କରି, ନିଜ ମନରେ ଶୁଭଚିନ୍ତା ଓ ସମୃଦ୍ଧି ଆଣିବା ଶିଖିଥାଉ।

ପୁରାଣ ଅନୁସାରେ ସମୁଦ୍ର ମନ୍ଥନ ସମୟରେ ଶ୍ରୀ ଧନବନ୍ତରୀ ଦେବ ଅମୃତ ଘଟ ସହିତ ଉପସ୍ଥିତ ହେଇଥିଲେ। ସେ ଦେବତାମାନଙ୍କୁ ଜୀବନ ଓ ସ୍ୱାସ୍ଥ୍ୟ ଦାନ କରିଥିଲେ। ତେଣୁ ଧନତେରସ ଦିନରେ ଧନବନ୍ତରୀ ଦେବଙ୍କ ପୂଜା କରି ସୁସ୍ୱାସ୍ଥ୍ୟ ଓ ଦୀର୍ଘାୟୁ ନିମନ୍ତେ ଅନେକ ଜଣ ପ୍ରାର୍ଥନା କରନ୍ତି। ଅନ୍ୟ ଦିଗରୁ, ଏହି ଦିନ ଲକ୍ଷ୍ମୀ ଦେବୀଙ୍କୁ ମଧ୍ୟ ସମ୍ପଦ ଓ ଧନର ପ୍ରତୀକ ଭାବେ ପୂଜା କରାଯାଏ। ମନେ କରାଯାଏ ଯେ ଯେଉଁ ଘରେ ଏହି ଦିନ ଲକ୍ଷ୍ମୀ ପୂଜା କରାଯାଏ, ସେଠି ଧନ ସମୃଦ୍ଧି ରହେ ଓ ଦୁର୍ଭିକ୍ଷ ଦୂର ହୁଏ। ତେବେ ଅନ୍ୟ କିଛି ଶାସ୍ତ୍ର ଅନୁଯାଇ ଧନତେରଶ ରେ ୧୩ ଦୀପ ଜଳାଇବା ଦ୍ୱାରା ଧନ, ସମୃଦ୍ଧି ଓ ସ୍ୱାସ୍ଥ୍ୟ ପ୍ରାପ୍ତି ହୋଇଥାଏ, ଏହା ଗୋଟିଏ ପାରମ୍ପରିକ ଉପାୟ ଏହା କରିବା ଦ୍ୱାରା ମା ଲକ୍ଷ୍ମୀ ଓ କୁବେର ଦେବତା ସନ୍ତୁଷ୍ଟ ହୁଅନ୍ତି। କୁବେରଙ୍କୁ ଦୀପ ଅର୍ପଣ କରିବା ପରେ ଗୋଟା ଗୁଆ , ଗୋଟା ନଡ଼ିଆ, ଧୂପ, ଦୀପ, ଚନ୍ଦନ ସିନ୍ଦୁର ଓ ପଦ୍ମ ଫୁଲ ଦେଇ ବିଧି ବିଧାନ ଭାବରେ ପୂଜା କରାଯାଇଥାଏ କ୍ଷ ଘରର ମୁଖ୍ୟ ଦ୍ୱାରରେ ହଳଦୀ ଓ ଚାଉଳର ମିଶ୍ରଣ ପ୍ରସ୍ତୁତ କରି ଓଂ ଲେଖି , ଏବଂ ମା ଲକ୍ଷ୍ମୀଙ୍କୁ ସ୍ୱାଗତ କରାଯାଏ କ୍ଷ ଏହାଦ୍ୱାରା ସୁଖ ସମୃଦ୍ଧିର ଆଗମନ ହୋଇଥାଏ ବୋଲି ବିଶ୍ୱାସ ରହିଛି କ୍ଷ ଏବଂ ଏହା ସହିତ ଦକ୍ଷିଣ ବର୍ତି ଶଙ୍ଖକୁ ଜଳ ଭରି ରଖାଯାଏ ଓ ନାଲି କପଡାଟିଏ ଘୋଡାଇ ତା ଉପରେ ତୁଳସୀ, ଚାଉଳ, ହଳଦୀ ଏବଂ ଫୁଲ ଅର୍ପଣ କରାଯାଏ କ୍ଷ ଏହା ଦ୍ୱାରା ଲକ୍ଷ୍ମୀଙ୍କ କୃପା ପ୍ରାପ୍ତ ହୁଏ ବୋଲି ମଧ୍ୟ ବିଶ୍ୱାସ ରହିଛି। ଏହି ଦିନ ସୁନା, ଚାନ୍ଦି କିମ୍ବା ନୂତନ ପାତ୍ର କିଣିବାକୁ ଶୁଭ ମନାଯାଏ। ଏହା ଧନ ଲାଭ ଓ ସମୃଦ୍ଧିର ପ୍ରତୀକ। ଅନେକ ଲୋକ ଏହି ଦିନ ଗାଡ଼ି, ଜମି କିମ୍ବା ନୂତନ ବସ୍ତୁ କିଣି ସେଗୁଡ଼ିକୁ ଲକ୍ଷ୍ମୀ ଦେବୀଙ୍କ ପାଖରେ ଅର୍ପଣ କରନ୍ତି। ଧନତେରସ ମଧ୍ୟ ବ୍ୟବସାୟୀ ମାନଙ୍କ ପାଇଁ ଗୁରୁତ୍ୱ, କାରଣ ଏହି ଦିନ ଅନେକ ବ୍ୟବସାୟୀମାନେ ତାଙ୍କର ନୂତନ ବର୍ଷ ଆରମ୍ଭ କରନ୍ତି। ବହୁଜଣ ନୂତନ ହିସାବ ଖାତା ଆରମ୍ଭ କରି "ଶୁଭ ଲାଭ" ଲେଖନ୍ତି। ଧନତେରସ ହେଉଛି ଧନ, ସଫଳତା ଓ ବ୍ୟବସାୟିକ ସମୃଦ୍ଧିର ଦିନ।




ଧାର୍ମିକ ଗ୍ରନ୍ଥ ଅନୁଯାୟୀ, ଧନ୍ୱନ୍ତରୀ ସମୁଦ୍ର ମନ୍ଥନ ସମୟରେ ଉତ୍ପନ୍ନ ହୋଇଥିଲେ । କିମ୍ବଦନ୍ତୀ ଅନୁଯାୟୀ, ଧନ୍ୱନ୍ତରୀ ହିଁ ଅମୃତ କଳସ ନେଇ ବାହାରକୁ ଆସିଥିଲେ ଯେଉଁଥି ପାଇଁ ସମୁଦ୍ର ମନ୍ଥନ କରାଯାଇଥିଲା । ସେ ଆୟୁର୍ବେଦର ମୁଖ୍ୟ ତଥା ଚିକିତ୍ସା କ୍ଷେତ୍ରରେ ଦେବତାମାନଙ୍କର ଚିକିତ୍ସକ ଭାବରେ ଜଣାଶୁଣା । ତେଣୁ ଧନ୍ୱନ୍ତୀଙ୍କୁ ଆରୋଗ୍ୟତା ପ୍ରଦାନ କରୁଥିବା ଦେବତା ଭାବରେ ବିବେଚନା କରାଯାଏ । ବିଶ୍ୱାସ କରାଯାଏ ଯେ ତାଙ୍କୁ ପୂଜା କଲେ ସମସ୍ତ ରୋଗରୁ ମୁକ୍ତି ମିଳିଥାଏ ଏବଂ ଆରୋଗ୍ୟତା ପ୍ରାପ୍ତ ହୁଏ । ବର୍ତ୍ତମାନ ପ୍ରଶ୍ନ ଉଠୁଛି ଯେ ଯେତେବେଳେ ଧନ୍ୱନ୍ତରୀ ହେଉଛନ୍ତି ଆରୋଗ୍ୟର ଦେବତା ଯିଏ ଦେବତାଙ୍କୁ ଆରୋଗ୍ୟତା ପ୍ରଦାନ କରନ୍ତି ତେବେ ତାଙ୍କୁ ଧନତେରସ ଦିନ କାହିଁକି ପୂଜା କରାଯାଏ ? କିମ୍ବଦନ୍ତୀ ଅନୁଯାୟୀ, ଅମୃତ କଳସ ପାଇଁ ଦେବତା ଏବଂ ରାକ୍ଷସମାନଙ୍କ ମଧ୍ୟରେ ସମୁଦ୍ର ମନ୍ଥନ ହୋଇଥିଲା । ସମୁଦ୍ର ମନ୍ଥନରୁ ଗୋଟିଏ ପରେ ଗୋଟିଏ ୧୪ଟି ରତ୍ନ ବାହାରିଥିଲା, ସେଥିମଧ୍ୟରୁ ଶେଷଟି ଅମୃତ କଳସ ଥିଲା ଯେଉଁଥିରେ ଧନ୍ୱନ୍ତରୀ ଉତ୍ପନ୍ନ ହୋଇଥିଲେ । ଯେଉଁ ଦିନ ଧନ୍ୱନ୍ତରୀ ଅମୃତ କଳସ ସହିତ ଉତ୍ପନ୍ନ ହେଲେ ସେହି ଦିନ କାର୍ତ୍ତିକ କୃଷ୍ଣ ପକ୍ଷ ତ୍ରୟୋଦଶୀ ଥିଲା ଏବଂ ପରେ ଏହି ଦିନ ଧନତେରସ ପାଳିତ ହେଲା । ତେଣୁ ଧନତେରସ ଦିନ ଧନ୍ୱନ୍ତରୀଙ୍କୁ ପୂଜା କରାଯାଏ । ଏହି ତିଥିରେ ଧନ୍ୱନ୍ତରୀ ଉତ୍ପନ୍ନ ହୋଇଥିବାରୁ ଧନତେରସକୁ ଧନତ୍ରୟୋଦଶୀ କିମ୍ବା ଧନ୍ୱନ୍ତରୀ ଜୟନ୍ତୀ ଭାବରେ ପାଳନ କରାଯାଏ ।


ଅରଙ୍ଗାବାଦ ବରୀ ଯାଜପୁର
ମୋ: ୯୯୩୮୯୦୬୦୭୦





## ଯନ୍ତ୍ରଣା ମୟ ସମାଜ

### ଗୀତାଞ୍ଜଳି ଅଗସ୍ତି



ଆଧୁନିକ ସମାଜ ମଡର୍ଣ୍ଣ ନାମରେ
ପ୍ରତିକୂଳ୍ୱର୍ତ୍ତୀ ହେଉଛି
ଚାଲି ଚଳଣିରେ ପରିବର୍ତ୍ତନ କରି
ମଡର୍ଣ୍ଣ ଗୀତ ଗାଉଛି।
ସକାଳୁ ବିଛଣା ରେ ମୁହଁ ନ ଧୋଇ
ଚା କପ ଧରି ପିଉଛି
ଯାହାକୁ ଦେଖୁଛି ସୁପ୍ରଭାତ ନକହି
ଗୁଡ୍ ମର୍ଣ୍ଣି ବୋଲି କହୁଛି।
ବାପାମାଆ ଙ୍କୁ ଡାଡିମମି କହି
ସମ୍ବୋଧନ ରେ ଡାକୁଛି
ଗୁରୁଜନ ଙ୍କୁ ପ୍ରଣାମ ନ କରି
ହାୟ ବାୟ ରେ କହୁଛି।
ଘରୋଇ ଖାଦ୍ୟ ଭଲ ତ ଲାଗୁନି
ବିଦେଶୀ ଖାଦ୍ୟକୁ ରୂଚି
ସ୍ୱଦେଶୀ ଚଳଣିରେ ଧ୍ୟାନ ନଦେଇ
ବିଦେଶୀରେ ବ୍ୟସ୍ତ ଅଛି।
ସତ୍ୟ ଧର୍ମ ନ୍ୟାୟ ପଥେ ନଚାଲି
ଛଳନା ପାଥେୟ କରେ
ଅଧର୍ମ,ଅସତ୍ୟ କୁ ଆଦରି ନେଇ
ନିଜକୁ ନିଜେ ମାରେ।
ଫୋନ ରେ ମିଛ କଥା କହି ଅନ୍ୟକୁ
ଠକେଇ ଦେଇ ଥାଏ
ଭଦ୍ରକ ରେ ଥାଇ ଭବାନୀ ପାଟଣା
ଅଛି ବୋଲି କହୁଥାଏ।
ଅଫିସ ରେ ଲାଞ୍ଚ ସବୁଥିରେ ପେଞ୍ଚ
ସମାଜ ଦୂଷିତ ହେଲା
ଉପର ଅଫିସରୁ ପିଅନ ଯାଏଁ
ଲାଞ୍ଚ ନେଇ ନେଇ ମଲା।
ମିଛ ଅହମିକାକୁ ଜାବୁଡ଼ି ଧରି
ସମାଜ କୁ ନଷ୍ଟ କରେ
ସ୍ୱାର୍ଥ ଅର୍ଥକୁ ପ୍ରାଧାନ୍ୟ ଦେଇ ସିଏ
ନିଜ ସଂପର୍କକୁ ମାରେ।


+ ଏରଡା, ଭଦ୍ରକ


## ନାଆଁରେ ଲୁଚିଛି ଧମ

### ମୋହନ କୁମାର ସ୍ୱାଇଁ



ବିଶ୍ୱାସ ଗୋଟିଏ ଏମିତି ଜିନିଷ
କଳପନା କରି ହେବ ନାହିଁ
ସେଥିରେ ରହିଛି ଯେତେ ଭଲଗୁଣ
କେହି ତାର ମୂଲ ଦେବ ନାହିଁ ।
କାର୍ତ୍ତିକ ମାସରେ ଧର୍ମ ମାସ ବୋଲି
ଜାଣିଛନ୍ତି ସବୁ ନରନାରୀ
ପ୍ରଥମ ପ୍ରହରୁ ଉଠି ପଡ଼ି ସବୁ
ନିତ୍ୟ କର୍ମ ଦେଉଛନ୍ତି ସାରି ।
ଯିଏ ଉଠୁଥିଲା ଦଶଟା ବେଳକୁ
ସକାଳୁ ସକାଳୁ ଫୁଲ ତୋଳି
ସଫା ବସନରେ ମନ୍ଦିରକୁ ଚାଲେ
ହାତରେ ଧରିକି ପୂଜା ଥାଳି ।
ସକାଳୁ ଉଠିବା କରମ କରିବା
ଅଳସ ପଣକୁ ତଡ଼ି ଦିଏ
ଉପବାସ ରହି ନିରାମିଷ ଖାଇ
ଆସୁରିକ ବୃତ୍ତି ଲୋପ ହୁଏ ।
ପୂଜା କରି ଫଳ ମିଳୁ କି ନ ମିଳୁ
ଶାନ୍ତ କରିଦିଏ ଭକ୍ତ ମନ
ଶାନ୍ତ ମନବୃତ୍ତି ଗଢ଼ି ତୋଳି ଦିଏ
ଜୀବନର ସୁଖ ଉପାଦାନ ।


+ବେଣାପୁର, କଣ୍ଟିଗଡ଼ିଆ,
ଯାଜପୁର
ମୋ: ୮୧୧୮୦୯୯୦୩୮






# ଭୂତ ସହ ଭେଟାଭେଟି

## ନଗେନ୍ଦ୍ର ନାଥ ପଟ୍ଟନାୟକ



ସେଦିନ ଝିପିଝିପି ବର୍ଷା ହେଉଥାଏ । ମେଘୁଆ ପାଗରେ ଆରବ ଘର ପାଖ ପାଠାଗାରରେ ବସି କମିକ ବହିଥାକ ଉପରେ ଆଖି ବୁଲାଇଲା ବେଳକୁ ଫିସ୍ ଫିସ ଶବ୍ଦଟିଏ ତା କାନରେ ବାଜିଲା - ଏ କମିକ୍ ବହିଟିକୁ ଛାଡ଼ିଦେ...ଏହା ଅଭିଶପ୍ତ । ଆରବ ଭୟରେ ଶିହରି ଉଠିଲା । ତାର ଘନିଷ୍ଠ ସାଙ୍ଗ ନେହା ଥିଲା ଅନ୍ୟ ବହିଥାକ କଡ଼ରେ । ସେ ଚଟକିନା ଆରବ ପାଖକୁ ଝପଟି ଆସି ପଚାରିଲା -, ଆରବ ! ତୁ ସେ ବିକଟାଳ ଫିସଫିସ ଶବ୍ଦ ଶୁଣିଲୁ ନା ?

ଠିକ୍ ସେତିକିବେଳେ ସେଇ ଫିସଫିସ ଶବ୍ଦ ପୁଣି ଭାସି ଆସିଲା, ଏଥର କିନ୍ତୁ ସେ ଶବ୍ଦ ଆସିଲା ଧୂଳି ମଇଳା ସାଲୁବାଲୁ ପୁରୁଣା ବିରଳ ବହିଥାକ ତଳୁ । ପ୍ରଥମେ ଦୁହେଁ ଟିକେ ଭୟ ପାଇଗଲେ, ଟିକିଏ ପରେ କୌତୁହଳୀ ହୋଇ ତାହା କଣ ବୋଲି ଅନୁସଂଧାନ କରିବାକୁ ସ୍ଥିରକଲେ ।

ପାଦ ଚିପି ଚିପି ନିଃ ଶବ୍ଦରେ ସେ ଦୁହେଁ ପଛଆଡ଼କୁ ଚାଲିଲେ, ଯେଉଁଠି ସେଇ ଫିସଫିସ ଶବ୍ଦ ଖୁବ୍ ଜୋରରେ ଜଣାପଡିଲା । ଟିକିଏନିଖିଏ କରି ଖୋଜାଖୋଜି କଲା ପରେ ବହି ଛଡା ସେମାନଙ୍କ ଆଖିକି କିଛି ଦିଶିଲାନି । କିନ୍ତୁ ଆରବର ନଜର ଲାଖିଗଲା କିଛି ଗୋଟେ ଅଜବ ଚିଜ ଉପରେ । ସେଇଟା ଥିଲା 'ଅତୀତର ଭୂତମାନେ' ନାମ ଲେଖାଥିବା



ଗୋଟିଏ ବହି । ସେ ବହିଟିର ମଇଳା ମଲାଟ ଉପରେ ଆଙ୍ଗୁଳି ଚିହ୍ନସବୁ ଥାଏ ।

ଚାଲ, ଗ୍ରନ୍ଥା ଗାରଙ୍କୁ ପଚାରିବା : ବେଶ୍ କୌତୁହଳୀ ହୋଇ ନେହା କହିଲା । ଗ୍ରନ୍ଥାଗାର ହୋ ହୋ ହସିଲେ ଆଉ କହିଲେ: ଓହୋ ! ତୁମେ ଦୁହେଁ ତା'ହେଲେ ଭୂତ ଦେଖିଛ । ପିଲାମାନେ କହନ୍ତି, ସେ ଭୂତଟା କାଳେ ପୁରୁଣା ବହିଗୁଡ଼ିକୁ ଜଗି ବସିଥାଏ । ତୁମେ କ'ଣ ସତରେ ଅନୁସଂଧାନ କରି ରହସ୍ୟ ଫିଟାଇବାକୁ ଚାହୁଁଛ । ଦୁହେଁ ଅତି ଆଗ୍ରହର ସହିତ ଉତ୍ତର ଦେଲେ : ହଁ, ଆମେ ସେ ଆହ୍ୱାନର ସମ୍ମୁଖୀନ ହେବାକୁ ପ୍ରସ୍ତୁତ ।

ପରଦିନ ଟର୍ଚ୍ଚ ଆଲୁଅ, ନୋଟଖାତା ଓ କିଛି ଜଳଖିଆ ସାଙ୍ଗରେ ଘେନି ଆରବ ଆଉ ନେହା ଆସି ପାଠାଗାରରେ ହାଜର । ଯେତେବେଳେ ଫିସ ଫିସ ଶବଦ ପୁଣି ଭାସି ଆସିଲା ଆରବ ନଜର ପଡ଼ିଗଲା ବହିଥାକ ତଳେ ଗୋପନରେ ରହିଥିବା ଗୋଟିଏ ଅତି ଛୋଟ କୁହାଟ ଛାଡିଥିବା ଯନ୍ତଟି ଉପରେ । ସେଇ ଯନ୍ତ୍ର ସହ ଯୋଡା ହୋଇଥିବା ତାର ପଛେପଛେ ଦୁହେଁ ଅନୁସରଣ କଲେ । ଆଶ୍ଚର୍ଯ୍ୟଜନକ ଭାବେ ସେମାନେ ପହଞ୍ଚିଗଲେ ଗ୍ରାନ୍ଥଗାରିକ ଟେବୁଲ୍ ପାଖରେ । ତାରଟି ଅତି ଛୋଟିଆ ଭଏସ ରେକର୍ଡର ସହିତ ଯୋଡା ହୋଇଥିଲା । ବର୍ଷକ ତଳେ ଗ୍ରାନ୍ଥକାରିକା ସେଟାକୁ କୌଣସି ଏକ ପାର୍ଟି ଉପଲକ୍ଷେ ଥାପି ଦେଇଥିଲେ । ପରେ ସେଟାକୁ ଖୋଲିକରି ଘରକୁ ନେବାପାଇଁ ଭୁଲି ଯାଇଥିଲେ । କୋଳାହଳଶୂନ୍ୟ ଦିନମାନଙ୍କରେ ଅଳିଆ ଜମିଥିବା ବହିଥାକ ଭିତରୁ ଶବ୍ଦ ସୃଷ୍ଟି ହେଉଥିଲା । ଏ କଥା ଜାଣିଲା ପରେ ଆରବ ଆଉ ନେହା ଦୁହେଁ ବଡ ପାଟିରେ ହସି ହସି ବେଦମ୍ ହୋଇଗଲେ । ଶେଷରେ ସେ ଦୁହେଁ ଘର ଆଡେ ମୁହାଁଇବାକୁ ଲାଗିଲେ ।

+ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ,ଓଡ଼ିଶା ସରକାର
ଓସ୍କାର ସିଟି, ଲେନ ନଂ ୯, ପ୍ଲଟ ନଂ ୪୫୬
ଲକ୍ଷ୍ମୀ ସାଗର କେନାଲ ରୋଡ, ଭୁବନେଶ୍ୱର
ମୋ - ୯୪୩୮୩୩୨୧୩୮

# କଲମ ଅଟେ ମୁହିଁ

## ସୁଜିତ କୁମାର ମିଶ୍ର

ଆପଣାପର ଭୁଲିଯାଇକି
ଲେଖେ ସଭିଙ୍କ ପାଇଁ,
ସଭିଙ୍କ ସାଥୀ ସୁଖ ଦୁଃଖରେ
କଲମ ଅଟେ ମୁହିଁ ।

ନୀଳ ନାଲିଆ କଳା ଶାଗୁଆ
ଆହାର ସବୁ ମୋର,
ପେଟ ପୁରିଲେ ଶକତି ବଢି
ଚାଲଇ ନିରନ୍ତର ।

ଲେଖଇ ମୁହିଁ ଗପ କବିତା
ପ୍ରବନ୍ଧ କେତେ ନିତି,
ଯହିଁରୁ ପିଲା ପାଆନ୍ତି ଜ୍ଞାନ
ହୋଇ ସାଧନା ବ୍ରତୀ ।

ମୋର ଲେଖାରେ ହୋଇ ସଫଳ
ଶ୍ରେଣୀ ଉତ୍ତୀର୍ଣ୍ଣ ହୁଅ,
ଆନନ୍ଦ ଖୁସି ସବୁରି ସାଥେ
ଅନ୍ତରୁ ବାଣ୍ଟୁଥାଅ ।

ଲେଖାକୁ ମୋର ଲୋକଙ୍କ ଡର
ସ୍ୱାଧୀନ ଚେତା ବୋଲି,
ସତ୍ୟପଥରେ ଚାଲଇ ମୁହିଁ
ମିଛପେଡିକୁ ଖୋଲି ।

ମସୀ ମୁଁ ଜାଣ ରଖଇ ଟାଣ
ଅସୀଠୁ ଶକ୍ତିଶାଳୀ,
ମୋର କ୍ଷମତା ଯୁଗ ଯୁଗରୁ
ବୀର ସଇନ ପରି ।

ସିନା ମୁଁ ଛୋଟ ଭାବରେ ମୋଟ
ମଉନ ବ୍ରତ କରି,
ମୋର ସେବାରେ ବଢଇ ଜାଣ
ଦେଶର ସୁଖଶିରୀ ।

+ଜନାର୍ଦ୍ଦନପୁର ଶାସନ
କେନ୍ଦୁଝର
ମୋ: ୭୬୮୩୮୬୭୭୪୨

# ପରୋପକାରୀ କୁଆ

## ରମେଶ ଚନ୍ଦ୍ର ଦାଶ



ଗୋଟିଏ ଗଛରେ କୁଆଟିଏ ବାସ କରୁଥାଏ । ସେ ପ୍ରତିଦିନ ସକାଳୁ ଉଠି ଲୋକମାନଙ୍କୁ ଉଠାଏ । ତାପରେ ନିଜ ପାଇଁ ଖାଦ୍ୟ ସଂଗ୍ରହ କରେ । କାହାକୁ କେତେବେଳେ ଶୁଭ ଖବର ଦେଇ ମନଖୁସିରେ ଥାଏ ।

ଦିନେ ସେ ତା' ବସାରେ ବସିଛି, ବାହାରେ କିଛି ଗୋଟିଏ ଶବ୍ଦ ହେବାର ଶୁଣିଲା । ତତ୍‌କ୍ଷଣାତ୍ ସେ ବାହାରକୁ ଆସି ଦେଖେ ତ କୋଇଲିଟିଏ ଏପଟସେପଟ ହେଉଛି । ଗଠନରେ ସାମାନ୍ୟ ଟିକେ ପାର୍ଥକ୍ୟ ଥିଲେ ବି ଦେଖିବାକୁ ପ୍ରାୟ ତା'ରି ଭଳି । କିନ୍ତୁ ତାର କଣ୍ଠ ଅତି ମଧୁର । ସେଥିପାଇଁ ତାକୁ ସମସ୍ତେ ଭଲପାଆନ୍ତି । କିନ୍ତୁ କୁଆ ଏତେ ଉପକାର କଲେ ବି ତାର କଣ୍ଠ କର୍କଶ ହେତୁ ତାକୁ କେହି ଭଲପାଆନ୍ତି ନାହିଁ । କୁଆ କୋଇଲିକୁ ଦେଖି ନିଜ ବସାକୁ ନିମନ୍ତ୍ରଣ କଲା । କୋଇଲି ତା' ବସା ଭିତରକୁ ଗଲା ଓ ଚାରିଆଡ଼କୁ ଚାହିଁଲା ।

କୋଇଲିର ଉଦ୍ଦେଶ୍ୟ ଅଲଗା । ସେ ଭାବିଲା- କୁଆ ତ ତାକୁ ସମ୍ମାନ ଦେଉଛି, ତାକୁ ତା' ମନର କଥାଟା କହିଦେବ । କିନ୍ତୁ ସାହସ ଜୁଟାଇପାରିଲା ନାହିଁ । କଥାବାର୍ତ୍ତା ବେଳେ କୁଆକୁ ତାର ଅଣ୍ଡାଦେବା ସମୟ ସମ୍ପର୍କରେ ପଚାରିଲା । କୁଆ ବା ମିଛ କହିବ କାହିଁକି ? ସେ ସବୁ ସତକଥା କହିଦେଲା । କିଛି ସମୟ ବସି କୋଇଲି ଫେରିଗଲା ତା' ବସାକୁ ।

କିଛିଦିନ ଗଲା । କୁଆର ଅଣ୍ଡାଦେବା ସମୟ ଆସିଲା । କୋଇଲି ଠିକ୍ ସେହି ସମୟରେ କୁଆ ନଥିବାର ସମୟ ଦେଖି ତା' ଘରେ ଅଣ୍ଡାଦେଲା । କୁଆର ଗଣିତ ଜ୍ଞାନ କମ୍ । ସେ ତେଣୁ ହିସାବ କରିପାରିଲା ନାହିଁ । ଏମିତି ଲଗାତାର ଭାବରେ କୋଇଲି ତା' ବସାରେ ଅଣ୍ଡାଦେଇ ଚାଲିଯାଏ । କୁଆ ଅଣ୍ଡା ଦେଇସାରିବା ପରେ ଉସୁମାଇବା ପାଇଁ ବସିଲା । ତା' ମନରେ ଭାରି ଖୁସି । ସବୁ ଅଣ୍ଡା ତା'ର ଭାବି ଉସୁମାଇଲା । ଛୁଆ ଫୁଟି ବାହାରିଲେ । କିନ୍ତୁ ଏ କ'ଣ ? ଛୁଆଗୁଡ଼ିକ ସବୁ ଏକାପରି ଦେଖାଯାଉଥାଆନ୍ତି ! ଛନ୍ଦକପଟ ଜାଣିନଥିବା କୁଆ ସବୁ ଛୁଆଙ୍କ ପାଟିରେ ଆହାର ଦେଇ ବଢ଼ାଇଲା । ଛୁଆମାନେ ଯେତିକି ବଡ଼ ହେଲେ ସେମାନଙ୍କର ଚେହେରା ଟିକେ ଟିକେ ଅଲଗା ଜଣାପଡ଼ିଲା । କିଛିଦିନ ପରେ ଥରେ କୋଇଲି ଲୁଚି ଲୁଚି ତା'ର ଛୁଆମାନଙ୍କୁ ଚିହ୍ନି, ନେଇଗଲା । ସେ କୁଆକୁ ପଦେ ବି କିଛି କହିଲା ନାହଁ । ଏଥର କିନ୍ତୁ କୁଆ ତାର ଛୁଆ ସଂଖ୍ୟା କମିଯିବାରୁ ଜାଣିପାରିଲା, କିନ୍ତୁ ତାର କାରଣ ଜାଣିପାରିଲା ନାହିଁ । ପୂର୍ବରୁ କେତେବେଳେ କେମିତି କୋଇଲି ସହିତ ଦେଖାହୁଏ, ଛୁଆ କମିବା ଦିନରୁ ତାର ଆଉ କୋଇଲି ସହିତ ମଧ ଦେଖାହେଲା ନାହିଁ ।

ଦିନେ କୋଇଲିର କଥାକୁ କଜ୍ଜଳପାତି କୁଆକୁ କହିଦେଲା । ତେଣୁ କୁଆ ମନେମନେ ରାଗିଗଲା । କୋଇଲିକୁ ସ୍ୱାର୍ଥପର କହି ଗାଳିକଲା । ହଠାତ୍ ଦିନେ କୋଇଲି ତା' ଛୁଆମାନଙ୍କ ସହିତ ଖେଳୁଥିବା ବେଳେ କୁଆ ଦେଖି ପକାଇଲା । କୋଇଲିଛୁଆ କୁଆକୁ ଦେଖି ଡରିଗଲେ । କୁଆ କୋଇଲିକୁ କହିଲା, "ତୋର ଗୀତ ଗାଇବା ଗୁଣ ପାଇଁ ସମସ୍ତଙ୍କ ପରି ମୁଁ ତୋତେ ଭଲ ପାଉଥିଲି । ତୁ କିନ୍ତୁ ତାହାର ସୁଯୋଗ ନେଇ ଏମିତି ଖରାପ କାମ କଲୁ କାହିଁକି ?"

କୋଇଲି କହିଲା, "ଭଉଣୀ ମୁଁ ପରିସ୍ଥିତିରେ ପଡ଼ି ଏମିତି କରିଛି, ଜାଣି ଜାଣି ନୁହେଁ । ମୋତେ କ୍ଷମା କରିଦେବ । ମୁଁ ଅଣ୍ଡାଦେବା ପାଇଁ ବହୁତ ଜାଗା ବୁଲିଛି, କିନ୍ତୁ ତୁମ ଘର ମୋତେ ନିଜର ଓ ନିରାପଦ ଲାଗିଲା ବୋଲି ଅଣ୍ଡାଦେଲି, ନହେଲେ ମୋର ବଂଶ ଲୋପ ହୋଇଥାଆନ୍ତେ । ତୁମେ ତ ସାରା ଜଗତକୁ ସାହାଯ୍ୟ କରୁଛ, ଏଥିପାଇଁ ମୁଁ କୃତଜ୍ଞ ।" କୋଇଲିର ସରଳ କଥାରେ କୁଆର ରାଗ କମିଗଲା । ସେ ମନେ ମନେ ଭାବିଲା- ମୋତେ ଏମିତି ଟିକେ ସ୍ୱର ଭଗବାନ ଦେଇଥାଆନ୍ତେ କି ମୋତେ ସମସ୍ତେ ଆହୁରି ଭଲପାଆନ୍ତେ ।

ଶିକ୍ଷାଶ୍ରୀ ଲେନ୍, କୁମ୍ଭାରପଡ଼ା, ପୁରୀ-୨, ପୁରୀ
ଫୋନ୍-୯୭୭୬୨୩୮୫୨୨

# ଯାହାକୁ ରଖିବେ ଅନନ୍ତ

## ପ୍ରଫୁଲ୍ଲ ବାରିକ





ମାଣିତରା ବୈତରଣୀ ନଦୀ କୂଳରେ ଗୋଟେ ଛୋଟ ଗାଁ । ଗାଁ'ର ଅଧିବାସୀ ପ୍ରାୟ ସମସ୍ତେ ଚାଷୀ । ନଈକୁଳିଆ ଜମିରେ ବର୍ଷକ ବାରମାସ ଚାଷ । ଧାନସହ ପନିପରିବା ଲାଗି ରହିଥାଏ । ଲୋକଙ୍କ ଚଳଣି ସେଥିନେଇ ସ୍ୱଚ୍ଛଳ ।

ସେଇ ଗାଁ'ର କେଉଟଟିଏ । ରାମ ବେହେରା ତା ନାଁ । ସପରିବାରେ ରହେ ଗାଁ'ମୁଣ୍ଡ ଝାଟିମାଟି ଘରେ । ଯମିଜମା ନଥିବାରୁ ଚାଷ ତା ପାଇଁ ସ୍ୱପ୍ନ । ପରିବାର ନିର୍ଭରକରେ ନଈ ଉପରେ । ନଈରୁ ମାଛମାରି ପାଖ ବଜାରରେ ବିକି ପରିବାର ଚଳାଏ ରାମ ।

ବର୍ଷାଦିନେ ଲଗାଣବର୍ଷା ଲାଗି ରହିଥାଏ । ଦିନଦିନ ଧରି ବାହାରି ହଉ ନଥାଏ ଘରୁ । ମାଛ ମାରିବା ସମ୍ଭବ ନଥିବାରୁ ପଇସାଟିଏ ରୋଜଗାର ନଥାଏ ରାମର । ଦାଣ୍ଡକୁ ଆସି ବାର ବାର ଚାହୁଁଥାଏ ଆକାଶକୁ । କେତେବେଳେ ଛାଡିବ ବର୍ଷା । ଜାଲ ଧରି ଯିବ ନଈକୁ ।

ବର୍ଷା ଛାଡିବାର ନାଁ ନଉନଥାଏ । ରାମ ଆଉ ଅପେକ୍ଷା ନକରି ଝିପିଝିପି ବର୍ଷାରେ ମୁଣ୍ଡରେ ପଖିଆ ଦେଇ ବାହାରିଲା ଘରୁ । ନଈରେ ଅଧିକ ପାଣିହେତୁ ଜାଲ ନନେଇ ବନସି ଛଡ଼, ଖାଳେଇ ଓ କିଛି ଚାରା ଧରି ଚବଚବ ପାଣିରେ ଚାଲିଲା । ସ୍ତ୍ରୀ'ର ବାରଣ ନମାନି ଚାଲିଲା ମାଛ ନିସାରେ । ନଈକୂଳ ଥିଲା ଶୂନଶାନ । ଯୁଆଡେ ଅନେଇଲେ ଖାଲି ବର୍ଷାଇ ବର୍ଷା । କଳା ହାଣ୍ଡିଆ ମେଘ ଓହଳି ରହିଥାଏ ଆକାଶରୁ । ସିର ସିର ପବନରେ ଅସରା ଅସରା ମେଘ । ରାମ ନଈ କୂଳକୁ ଲାଗି ଗୋଟେ ଢିପା ଉପରେ ବସି ବନସି ସଜାଡ଼ିଲା । ପକାଉ ପକାଉ ମାଛ । ଗୋଟେ ପରେ ଗୋଟିଏ । ରାମ ମନ ଆନନ୍ଦରେ ଉଜ୍ଜ୍ୱଳ ହେଇ ଉଠୁଥାଏ । କଣ୍ଟାରୁ ମାଛ କାଢି ଖାଳେଇରେ ରଖି ପକେଇ ଚାଲିଥାଏ ଶୀଘ୍ର ଶୀଘ୍ର । ଆଖି କେନ୍ଦ୍ରୀଭୂତ ବନସି ଟିରଣ୍ଡାରେ । ଅନ୍ୟତ୍ର ନଥାଏ ନିଘା । ମଥାରେ ଥାଏ ପଖିଆ । ଆକାଶରୁ ମେଘ । ଖାତିର ନଥାଏ ରାମର କିଛିପ୍ରତି । ଦଇବ ଦୁର୍ଯୋଗ । ଭୋକିଲା ବାଘଟିଏ ଖାଦ୍ୟ ଅନ୍ୱେଷଣରେ ପାଇଲା ମଣିଷକୁ ନାଇକୂଳ ନିକାଞ୍ଚନ ପରିବେଶରେ । ଘାତ ଲଗେଇ ପ୍ରସ୍ତୁତ ହେଲା ଯିମିତି ଏକା ଝାଂପରେ କାବୁକରିବ । ସେପଟେ ନାଇରେ କୁମ୍ଭୀର । ରାମ ବସିଥିବା ଜାଗା ପାଖପାଖି ବୁଡି ରହିଥାଏ । ଅପେକ୍ଷା ସୁଯୋଗକୁ । ମଜିରେ ରାମ । ମନ ଚୈତନ୍ୟ କେନ୍ଦ୍ରୀଭୂତ ମାଛଧରାରେ । ନେଲେ ଯିବ ବଜାର । ବିକି ଆଣିବ ଖାଇବାର ସଜ । ଦି'ଦିନ ହେବ ଚୁଲି ଅଜଳା ।

ଖାଦ୍ୟ ଖାଦକର ଛକାପଞ୍ଝା ବେଳେ ବିଧାତ ଖେଳିଲେ ଅସଲ ଖେଳ । କାଇଁ ଥିଲା ,ଇମିତି ଝୁଙ୍କେ ପବନ ଆସିଲା, ରାମ ମଥାରୁ ପଖିଆ ଉଡିଯାଇ ପଡିଲା ନଈରେ । ରାମ ପଖିଆକୁ ଅନେଇଥିବା ବେଳେ ଦେଖିଲା କ'ଣ ଗୋଟେ ଦୁଲକରି ପଡିଲା ପଖିଆ ଉପରେ । ଦି'ଭାଗ କରି ପାଣିକୁ । ସାଙ୍ଗେସାଙ୍ଗେ କୁମ୍ଭୀର ତାକୁ ମାଡିବସି ଟାଣିନେଲା ନଈମଝିକୁ । ରାମ ଦେଖିଲା କୁମ୍ଭୀର ପଞ୍ଝାରେ ରହି ଚିତାବାଘ ଛାଟିପିଟି ହଉଚି । ପଖିଆ ଭାସି ଚାଲିଛି ପାଣି ସୁଅରେ ।

ଘଟଣାର ରହସ୍ୟ ବୁଝିବାକୁ ରାମକୁ ସମୟ ଲାଗିଲାନି । ଆକାଶକୁ ଅନେଇ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ହାତ ଯୋଡ଼ିଲା । ତା ଛାତି ଥରୁଥାଏ । ଆଉ ଡେରି ନକରି ବେଗିବେଗି ବନସି ସହ ଖାଳେଇ ଧରି ସେ ଛାଡିଦେଲା ନଈକୂଳ । ପଛକୁ ଅନେଇ ଦେଖିଲା ପଖିଆ ଅଧାବୁଡ଼ା ଭାସି ଚାଲିଛି ନଈ ସୁଅରେ । ଦୁଃଖରେ ତା ମନରେ ଗୁଞ୍ଜରିତ ହେଲା - ସାଥି ମୋର, ମୋତେ ବଞ୍ଚେଇବାକୁ ତୁ ବରିନେଲୁ ବିପଦ । କେଡେ ମହାନ ତୁ ! ମନେ ରହିବୁ ଜୀବନ ଯାକ ମୋର ।

ଚନ୍ଦନବିନ୍ଧା, ଚାନ୍ଦବାଲି, ଭଦ୍ରକ
ମୋ: ୯୨୩୮୯୨୦୪୦୫

# ଦୀପାବଳି

## କବିତା ମିଶ୍ର

ଦୀପର ପରବ ଅଟେ ଦୀପାବଳି
ଚଉଦିଗ ଝଲସଇ
ଘରେ ଘରେ ମିଳେ ସ୍ୱର୍ଗୀୟ ସୁଷମା
ପିଠାପଣା ମହକଇ ।

ରଙ୍ଗବେରଙ୍ଗର ଆଲୋକମାଳାରେ
ହସଇ ନଗର ପଲ୍ଲୀ
ପିଲାଠାରୁ ବୁଢ଼ା ଏକାକାର ହୋଇ
ନାଚୁଥାନ୍ତି ହଲି ହଲି ।

ମିଳିମିଶି ସର୍ବେ ପାଳନ୍ତି ଏହାକୁ
ମନୁ ଫେଡ଼ି ଦେଇ ଦୁଃଖ
ଅନ୍ଧାରକୁ ନାଶି ଆଲୋକ ପ୍ରକାଶି
ଲଭନ୍ତି ମନରେ ସୁଖ ।

ଏହି ଦିନ ଆମ ପିତୃପୁରୁଷଙ୍କୁ
ଦେଉଥାଉ ପିଣ୍ଡଦାନ
ତାଙ୍କର ଆଶିଷ କାମନା କରିଣ
ଜାଳିଥାଉ ଦୀପମାନ ।

ଅନ୍ଧାରରେ ଆସି ଆଲୁଅରେ ଯିବା
ପାଇଁ କରୁ ନିବେଦନ
ଆମ ପରମ୍ପରା କାହାଣୀ ଏ ପରା
ସଭିଙ୍କର ଜିଣେ ମନ ।

+ଅବସରପ୍ରାପ୍ତା ଶିକ୍ଷୟିତ୍ରୀ
ଶିକ୍ଷାଶ୍ରୀ ଲେନ୍, କୁମ୍ଭାରପଡ଼ା,
ପୁରୀ-୭୫୨୦୦୨
ମୋ: ୮୭୬୩୩୦୩୮୦୨

# ଝୁମୁରୁ ଝାଇଁ...

## ରାମଚନ୍ଦ୍ର ବେହେରା

ଝୁମୁରୁ ଝାଇଁ ଝୁମୁରୁ ଝାଇଁ
ଘର ଦ୍ୱାର ଧୁଆ ହେଉଛି କାହିଁ
ଆସୁଛି ଦୀପାଳି ପର୍ବ
ପୂର୍ବ ପୁରୁଷଂକ ପୂଣ୍ୟ ପିଣ୍ଡଦାନ
ପାଳିବେ ଆନନ୍ଦେ ସର୍ବ ।
ଆଲୋକ ମାଳାରେ ହସିବ ଘର
ଦୀପାଳି କରିବ ଅନ୍ଧାର ଦୂର
ଉଛୁଳିବ ହୁଳହୁଳି
ବଡବଡୁଆଂକୁ ଡାକିବେ ସଭିଏଁ
କାଉଁରିଆ କାଠି ଜାଳି ।
ଝୁମୁରୁ ଝାଇଁ ଝୁମୁରୁ ଝାଇଁ
ଗୃହେ ବିରାଜିବେ କମଳା ମାୟୀ
ପୂଜିବେ ଶ୍ରଦ୍ଧାରେ ସର୍ବେ
ଧୂପ ଦୀପ ଦେଇ ମାତାଂକୁ ମୋହିବେ
ବନ୍ଦନା ଗାଇବେ ଗର୍ବେ ।
ବନବାସ ସାରି ଶ୍ରୀରାମଚନ୍ଦ୍ର
ଫେରିଥିଲେ ଏହି ପବିତ୍ର ଦିନ
ଶ୍ରଦ୍ଧାଭାବ ମନେ ଭରି
ପବିତ୍ର ଦୀପାଳି ଜାଳିବେ ସଭିଏଁ
ପ୍ରଭୁଂକୁ ହୃଦେ ସୁମରି ।
ଝୁମୁରୁ ଝାଇଁ ଝୁମୁରୁ ଝାଇଁ
ବାଣ ନଫୁଟାଇବା ଏସନ କେହି
ସ୍ୱଚ୍ଛ ରଖି ପରିବେଶ
ପ୍ରଦୀପ ଜଳାଇ ପାଳିବା ଦୀପାଳି
ମିଳିବ ଖୁସି ଅଶେଷ ।

ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬

# ମନେପଡେ ଆମ ମାମୁଁଘର

## ହରେରାମ ପଣ୍ଡା

ନଈ ସେପାରିରେ ଛୋଟିଆ ଗାଆଁଟି
ଯେଉଁଠି ଆମର ମାମୁଁଘର ,
ବିଲ ବଣ ଘେରା କେତେ ମନୋଲୋଭା
ଲାଗେ ସତେ କେତେ ଆପଣାର !

ଆମ ଅଜା ଆଈ ଆଉ ମାମୁଁ ମାଈଁ
କେତେ ଯେ ନିଆରା ତାଙ୍କ ସ୍ନେହ ,
ଯେତେ ବି ଦୂରେଇ ରହିଲେ ଯେଉଁଠି
ଆଖିରେ ନାଚୁଛି ସେହି ମୁହଁ ।

ଆମକୁ ଥରୁଟେ ଦେଖିଦେଲେ ଆଈ
ପାଦ ତା ନ ଲାଗେ ବସୁଧାରେ ,
ମାମୁଁ ମାଈଁ ଦୁହେଁ ଚୁମା ଦେଇ ମୁହେଁ
କୋଳେଇ ନିଅନ୍ତି ଶରଧାରେ ।

କି ସୁନ୍ଦର ଆହା ମାଈଁଙ୍କ ରାନ୍ଧଣା
କେବେ ମନୁଁ ଭୁଲି ହୁଏନାହିଁ,
ବାଡିରୁ ପିଜୁଳି, ଆମ୍ବ, ଜାମୁକୋଳି,
ଅଜା ଆଣିଥାନ୍ତି ଆମପାଇଁ ।

ପରବ ଦିନରେ ଆଈ ଗଢିବସେ
ଆରିସା, କାକରା, ପୋଡ଼ପିଠା ,
ଚିନୁ, ସାନୁଙ୍କର ଥଟ୍ଟା ମଜା କଥା
ଲାଗଇ ସତରେ କେତେ ମିଠା !

ରଜ ପରବରେ ପଟାଝୁଲି ଖେଳ
ମନରେ ରହିଛି ଆଜି ଯାଏ ,
ଆଈ ହାତଭଙ୍ଗା ରଜ ଖିଲିପାନ
କେବେ କି ମନରୁ ଭୁଲି ହୁଏ ?

ମାମୁଁଘର ଗାଆଁ ମଙ୍ଗଳା ଯାତରା
ନ ଦେଖିଲେ ମନ ବୁଝେନାହିଁ ,
ଯାତରାକୁ ନେଇ କିଣିଦିଏ ଆଈ
କଣ୍ଢେଇ, ଖେଳଣା ଆମପାଇଁ ।

ସଞ୍ଜବେଳେ ଆଈ ପାଖରେ ବସେଇ
ବୁଢ଼ୀ ଅସୁରୁଣୀ ଗପ କହେ,
ମାମୁଁ ମାଈଁଙ୍କର ସ୍ନେହ ଶରଧାରେ
ମନ ତ ଆମର ପୂରିଯାଏ ।

କେବେ ବି ମନରୁ ଭୁଲି ହୁଏ ନାହିଁ
ହେଉ ପଛେ ଆମେ ଯେତେ ବଡ଼,
କାହିଁକି କେଜାଣି ଶୟନେ ସ୍ୱପନେ
ମନେପଡେ ଆମ ମାମୁଁଘର ।

+ମଧୁପୁର ସରକାରୀ ଉଚ୍ଚବିଦ୍ୟାଳୟ
କୁଆଁସ,
ମେରଦା କାଟିଆଛକ , ଯାଜପୁର ।
ମୋ: ୯୪୩୮୦୬୫୧୯୫



# ୬୯ ତମ ଜିଲ୍ଲାସ୍ତରୀୟ ବିଦ୍ୟାଳୟ ସମୂହ ଫୁଟବଲ ଓ ଖୋ -ଖୋ ପ୍ରତିଯୋଗିତା ୨୦୨୫-୨୬ ଅନୁଷ୍ଠିତ

ଚମ୍ପୁଆ, ୧୭/୧୦ (ନି.ପ୍ର): ଚମ୍ପୁଆ ନେହେରୁ ଷ୍ଟାଡିୟମ ଠାରେ ୬୯ତମ ଜିଲ୍ଲା ସ୍ତରୀୟ ବିଦ୍ୟାଳୟ ସମୂହ ଫୁଟବଲ ଓ ଖୋ ଖୋ ପ୍ରତିଯୋଗିତା ୨୦୨୫-୨୬ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କ୍ରୀଡା ପ୍ରତିଯୋଗିତା ରେ କେନ୍ଦୁଝର ଜିଲ୍ଲା ର ସମସ୍ତ ୧୩ ଟି ବ୍ଲକ୍‌ରୁ ୮୮୨ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା, ସାଂସଦ ପ୍ରତିନିଧି ସିଦ୍ଧାର୍ଥ ସିଂ, ସମ୍ମାନିତ ଅତିଥି ଭାବେ ଚମ୍ପୁଆ ଆଥଲେଟିକ୍ସ ଆସୋସିଏସନ ର ସମ୍ପାଦକ ରମେଶ ପ୍ରଧାନ, ବଡବିଲ ସାଂସଦ ପ୍ରତିନିଧି ନୀଳମଣି ମହାନ୍ତ, ସହକାରୀ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା, ଜିଲ୍ଲା ଶାରିରୀକ ଶିକ୍ଷାଧିକାରୀ ରାମକୃଷ୍ଣ ବେହେରା, ଅବସରପ୍ରାପ୍ତ ଖେଳ ଶିକ୍ଷକ ରାଘବ ମୁଦୁଲି , ପ୍ରମୁଖ ଯୋଗ ଦେଇଥିଲେ । ଅତିଥି ମାନେ କ୍ରୀଡା ଉତ୍ସବର ପତାକା ଉତୋଳନ କରିବା ସହିତ ମଶାଲ ପ୍ରଜ୍ୱଳନ କରି ଭାଗ ନେଇଥିବା ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ । ଏହି କ୍ରୀଡା ପ୍ରତିଯୋଗତାରେ ଫୁଟବଲ ଓ ଖୋ ଖୋ ଦଳଗତ କ୍ରୀଡାରେ ବିଭିନ୍ନ ବ୍ଲକ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ ଏହାକୁ ୮୮ ଜଣ ଖେଳ ଶିକ୍ଷକ ଓ ୫୫ ଜଣ ବୈଷୟିକ ସହାୟକ ପରିଚାଳନା କରିଥିଲେ । ଗତ ୧୫ ଓ ୧୬ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ଏହି ପ୍ରତିଯୋଗତା ରେ ଜିଲ୍ଲାର ସମସ୍ତ ସରକାରୀ ବିଦ୍ୟାଳୟ ଓ ଓଡିଶା ଆଦର୍ଶ ବିଦ୍ୟାଳୟ ଭାଗ ନେଇଥିବା ଜଣାପଡିଛି । ଆଜି ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ଅତଥି ଭାବେ ଚମ୍ପୁଆ ବ୍ଲକ୍ ସହକାରୀ ଶିକ୍ଷାଧିକାରୀ ନରେନ୍ଦ୍ର ନାଏକ, ସୁମିତ୍ରା ତ୍ରିପାଠୀ, ଏଡିଇଓ ଶ୍ରୀକାନ୍ତ ବେହେରା, ଚମ୍ପୁଆ ବାଳିକା ନୋଡାଲ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ କଳ୍ପନା ନାଏକ, ଶିଶୁ ରୋଗ ବିଶେଷଜ୍ଞ ଡ. ସୁନାରାମ ମୁର୍ମୁ, ବ୍ଲକ କ୍ରୀଡା ସେକ୍ରେଟାରୀ ପ୍ରକାଶ ବେଜ ଯୋଗ ଦେଇ ବିଜୟୀ ବ୍ଲକମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ଫୁଟବଲ ଖେଳରେ ବାଳକ ବିଭାଗରେ ତେଲକୋଇ ବ୍ଲକ ବିଜୟୀ ହୋଇଥିବା ବେଳେ ଘଷିପୁରା ବ୍ଲକ୍ ରନର୍ସଅପ ହୋଇଛି । ସେହିପରି ବାଳିକା ବିଭାଗରେ ଯୋଡା ବ୍ଲକ ବିଜୟୀ ହୋଇଥିବା ବେଳେ ହରିଚନ୍ଦନପୁର ବ୍ଲକ ରନର୍ସଅପ ହୋଇଛି । ସେହିପରି ୧୪ ଓ ୧୭ ବର୍ଷରୁ କମ ବାଳିକା ବିଭାଗରେ ଚମ୍ପୁଆ ବ୍ଲକ ବିଜୟୀ ହୋଇଥିବାବେଳେ ୧୪ ବର୍ଷରୁ କମ ବାଳକ ବିଭାଗରେ ତେଲକୋଇ ବ୍ଲକ ଓ ୧୭ ବର୍ଷରୁ କମ ବାଳକ ବିଭାଗରେ ଝୁମ୍ପୁରା ବ୍ଲକ ବିଜୟୀ ହୋଇଛି । ପରବର୍ତୀ ସମୟରେ ରାଜ୍ୟସ୍ତରୀୟ କ୍ରୀଡା ପ୍ରତିଯୋଗିତାରେ ଏହି ଦଳମାନେ ଭାଗ ନେବେ ।

# ଓଡ଼ିଶା ରାଜ୍ୟ ସମବାୟ ନୀତି ୨୦୨୫ ସମ୍ପର୍କିତ ଆଂଚଳିକ କର୍ମଶାଳା

ସମ୍ବଲପୁର, ୧୭/୧୦ (ନି.ପ୍ର): ସମ୍ବଲପୁର ସମବାୟ ବିଭାଗ ଆନୁକୂଲ୍ୟରେ ଆନ୍ତର୍ଜାତୀୟ ସମବାୟ ନୀତି ୨୦୨୫ ଉପଲକ୍ଷେ ଏକ ଆଂଚଳିକ କର୍ମଶାଳା ରିଭର ଇନ୍ ରିସୋର୍ଟ ଠାରେ ଅନୁଷ୍ଠିତ ହୋଇଯାଇଛି । କୋ-ଅପରେଟିଭ୍ ବିଲ୍ଡ ଏ ବେଟର ୱାର୍ଲ୍ଡ ଶୀର୍ଷକରେ ଆଧାରିତ ଏହି କର୍ମଶାଳାରେ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳୀରାମ ବୋନ୍ଦର, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରତିନିଧି ଚନ୍ଦ୍ରଶେଖର ପଣ୍ଡା, ରାଜ୍ୟ ଗ୍ରାମ୍ୟ ଉନ୍ନୟନ,ପଂଚାୟତି ରାଜ୍ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାୟକଙ୍କ ପ୍ରତିନିଧି ବିଭୁତି କଲ୍ୟାଣ, ମେମ୍ବର ଡ୍ରାଫ୍ଟିଂ କମିଟି ସଦସ୍ୟ ଜଗ୍ନେଶ୍ୱର୍ ବାବୁ, ଅବସରପ୍ରାପ୍ତ ପ୍ରଫେସର ହରେକୃଷ୍ଣ ମିଶ୍ର , ଅବସରପ୍ରାପ୍ତ ଦେବଗଡ ଡିଆରସିସି ଗୋପବନ୍ଧୁ ଶଥପତି, ଭୀମସେନ ସାହୁ ପ୍ରମୁଖ ମଂଚାସୀନ ଥିଲେ । ଜିଲ୍ଲାପାଳ ଶ୍ରୀ ବୋନ୍ଦର ନିଜ ବ୍ୟକ୍ତବରେ ସମବାୟ ଅଭିକଳ୍ପନା ଓ ନୀତି ସଂସ୍କାର ଉପରେ ମତାମତ ରଖିଥିଲେ । ସେ କହିଥିଲେ ଯେ ସମବାୟ ସଂସ୍ଥାମାନେ ଗ୍ରାମୀଣ ଅର୍ଥନୀତି ଓ ସାମାଜିକ ଉନ୍ନତିର ଏକ ମୁଖ୍ୟ ଅଭିନ୍ନ ଅଂଶ, ସେଥିପାଇଁ ସମବାୟ ସଂସ୍ଥା ମାନଙ୍କୁ ଅଧିକ ସକ୍ରିୟ ଓ ସ୍ୱୟଂସମର୍ଥ ହେବା ପାଇଁ ସମୟୋପଯୁକ୍ତ କ୍ଷମତା ଗଠନ ଆବଶ୍ୟକ । ସେମାନଙ୍କୁ ଭଲ କାମ କରିବାପାଇଁ ସେମାନଙ୍କୁ ପ୍ରୋତ୍ସାହନ ଦେବା ଆବଶ୍ୟକ କେବଳ ସେତିକି ନୁହେଁ ସମବାୟ ଅଭିକଳ୍ପନାରେ ଆନ୍ତର୍ଜାତୀୟ ସହଭାଗିତା ଓ ଗ୍ଲୋବାଲ୍ ଲିଙ୍କେଜ୍ ର ମଧ୍ୟ ଆବଶ୍ୟକତା ଅଛି ବୋଲି କହିଥିଲେ । ସେ କହିଥିଲେ ଯେ ଓଡିଶାର ସ୍ୱଦେଶୀ ଉତ୍ପାଦନ ସମୂହ ପାଇଁ ଦିଅଇ ଜୋଗ୍ରାଫିକାଲ ଇଣ୍ଡିକେଶନ ଟ୍ୟାଗ୍ ମିଳିଲେ ସେଗୁଡ଼ିକ ଅନ୍ତର୍ଜାତୀୟ ବଜାରରେ ପରିଚିତ ହୋଇପାରିବ ଓ ଉତ୍ପାଦକମାନଙ୍କ ଆୟ ବୃଦ୍ଧି ପାଇବ । ଯାହା ପାଇଁ ସ୍ୱଦେଶୀ ଉତ୍ପାଦନର ଡିଜିଟାଲାଇଜେସନ୍ ମାଧ୍ୟମରେ ବିପଣନୀକରଣ ବିକାଶ କରାଇବାର ଆବଶ୍ୟକତା ଅଛି । ସେ ମହିଳା ସଶକ୍ତିକରଣର ପାଇଁ ସମବାୟ ସଂସ୍ଥାମାନରେ ଅଧିକ ସଂଖ୍ୟାରେ ମହିଳା ଅଂଶଗ୍ରହଣ ନିଶ୍ଚିତ କରିବାକୁ ପ୍ରୋତ୍ସାହନ ଦେଇଥିଲେ । ସୂଚନା ଅନୁଯାୟୀ ୨୪.୦୭.୨୦୨୫ରେ ପ୍ରକାଶ ପାଇଥିବା ଜାତୀୟ ସମବାୟ ନୀତି-୨୦୨୫ ଉପରେ ଆଧାରିତ ଓଡ଼ିଶା ରାଜ୍ୟ ସମବାୟ ନୀତି-୨୦୨୫, ବିକଶିତ ଓଡ଼ିଶା ଭିଜନ-୨୦୩୬ ସହିତ ବିକଶିତ ଭାରତ - ୨୦୪୭ ଜାତୀୟ ଆକାଂକ୍ଷାରେ ରେ ଅବଦାନ ଦେବାର ଲକ୍ଷ୍ୟ ରଖିଛି । ସମବାୟ ଭିତ୍ତିକ ବ୍ୟବସାୟକୁ ସରଳ କରିବା ପାଇଁ ଉତମ ଶାସନ ବ୍ୟବସ୍ଥା କରିବା ଏବଂ ସମର୍ଥନ ବ୍ୟବସ୍ଥା କରିବା, ନୂତନ ପିଢ଼ିର ସମବାୟ ପ୍ରତିଷ୍ଠାନ ଗଠନ ଏବଂ ଦୃଢ଼ ନେଟୱାର୍କ ସହିତ ସମବାୟ ପ୍ରତିଷ୍ଠାନର ଅଭିବୃଦ୍ଧି, ଭବିଷ୍ୟତ ପାଇଁ ପ୍ରସ୍ତୁତ ଏବଂ ସ୍ପନ୍ଦନଶୀଳ କରିବା ପାଇଁ ସମସ୍ତ ସ୍ତରରେ ସମବାୟ ପ୍ରତିଷ୍ଠାନକୁ ସୁଦୃଢ଼ କରିବା, ମାନବ ସମ୍ବଳ ସମ୍ବଳ ଏବଂ ସଦସ୍ୟଙ୍କ ଦକ୍ଷତାରେ ନିରନ୍ତର ଉନ୍ନତି କରିବା , ବୃତ୍ତିଗତ ଦକ୍ଷତାକୁ ପ୍ରୋତ୍ସାହନ ଏବଂ ସମବାୟକୁ ରୂପାନ୍ତରିତ କରିବା, ଯୁବପିଢ଼ି ଏବଂ ମହିଳାମାନଙ୍କୁ ଉଦ୍ୟୋଗୀ ମନୋଭାବ ସହିତ ଏହି କ୍ଷେତ୍ରରେ ଯୋଗଦାନ କରିବାକୁ ପ୍ରେରଣା ଦେବା, ସମସ୍ତ ଅଂଶୀଦାରଙ୍କ ମଧ୍ୟରେ ସକ୍ରିୟ ସମବାୟ ଆନ୍ଦୋଳନକୁ ପ୍ରୋତ୍ସାହିତ କରିବା ଆଦି ଚିଠା ନୀତିର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ଥିଲା । କର୍ମଶାଳାରେ ରାଜ୍ୟ ସମବାୟ ନୀତି–ନୂତନ ନୀତି ର ଲକ୍ଷ ଓ ସମବାୟ ସଂସ୍ଥାଗୁଡ଼ିକର ଅଗ୍ରଗତି ସମ୍ବନ୍ଧରେ ଆଲୋଚନା ହୋଇଥିଲା ଓ ଉପସ୍ଥିତ ସଦସ୍ୟମାନଙ୍କ ମତାମତ ଓ ପ୍ରସ୍ତାବ ଗ୍ରହଣ କରାଗଲା ।

# ବିନା ଅନୁମୋଦନରେ ଭାରତର ରାଜ୍ୟ ପ୍ରତୀକର ବ୍ୟବହାରକୁ ବାରଣ

ବାରିପଦା, ୧୭/୧୦ (ନି.ପ୍ର): ଭାରତ ସରକାରଙ୍କ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ପତ୍ର ସଂଖ୍ୟା ୧୩୫/୨୦୨୫ ତାରିଖ ୧୬.୦୬.୨୦୨୫ ଅନୁସାରେ ଭାରତର ରାଜ୍ୟ ପ୍ରତୀକର ଉପଯୁକ୍ତ ବ୍ୟବହାରରେ ଉଲ୍ଲଂଘନ ଉପରେ ଚିନ୍ତା ପ୍ରକଟ କରି ସୂଚିତ କରିଛନ୍ତି ଯେ, ଭାରତର ରାଜ୍ୟ ପ୍ରତୀକ ହେଉଛି ଭାରତ ସରକାରଙ୍କ ସରକାରୀ ମୋହର । ଏହି ପ୍ରତୀକ ଲାଇଅନ କ୍ୟାପିଟାଲ ପ୍ରୋଫାଇଲ ଉପରେ ଆଧାରିତ, ଯେଉଁଥିରେ ଆବାକସ୍ ଉପରେ ଚାରିଟି ସିଂହ ଆରୋହଣ କରିଛନ୍ତି(ଗୋଟିଏ ସିଂହ ଅଦୃଶ୍ୟ), ମଝିରେ ଧର୍ମ ଚକ୍ର, ଡାହାଣରେ ଏକ ବୃଷଭ, ବାମ ପାର୍ଶ୍ୱରେ ଏକ ଘୋଡା ଏବଂ ଡାହାଣ ଏବଂ ବାମରେ ଧର୍ମ ଚକ୍ରର ରୂପରେଖ ଅଛି ଏବଂ ନିମ୍ନ ଭାଗରେ ଦେବନଗରୀ ଲିପିରେ 'ସତ୍ୟମେବ ଜୟତେ' ମୂଳମନ୍ତ୍ର - ଲେଖାଯାଇଛି । ଭାରତର ରାଜ୍ୟ ପ୍ରତୀକର ଡିଜାଇନ୍ ଭାରତର ରାଜ୍ୟ ପ୍ରତୀକ (ଅନୁଚିତ ବ୍ୟବହାର ନିଷେଧ) ଆଇନ, ୨୦୦୫ ର ପରିଶିଷ୍ଟ (ଓ)ଏବଂ ରେ ପ୍ରଦାନ କରାଯାଇଛି । ସ୍ଥଳ ବିଶେଷରେ ଅନେକ ସମୟରେ ଭାରତର ରାଜ୍ୟ ପ୍ରତୀକର ସଠିକ୍ ବ୍ୟବହାର ଏବଂ ପ୍ରଦର୍ଶନ ଉପରେ ଉଲ୍ଲଂଘନ ପରିଲକ୍ଷିତ ହେବା ପରେ ବିଭିନ୍ନ ସ୍ଥାନରେ ପ୍ରତୀକ, ମୋହର, ପତାକା, ପ୍ରତୀକ ଏବଂ ନାମର ଅପବ୍ୟବହାର, ବେଆଇନ ଏବଂ ଅନଧିକୃତ ପ୍ରଦର୍ଶନ ସମ୍ପର୍କରେ କର୍ଣ୍ଣାଟକ ଉଚ୍ଚ ନ୍ୟାୟାଳୟରେ ଏକ ରିଟ୍ ଆବେଦନ ଦାଖଲ କରାଯାଇଥିଲା । ରିଟ୍ ଆବେଦନ ଆଧାରରେ, କର୍ଣ୍ଣାଟକ କୋର୍ଟ ଭାରତର ରାଜ୍ୟ ପ୍ରତୀକର ଅପବ୍ୟବହାର ରୋକିବା ପାଇଁ କାର୍ଯ୍ୟାନ୍ୱୟନକାରୀ କର୍ତ୍ତୃପକ୍ଷଙ୍କ ଦ୍ୱାରା ପାଳନ କରିବାକୁ କିଛି ନିର୍ଦ୍ଦେଶ ଜାରି କରିଛନ୍ତି । କୋର୍ଟଙ୍କ ନିର୍ଦ୍ଦେଶ ପରେ ଗୃହ ମନ୍ତ୍ରଣାଳୟ ମାନ୍ୟବର କୋର୍ଟଙ୍କ ନିର୍ଦ୍ଦେଶ ପାଳନ କରିବାକୁ ଅନୁରୋଧ କରିଛନ୍ତି, ଇଲେକ୍ଟ୍ରୋନିକ୍ ଏବଂ ପ୍ରିଂଟ ଗଣମାଧ୍ୟମ ମାଧ୍ୟମରେ ଭାରତର ସାଧାରଣ ନାଗରିକଙ୍କ ମଧ୍ୟରେ ଏହି ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ପାଇଁ ଉପଯୁକ୍ତ ନିର୍ଦ୍ଦେଶ ଏବଂ ଆବଶ୍ୟକୀୟ ପଦକ୍ଷେପ ନେବା ନିମନ୍ତେ ଅନୁରୋଧ କରିବା ସହିତ ଭାରତର ରାଜ୍ୟ ପ୍ରତୀକ ଆଇନ, ୨୦୦୫ ଏବଂ ଭାରତର ରାଜ୍ୟ ପ୍ରତୀକ ନିୟମ, ୨୦୦୭ ଏବଂ ସଂଶୋଧନ ନିୟମ, ୨୦୧୦ ର ଯେକୌଣସି ଉଲ୍ଲଂଘନ ପାଇଁ ସମ୍ପୃକ୍ତ ଅଧିକାରୀ / ବ୍ୟକ୍ତି / ସଂଗଠନ ବିରୁଦ୍ଧରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚାଇଛନ୍ତି ।

# ସାଇବର ସୁରକ୍ଷା ସଚେତନତା ଅଭିଯାନ-୨୦୨୫ ସମ୍ବନ୍ଧୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ବାରିପଦା, ୧୭/୧୦ (ନି.ପ୍ର): ମହାତ୍ମା ଗାନ୍ଧୀ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲାପାଳ ହେମକାନ୍ତ ସୟଙ୍କ ଅଧ୍ୟକ୍ଷତାରେ ସାଇବର ସୁରକ୍ଷା ସଚେତନତା ଅଭିଯାନ-୨୦୨୫ ସମ୍ବନ୍ଧୀୟ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଂଟୁପାଲ୍ଲୀ, ଅତିରିକ୍ତ ଜିଲ୍ଲାପାଳ ଦୁଖବନ୍ଧୁ ନାଏକ, ଇଶ୍ୱର ଚନ୍ଦ୍ର ନାଏକ, ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମା ନନ୍ଦ ବେହେରା, ବାରିପଦା ଉପଜିଲ୍ଲାପାଳ ଡ଼. ଦୟାସିନ୍ଧୁ ପରିଡା, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଗୌତମ କିଷାନ, ଦୀପକ କୁମାର ଗୋଛାୟତ, ସବିତା ମାଝୀ, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡା ବିଜୟ କୁମାର ଦାଶ, ଅତିରିକ୍ତ ଉନ୍ନୟନ ଅଧିକାରୀ ଶାନ୍ତନୁ ନାୟକଙ୍କ ସମେତ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଜିଲ୍ଲା କ୍ରୀଡା ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଣୀ, ଜିଲ୍ଲା ସଂସ୍କୃତି ଅଧିକାରୀ, ଏନ୍ଆଇସିର ଅଧିକାରୀ, ଆର୍‌ଟିଓ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଏଲ ଡି ଏମଙ୍କ ସମେତ ପୋଲିସ ଅଧିକାରୀ ତଥା ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ । ପ୍ରାରମ୍ଭରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସମସ୍ତଙ୍କୁ ସ୍ୱାଗତ କରିଥିଲେ । ଏହାପରେ ଗୌତମ କିଷାନ ପିପିଟି ଜରିଆରେ ଉକ୍ତ ସାଇବର ସୁରକ୍ଷା ସଚେତନତା ଅଭିଯାନର ବିସ୍ତୃତ କାର୍ଯ୍ୟ ଯୋଜନା ସମ୍ପର୍କରେ ଉପସ୍ଥାପନ କରିଥିଲେ । ଜିଲ୍ଲା ଆରକ୍ଷୀ ଅଧିକ୍ଷକ କହିଥିଲେ ଯେ ଏହି ଅଭିଯାନ ୧୮ ଅକଟୋବର ରୁ ଆରମ୍ଭ ହୋଇ ୧୭ ନଭେମ୍ବର ପର୍ଯ୍ୟନ୍ତ ଚାଲିବ । ଜିଲ୍ଲାରେ ସଚେତନତା ଅଭିଯାନ ଉଭୟ ଅନଲାଇନ ଓ ଅଫଲାଇନ ଜରିଆରେ ଏକ ମାସ ଧରି ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଚାଲିବ । ଏହି ସାଇବର ସୁରକ୍ଷା ସଚେତନତା ଅଭିଯାନର ମୂଳ ଉଦେଶ୍ୟ ହେଉଛି ସମାଜର ସବୁ ବର୍ଗର ଲୋକଙ୍କୁ ସାଇବର ଠକେଇରୁ ସୁରକ୍ଷା ଦେବା । ବର୍ତମାନ ସାରା ବିଶ୍ୱ ଜଗତିକରଣମୁଖୀ କାରଣରୁ ସମସ୍ତଙ୍କ ଜୀବନ ବ୍ୟସ୍ତବହୁଳ ହୋଇଯାଇଛି ଏବଂ ଏଭଳି ଜୀବନ ଶୈଳୀ ଭିତରେ ସରକାରୀ ସ୍ତରରେ ହେଉ ବା ବ୍ୟକ୍ତିଗତ ସ୍ତରରେ ହେଉ ବା ସାମାଜିକ ସ୍ତରରେ ହେଉ, ଦୈନନ୍ଦିନ ଜୀବନରେ ଇଂଟରନେଟ୍ ସାଙ୍ଗକୁ ସ୍ମାର୍ଟ ଫୋନ ବ୍ୟବହାର ଅପରିହାର୍ଯ୍ୟ ହୋଇପଡିଛି । ମାତ୍ର ଏହାକୁ ଯଦି ଆମେ ସତର୍କତା ସହ ସୁରକ୍ଷିତ ଭାବେ ବ୍ୟବହାର ନକରୁ ତେବେ ଠକାମିର ଶିକାର ହେବା । ପରିବର୍ତିତ ସମୟ ଅନୁସାରେ ସାଇବର ଠକ ମାନେ ମଧ୍ୟ ନୂତନ ଅଭିନବ ଉପାୟ ଅବଲମ୍ବନ କରି ଲୋକ ମାନଙ୍କୁ ସେମାନଙ୍କର ଶିକାର ବନଉଛନ୍ତି । ସାଇବର ଠକାମୀର ଶିକାର ହେବାର ଦୁଇଟି ପ୍ରମୁଖ କାରଣ ହେଉଛି ଲୋଭ ଓ ଭୟ । ମାଗଣାରେ କିମ୍ବା କମ ଦାମରେ ଅଧିକ ଲାଭ ପାଇବା ଆଶାରେ ବ୍ୟାଙ୍କ ଆକାଉଂଟ ଜରିଆରେ ଦେଣନେଣ କରିବା କିମ୍ବା କୌଣସି ମିଛ ଫୋନ କଲ୍ ପାଇ ଭୟାତୁର ହୋଇ କିଛି ତର୍ଜମା ନକରି ନିଜର ବ୍ୟକ୍ତିଗତ ତଥ୍ୟ ଶେୟାର କରି ସାଇବର ଠକାମୀର ଶିକାର ହେବାକୁ ପଡେ । ତେଣୁ ସମାଜରେ ସବୁ ବର୍ଗର ଲୋକଙ୍କୁ ସାଇବର ସୁରକ୍ଷା ପ୍ରଦାନ ଏହାର ମୂଳ ଲକ୍ଷ୍ୟ, ଯେମିତି କି ଛାତ୍ରଛାତ୍ରୀଙ୍କୁ ନିରାପଦ ଡିଜିଟାଲ ଅଭ୍ୟାସ ସହ କୌଣସି ପ୍ରଲୋଭନ ଏବଂ ସାଇବର ଭୟର ଶିକାର ନହେବା, ଗୋପନ ଭିଡ଼ିଓ ଦେଖାଇ ସାଇବର ଅପରାଧର ଶିକାର କରାଇବା, ଅଭିଭାବକ ଓ ଶିକ୍ଷକ ମାନଙ୍କୁ ପିଲାମାନଙ୍କ ଅନଲାଇନ କାର୍ଯ୍ୟକଳାପ ଉପରେ ନଜର ରଖିବା ପାଇଁ, ଚାକିରୀ ଆଶାୟୀ ଯୁବ ପିଢ଼ିଙ୍କୁ ନକଲି ନିଯୁକ୍ତି ଯାଚିବା, ନକଲି ବ୍ୟାଙ୍କ ଆକାଉଂଟ ଓ ସିମ ବିକ୍ରି, ଫ୍ରଡ଼ ନିବେଶ ପାଇଁ ପ୍ରବର୍ତାଇବା, ଭୟ ଦେଖାଇ ଯୌନ ଶୋଷଣ କରିବା , ମହିଳା ଓ କିଶୋରୀ ମାନଙ୍କୁ ନକଲି କଲ୍ ଜରିଆରେ ଯୌନ ଶୋଷଣ , ଗ୍ରାମ ଓ ସେମି ଅର୍ବାନ ଅଂଚଳରେ ପ୍ରଥମ କରି ସ୍ମାର୍ଟ ଫୋନ ବ୍ୟବହାରକାରି ଲୋକଙ୍କୁ ୟୁପିଆଇ, ଓଟିପିର ସଠିକ ଉପଯୋଗ, ଫେକ କଲ୍ ବାବଦରେ ଜ୍ଞାନ ଦେବା, ବରିଷ୍ଠ ନାଗରିକ ମାନଙ୍କୁ ନିରାପଦ ବ୍ୟାକିଙ୍ଗ କାରବାର ଓ ଆର୍ଥିକ ଠକେଇରୁ ବର୍ତିବା ପାଇଁ ସତର୍କ କରିବା, ଏସ୍ଏଚ୍‌ଜି ଏବଂ ଗୋଷ୍ଠୀ ଗ୍ରୁପକୁ ସମୂହ ଡିଜିଟାଲ ଦେଣନେଣ, ଫେକ ଋଣ,ନକଲି ପୁଞ୍ଜି ନିବେଶ ବାବଦରେ ଏବଂ ବ୍ୟବସାୟୀ ଓ ବୃତିଧାରୀଙ୍କୁ ଡାଟା ସିକୁରିଟି, ବୃତିଗତ ଶୋଷଣରୁ ସୁରକ୍ଷା, ଡିଜିଟାଲ ପେମେଣ୍ଟରେ ସତର୍କତା ଇତ୍ୟାଦି ସମ୍ବନ୍ଧରେ ସଚେତନ କରାଯିବ । ଏହି ସଚେତନତା ଅଭିଯାନ ଉଭୟ ଅନଲାଇନ ଓ ଅଫଲାଇନରେ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଯଥା ସାଇବର ସୁରକ୍ଷା ପ୍ରଚାର ପତ୍ର,ଭିଡ଼ିଓ ପ୍ରଦର୍ଶନ, ରେଡ଼ିଓ ଜିଙ୍ଗଲ,ସୁରକ୍ଷା ମେସେଜ୍, ଡିବେଟ ପ୍ରତିଯୋଗିତା, ପଥ ପ୍ରାନ୍ତ ନାଟକ, ନୁକ୍କଡ଼ ନାଟକ, ସଚେତନତା ରଥ ପରିକ୍ରମା, ପଦଯାତ୍ରା, ସାଇକେଲ ଯାତ୍ରା, ସ୍ୱଟ କୁଇଜ୍, ସାଇବର ଅପରାଧ ଉପରେ ସମ୍ମିଳନୀ, ଅନଲାଇନ କୁଇଜ୍, ରିଲ ମ୍ୟାକିଙ୍ଗ ପ୍ରତିଯୋଗିତା ଇତ୍ୟାଦି ଆୟୋଜନ କରାଯିବ ଏବଂ ଏହାର ସଫଳ ରୂପାୟନ ବିଭାଗୀୟ ସମନ୍ୱୟରେ ସମ୍ଭବ ହେବ ବୋଲି ଆଶାବ୍ୟକ୍ତ କରି ସହଯୋଗ କାମନା କରିଥିଲେ । ଜିଲ୍ଲାପାଳ କହିଥିଲେ ଯେ ଲୋକଙ୍କୁ ସାଇବର ଠକେଇରୁ ସୁରକ୍ଷା ଦେବା କେବଳ ପୋଲିସ ବିଭାଗର ନୁହେଁ ବରଂ ଆମ ସମସ୍ତଙ୍କ ଦାୟିତ୍ୱ । ନିଜେ ସତର୍କ ରହିବା ସହିତ ଜନସାଧାରଣଙ୍କୁ ସତର୍କ ରହିବା ପାଇଁ ଉପଯୁକ୍ତ ଭାବେ ସଚେତନ କରିପାରିଲେ ସାଇବର ଠକେଇରୁ ସୁରକ୍ଷା ମିଳିବ । ବିଶେଷ କରି ଗଣମାଧ୍ୟମର ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । କାରଣ ଗଣମାଧ୍ୟମରେ ପ୍ରଚାର ପ୍ରସାର ଫଳରେ ସଚେତନତା ଅଭିଯାନ ବ୍ୟାପକ ହୋଇପାରିବ । ମିଳିତ ପ୍ରୟାସରେ ଏହି ଅଭିଯାନକୁ ଫଳପ୍ରସୂ କରିବା ପାଇଁ ସୁଚାରୁ ରୂପେ ନିଜ ନିଜ ଦାୟିତ୍ୱ ସମ୍ପାଦନ କରିବାକୁ ଉପସ୍ଥିତ ସମସ୍ତଙ୍କୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି ।

# ବନ୍ଧୁକ ଚୋରାଚାଲାଣ ଅଭିଯୋଗରେ ୨ ଗିରଫ

ସମ୍ବଲପୁର, ୧୭/୧୦ (ନି.ପ୍ର): ରେଙ୍ଗାଲି ଥାନା ପୋଲିସକୁ ବେଶ୍ ସଫଳତା ମିଳିଛି । ବନ୍ଧୁକ ଚୋରାଚାଲାଣ କରୁଥିବା ଅଭିଯୋଗରେ ଦୁଇଜଣ ଦୁର୍ବୃତଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ଏସମ୍ପର୍କରେ ପୋଲିସ ୨୫(୧/କକ) ଓ ୩୫ ଆର୍ମସ ଆକ୍ଟରେ ୨୩୧/୨୫ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି । ଗିରଫ ହୋଇଥିବା ଅଭିଯୁକ୍ତମାନଙ୍କ ମଧ୍ୟରେ ଝାରସୁଗୁଡ଼ା ଜିଲ୍ଲା ବଡମାଲ ଥାନା ମାଲଡା ଗ୍ରାମର ସୁରଥ କିଷାନର ୨୬ ବର୍ଷିୟ ପୁଅ ସିଦ୍ଧାନ୍ତ ଏବଂ ସ୍ୱର୍ଗତ ସୁଦର୍ଶନ କିଷାନର ପୁଅ ଯୁଧିଷ୍ଠିର ଥିବା ଜଣାପଡିଛି । ସୂଚନାନୁଯାୟୀ ଆଜି ସକାଳେ ପୋଲିସ ପାଟ୍ରୋଲିଂ ସ୍କାର୍ଡ ଅଭିଯୁକ୍ତ ସିଦ୍ଧାନ୍ତ କିସାନ ଓ ଯୁଧିଷ୍ଠିର କିସାନଙ୍କୁ ଗିରଫ କରିଥିଲା । ଏମାନେ ଆଜି ଓଡି ୨୩ ବି ୪୪୫୫ ନମ୍ବରର ଏକ ହୁଣ୍ଡାଇ ଆଇ ଟ୍ୱେଂଟି କାରରେ ସମ୍ବଲପୁର ଦିଗରୁ ଝାରସୁଗୁଡା ଦିଗକୁ ଗୋଟିଏ ଦେଶୀ ତିଆରି ସ୍ୱୟଂଚାଳିତ ପିସ୍ତଲ ୭.୬୫ ଏମ୍ଏମ୍‌ଓ ମ୍ୟାଗାଜିନ ଏବଂ ଗୋଟିଏ ଦେଶୀ ତିଆରି ସିଙ୍ଗଲ ସଟ୍‌ଗନ ବେପାର ଉଦ୍ଦେଶ୍ୟରେ ଚାଲାଣ କରୁଥିଲେ ବୋଲି ପୋଲିସ ଯାଂଚବେଳେ ଜଣା ପଡିଥିଲା । ପୋଲିସ ସେମାନଙ୍କ ଠାରୁ ଚାଲାଣ ହେବାକୁ ଥିବା ଦୁଇ ମାରଣାସ୍ତ୍ର ସହ ଗୋଟିଏ ଖାଲି ମ୍ୟାଗାଜିନ୍, ଗୋଟିଏ ୧୫ ପ୍ରୋ ଆପଲ ମୋବାଇଲ, ଗୋଟିଏ ଭିଭୋ ୨୯ ମୋବାଇଲ, ବ୍ୟବହୃତ କାର୍ ଜବତ କରିଛି ।

# ଜୟପୁର ବ୍ଲକ ଜୟନ୍ତୀଗିରି ଓଡିଶା ଆଦର୍ଶ ବିଦ୍ୟାଳୟ ମୁଖ୍ୟ ଫାଟକ ଆଗରେ ତାଲା ମାରି ଆନ୍ଦୋଳନ

ଜୟପୁର, ୧୭/୧୦ (ନି.ପ୍ର): ଜୟପୁର ବ୍ଲକ ଜୟନ୍ତୀଗିରି ଓଡିଶା ଆଦର୍ଶ ବିଦ୍ୟାଳୟ ମୁଖ୍ୟ ଫାଟକ ଆଗରେ ତାଲା ମାରି ଦିନ ୧୦ ଟାରେ ଆନ୍ଦୋଳନ କୁ ଓଲାଇଛନ୍ତି ଛାତ୍ର ଛାତ୍ରୀ ଏବଂ ଅଭିଭାବକ । ବିଦ୍ୟାଳୟ ର ଅଧକ୍ଷ ବୁଝା ସୁଝା କରିବା ରେ ଅପରାହ୍ନ ୨ ଟାରେ ଆନ୍ଦୋଳନରୁ ଓହରିଥିଲେ । ଇଂରାଜୀ ଶିକ୍ଷୟତ୍ରୀଙ୍କ ଖରା ବ୍ୟବହାରକୁ ବିରୋଧ କରି ଛାତ୍ର ଛାତ୍ରୀଙ୍କ ଏହି ଆନ୍ଦୋଳନ । ଖରାପ ବ୍ୟବହାର ଦେଉଥିବା ଇଂରାଜୀ ଶିକ୍ଷୟତ୍ରୀ ମେଡମ ୧୧ ଶ୍ରେଣୀର ଛାତ୍ର ଛାତ୍ରୀଙ୍କୁ ଇଂରାଜୀ ଭାଷା ସଠିକ ଢ଼ାଉ ନାହାନ୍ତି, ସଠିକ ପଢ଼ାଇବା ପାଇଁ ଛାତ୍ର ଛାତ୍ରୀ କହିଲେ ସେ ଓଲଟା ଛାତ୍ର ଛାତ୍ରୀଙ୍କୁ ଖରା ବ୍ୟବହାର କରୁଛନ୍ତି । ଯେମିତି ଢ଼ାହେଉଛି ସେମିତି ହିଁ ହେବ, ଯାହାକୁ ଇଚ୍ଛା ନାହିଁ ବିଦ୍ୟାଳୟରୁ ଟିସି ନେଇ ଯାଓ । ଏମିତି କି ୧୧ଶ୍ରେଣୀର ଅଧୟନ ୧୭ଜଣ ଛାତ୍ର ଛାତ୍ରୀଙ୍କ ମଧ୍ୟରୁ ୨୩ ଜଣ ଛାତ୍ର ଛାତ୍ରୀଙ୍କୁ ଶ୍ରେଣୀରୁ ବାହାର କରିଦେଇଛନ୍ତି ଏହି ଇଂରାଜୀ ଶିକ୍ଷୟତ୍ରୀ ଜଣକ । ପୂର୍ବରୁ ଘଟଣା ସଂପର୍କରେ ବିଦ୍ୟାଳୟର ଅଧକ୍ଷ ଏବଂ କୋରାପୁଟ ଜିଲା ଶିକ୍ଷା ଅଧିକାରୀ ଏବଂ କୋରାପୁଟର ଜିଲାପାଳଙ୍କୁ ଅବଗତ କରାଯାଇଛି । ଏସବୁ ସ୍ୱତ୍ତେ କୌଣସି ସମାଧାନ ନ ହେବାରୁ ଆଜି ଜୟନ୍ତୀଗିରି ଓଡିଶା ଆଦର୍ଶ ବିଦ୍ୟାଳୟ ବିଦ୍ୟାଳୟ ଆଗରେ ତାଲା ମାରି ହାତରେ ହଇଡିଂ ଧରି ଧାରଣା ରେ ବସିଛନ୍ତି ୧୧ଶ୍ରେଣୀ ଛାତ୍ର ଛାତ୍ରୀ । ଛାତ୍ର ଛାତ୍ରୀଙ୍କ ଆନ୍ଦୋଳନରୁ ବିଦ୍ୟାଳୟ ଆଗରେ ବିଦ୍ୟାଳୟର ଅଧକ୍ଷ ରହିତ ଅସ ସେଠି ସମେତ ସମସ୍ତ ଶିକ୍ଷକ ,ଶିକ୍ଷାୟତ୍ରୀ ବାହାରେ ଠିଆ ହୋଇଛନ୍ତି । ଶିକ୍ଷା ଦାନ ବାଧା ପ୍ରାପ୍ତ ହେଇଛି । ସେପଟେ ଅଧକ୍ଷ ଛାତ୍ର ଛାତ୍ରୀଙ୍କୁ ବୁଝା ସୁଝା କଲେ ବି ଛାତ୍ର ଛାତ୍ରୀ ମାନେ ଇଂରାଜୀ ଶିକ୍ଷୟତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ହେବା ଜାଏ ଆନ୍ଦୋଳନ ଜାରି ରହିବ ବୋଲି ଜିଦ ରେ ବସିଛନ୍ତି ।ସେପଟେ ଛାତ୍ର ଛାତ୍ରୀଙ୍କ ଏହି ଦାବି କୁ ଅବିଭିଭାବକ ମନେ ବି ସମର୍ଥନ କରିଛନ୍ତି ।ଛାତ୍ର ଛାତ୍ରୀଙ୍କ ଅଭିଯୋଗ କୁ ଖଣ୍ଡନ କରିଛନ୍ତି ଇଂରାଜୀ ଶିକ୍ଷୟତ୍ରୀ । ଜିଲ୍ଲାପାଳ ଙ୍କ ସହ ଆଲୋଚନା କରି ପଦକ୍ଷେ ନେବେ ବୋଲି ଅଧକ୍ଷ ସୂଚନା ଦେଇଛନ୍ତି ।

# ଅଗ୍ନିପଥ ଯୋଜନା ପାଇଁ ନିଯୁକ୍ତି ରାଲି

ଖୋର୍ଦ୍ଧା, ୧୭/୧୦ (ନି.ପ୍ର): କଟକ, ପୁରୀ, ବାଲେଶ୍ୱର, ମୟୂରଭଞ୍ଜ, ଭଦ୍ରକ, ଜଗତସିଂପୁର, ଯାଜପୁର, କେନ୍ଦ୍ରାପଡ଼ା, ଖୋର୍ଦ୍ଧା ଏବଂ ନୟାଗଡ଼ ଜିଲ୍ଲା ପାଇଁ ଅଗ୍ନିପଥ ଯୋଜନା ଅଧୀନରେ ସଂକ୍ଷିପ୍ତ ତାଲିକାଭୁକ୍ତ ପ୍ରାର୍ଥୀଙ୍କ ପାଇଁ ସେନା ନିଯୁକ୍ତି ରାଲି ଆସନ୍ତା ୨୨ ଅକ୍ଟୋବରରୁ ୨୬ ଅକ୍ଟୋବର ୨୦୨୫ ପର୍ଯ୍ୟନ୍ତ ଭୁବନେଶ୍ୱର (ଓଡିଶା)ର ସୈନିକ ସ୍କୁଲରେ ଅନୁଷ୍ଠିତ ହେବ । ନିଯୁକ୍ତ ରାଲି ସମୟରେ ଅନଲାଇନ୍ କମନ୍ ଏଂଟ୍ରାନ୍ସ ପରୀକ୍ଷାର ସଂକ୍ଷିପ୍ତ ତାଲିକାଭୁକ୍ତ ପ୍ରାର୍ଥୀମାନଙ୍କୁ ଶାରୀରିକ ସୁସ୍ଥତା ପରୀକ୍ଷା ଏବଂ ଡାକ୍ତରୀ ପରୀକ୍ଷା ପାଇଁ ଡକାଯାଇଛି । ପ୍ରାର୍ଥୀଙ୍କ ପ୍ରବେଶ ପତ୍ର ପୂର୍ବରୁ ସେମାନଙ୍କର ପଞ୍ଜିକୃତ ଇମେଲ୍ ଆଇଡିକୁ ପଠାଯାଇଛି । ପ୍ରାର୍ଥୀମାନେ ଭାରତୀୟ ସେନାରେ ଯୋଗ ଦେବା ପାଇଁ ୱେବସାଇଟ୍ ଡବ୍ଲୁଡବ୍ଲୁଡବ୍ଲୁ. ଜଏନ ଇଣ୍ଡିଆନ ଆର୍ମି. ନିସ୍.ଇନ୍‌ରେ ସେମାନଙ୍କର ପ୍ରୋଫାଇଲ୍‌ରେ ଲଗ୍ ଇନ୍ କରି ନିଯୁକ୍ତ ରାଲି ପାଇଁ ସେମାନଙ୍କର ପ୍ରବେଶ ପତ୍ର ଡାଉନଲୋଡ୍ କରିପାରିବେ । ଯେକୌଣସି ପ୍ରଶ୍ନ ପାଇଁ, ପ୍ରାର୍ଥୀମାନେ କଟକର ସେନା ନିଯୁକ୍ତି କାର୍ଯ୍ୟାଳୟ ସହିତ ଯୋଗାଯୋଗ ନମ୍ବର ୦୬୭୧୨୩୦୫୨୮୦, ୯୪୩୭୧୬୨୨୮୦ ରେ ଯୋଗାଯୋଗ କରିପାରିବେ ଓନିଯୁକ୍ତି ପ୍ରକ୍ରିୟା ସମୟରେ ପ୍ରାର୍ଥୀମାନଙ୍କୁ ସେମାନଙ୍କର ମୂଳ କାଗଜପତ୍ର କୌଣସି ବ୍ୟକ୍ତିଙ୍କୁ ହସ୍ତାନ୍ତର ନକରିବାକୁ ପରାମର୍ଶ ଦିଆଯାଇଛି ଯାହା ଦ୍ୱାରା ସେମାନେ ଟାଉଟ୍/ଏଜେଂଟଙ୍କ ଘୃଣ୍ୟ କାର୍ଯ୍ୟକଳାପର ଶିକାର ନହୁଅନ୍ତି । ଏପରି ଯେକୌଣସି ଘଟଣା ଘଟିଲେ ତୁରନ୍ତ ସ୍ଥାନୀୟ ପୋଲିସ ଏବଂ କଟକର ସେନା ନିଯୁକ୍ତି କାର୍ଯ୍ୟାଳୟର ନିଯୁକ୍ତି କର୍ମଚାରୀଙ୍କୁ ରିପୋର୍ଟ କରାଯିବା ଉଚିତ । ସ୍ଥାନୀୟ ପୋଲିସ ଏବଂ ସିଭିଲ୍ ପ୍ରଶାସନ ମାଧ୍ୟମରେ ନିଯୁକ୍ତି ରାଲି ସମୟରେ ଏପରି ଟାଉଟ୍/ଏଜେଂଟ ଏବଂ ଅପବ୍ୟବହାରକୁ ଗିରଫ କରିବା ପାଇଁ କଠୋର ପଦକ୍ଷେପ ଗ୍ରହଣ କରାଯାଇଛି ।

# ମୂଲ୍ୟବାନ ଜମି ମାଲିକାନାକୁ କେନ୍ଦ୍ରକରି ବିବାଦ: ଘଟଣାସ୍ଥଳରେ ୧୬୩ ଧାରା ଜାରି

ଗଞ୍ଜାମ, ୧୭/୧୦ (ନି.ପ୍ର): ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ଅନ୍ତର୍ଗତ ସିଙ୍ଗିପୁର ପଂଚାୟତ ରନ୍ନମଣିପୁର ମୌଜା ରାସ୍ତାକଡରେ ଥିବା ପଂଚାୟତର ପୋଖରୀ ସଂଲଗ୍ନ ମୂଲ୍ୟବାନ ଜମି ମାଲିକାନାକୁ କେନ୍ଦ୍ରକରି ବିବାଦ ଦେଖାଦେଇଛି । ସିଙ୍ଗିପୁର ଏବଂ ରନ୍ନମଣିପୁର ଗ୍ରାମବାସୀଙ୍କ ମଧ୍ୟରେ ଦୀର୍ଘଦିନ ଧରି ଲାଗିରହିଥିବା ବିବାଦ ଗୁରୁବାର ଅପରାହ୍ନରେ ଉଗ୍ରରୂପ ନେଇଛି । ସ୍ଥିତିକୁ ଦୃଷ୍ଟିରେ ରଖି ଆଜି ସନ୍ଧ୍ୟାରେ ପୋଲିସ ପ୍ରଶାସନ ପକ୍ଷରୁ ଘଟଣାସ୍ଥଳରେ ୧୬୩ ଧାରା ଜାରି କରାଯାଇଛି । ରନ୍ନମଣିପୁର ଏବଂ ଡେଙ୍ଗାଓସ୍ତା ଗ୍ରାମର କିଛି ବ୍ୟକ୍ତି ପଂଚାୟତ ଜମିକୁ ଅକ୍ତିଆର କରି ସେଠାରେ ଶ୍ରୀ ହନୁମାନଙ୍କ ମୂର୍ତି ପ୍ରତିଷ୍ଠା କରିଛନ୍ତି । ସେଠାରେ ଥିବା ପଂଚାୟତ ପୋଖରୀକୁ ଜବରଦସ୍ତ ପୋତି ଦେଇ ସେଠାରେ ଏକ ପାର୍କ କରିବାକୁ ଯୋଜନା କରିବାରୁ ସିଙ୍ଗପୁର ଗ୍ରାମବାସୀଙ୍କ ମଧ୍ୟରେ ଉତେଜନା ପ୍ରକାଶ ପାଇଥିଲା । ପୂର୍ବ ନିଷ୍ପତି ଅନୁଯାୟୀ ଗୁରୁବାର ପୂର୍ବାହ୍ନ ପ୍ରାୟ ୧୧ଟା ସମୟରେ ସିଙ୍ଗିପୁର ଗ୍ରାମର ୨ ହଜାରରୁ ଉର୍ଦ୍ଧ୍ୱ ବ୍ୟକ୍ତି ସାନଖେମୁଣ୍ଡି ତହସିଲ କାର୍ଯ୍ୟାଳୟ ଘେରାଉ କରିଥିଲେ । ଯାହାକୁ ନେଇ ସେଠାରେ ଉତେଜନାତ୍ମକ ସ୍ଥିତି ଦେଖିବାକୁ ମିଳିଥିଲା । ତହସିଲଦାର ରାମଚନ୍ଦ୍ର ପଟ୍ଟନାୟକ ଖୁବଶୀଘ୍ର ବିବାଦୀୟ ଜମିରେ ନିର୍ମାଣ କାର୍ଯ୍ୟ ବନ୍ଦ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଉତେଜିତ ଗ୍ରାମବାସୀ ରନ୍ନମଣିପୁର ଗ୍ରାମରେ ପହଂଚି ବିବାଦୀୟ ଜମିର ପାଚେରୀ ଓ ନିର୍ମାଣ କାମ ଗୁଡ଼ିକୁ ଭଙ୍ଗାରୁଜା କରିଥିଲେ । ଖବରପାଇ ରନ୍ନମଣିପୁର ଗ୍ରାମର ବହୁ ସଂଖ୍ୟକ ବ୍ୟକ୍ତି ସେଠାରେ ପହଂଚିବାରୁ ଉଭୟପକ୍ଷଙ୍କ ମଧ୍ୟରେ ବଚସା ହେବା ସହ ପରିସ୍ଥିତି ଅଣାୟତ ହୋଇପଡିଥିଲା । ଉଭୟପକ୍ଷ ପରସ୍ପରଙ୍କୁ ଟେକା ପଥର ମାଡ କରିବାରୁ ସିଙ୍ଗିପୁର ଗ୍ରାମର ୨ ଜଣ ପ୍ରକାଶ ସେଠୀ ଏବଂ ବାପୁନା ସେଠୀ ଆହାତ ହୋଇଥିଲେ । ଏହି ଖବର ପ୍ରଚାରିତ ହେବାପରେ ସିଙ୍ଗିପୁର ଗ୍ରାମର ବହୁ ସଂଖ୍ୟାରେ ଲୋକ ଡେଙ୍ଗାଓସ୍ତା ଗ୍ରାମ ୩୨୬ ନଂ ଜାତୀୟ ରାଜପଥରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ । ଫଳରେ ଦୀର୍ଘ ସମୟ ଧରି ରାସ୍ତାର ଉଭୟ ପାର୍ଶ୍ୱରେ ଯାନବାହନ ଅଟକି ରହିଥିଲା । ଖବର ପାଇ ସାନଖେମୁଣ୍ଡି ତହସିଲଦାର ତଥା ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ ରାମଚନ୍ଦ୍ର ପଟ୍ଟନାୟକ ଏବଂ ଗଞ୍ଜାମ ଛତ୍ରପୁର ଅତିରିକ୍ତ ଏସପି ସୀମା ସ୍ୱାଇଁ, ଆସିକା ଏସଡିପିଓ ସନ୍ତୋଷ କୁମାର ଜେନା, ପାଟପୁର ଥାନା ଆଇଆଇସି ଦୀପ୍ତି ରଞ୍ଜନ ବେହେରା, ଶେରଗଡ଼ ଥାନା ଆଇଆଇସି ବିରେନ୍ଦ୍ର ଶିଆଳ, ଧରାକୋଟ ଥାନା ଆଇଆଇସି ଚନ୍ଦ୍ରିକା ସ୍ୱାଇଁ, ଦିଗପହଣ୍ଡି ଥାନା ପୋଲିସ ଟିମ୍ ଘଟଣାସ୍ଥଳରେ ପହଂଚି ଉଭୟ ଗ୍ରାମର ଉତେଜିତ ଲୋକଙ୍କ ସହ ଆଲୋଚନା କରିଥିଲେ ମଧ୍ୟ ସେମାନେ ନିଜ ନିଜ ଜିଦ୍ ରେ ଅଟଳ ରହିଥିଲେ । ଉଭୟ ଗ୍ରାମର ଲୋକେ ରାସ୍ତା ଉପରେ ବସି ରହିଥିଲେ ।

# ବିଦ୍ୟାଳୟରେ ଶିକ୍ଷକ ମରୁଡି: ୧୦ ଦିନ ମଧ୍ୟରେ ସମସ୍ୟାର ସମାଧାନ ନହେଲେ ଆନ୍ଦୋଳନର ଚେତାବନୀ

ସମ୍ବଲପୁର, ୧୭/୧୦ (ନି.ପ୍ର): ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ ବଡରମା ପଂଚାୟତ ଅନ୍ତର୍ଗତ କୁତବ ସ୍କୁଲରେ ଶିକ୍ଷକ ମରୁଡିକୁ ନେଇ ବିଭିନ୍ନ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ଏବେ କେବଳ ୨ ଜଣ ଶିକ୍ଷକଙ୍କ ଭରସାରେ ପାଠପଢା ଚାଲିଥିବାବେଳେ ଶୀଘ୍ର ଶିକ୍ଷକ ନିଯୁକ୍ତି ନହେଲେ ଲୋକେ ବାଧ ହୋଇ ରାଜ ରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି । ସ୍କୁଲରେ ପାଠ ପଢାଇବା ପାଇଁ ଶିକ୍ଷକ ଅଭାବ ସମ୍ପର୍କରେ ଗ୍ରାମବାସୀମାନେ ସମ୍ବଲପୁର ଜିଲ୍ଲାପାଳ, ସମ୍ବଲପୁର ଜିଲ୍ଲା ଶିକ୍ଷା ଅଧିକାରୀ, ଜମନକିରା ବିଇଓ, ଜମନକିରା ବିଡ଼ିଓଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ ମଧ୍ୟ ଅଦ୍ୟାବଧି ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହି । ଆଗାମୀ ୧୦ ଦିନ ମଧ୍ୟରେ ବିଦ୍ୟାଳୟରେ ଶିକ୍ଷକ ସମସ୍ୟାର ସମାଧାନ କରାନଗଲେ ବିଦ୍ୟାଳୟ ଫାଟକରେ ତାଲା ପକାଇ ଆନ୍ଦୋଳନ କରାଯିବ ବୋଲି କଡା ଚେତାବନୀ ଦେଇଛନ୍ତି ଗ୍ରାମବାସୀ । ସୂଚନା ଅନୁସାରେ ଜମନକିରା ବ୍ଲକ ଅଧୀନରେ ଥିବା କୁତବ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢା ଚାଲିଛି । ହେଲେ ଉକ୍ତ ବିଦ୍ୟାଳୟରେ ପୂର୍ବରୁ ସର୍ବମୋଟ ୫ ଜଣ ଶିକ୍ଷକ ଶିକ୍ଷାଦାନ କରି ଆସୁଥିଲେ । ସେଥି ମଧ୍ୟରୁ ଜଣେ ଶିକ୍ଷକଙ୍କ ପରଲୋକ ହୋଇ ଯାଇଥିବା ବେଳେ ଅନ୍ୟ ଜଣେ ଶିକ୍ଷକ ଅବସର ଗ୍ରହଣ କରସାରିଛନ୍ତି । ସ୍କୁଲର ୩ ଜଣ ଶିକ୍ଷକଙ୍କ ମଧ୍ୟରୁ ଇତିମଧ୍ୟରେ ଗୌତମ ବାଗ ନାମକ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରାଯାଇଛି । ଯାହାଦ୍ୱାରା ବର୍ତମାନ ଏହି ବିଦ୍ୟାଳୟରେ ମାତ୍ର ୨ ଜଣ ଶିକ୍ଷକ ଥିବା ବେଳେ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ କିପରି ସମ୍ଭବ ହେ୍ବ ସେ ସମ୍ପର୍କରେ ଜିଲ୍ଲା ଶିକ୍ଷା ନିରୀକ୍ଷକ ଅଦ୍ୟାବଧି ସମ୍ପୂର୍ଣ୍ଣ ନୀରବଦ୍ରଷ୍ଟା ସାଜିଛନ୍ତି । ଏଣୁ ଅନ୍ୟତ୍ର ବଦଳି ହୋଇଥିବା ଶିକ୍ଷକ ଗୌତମ ବାଗଙ୍କୁ ପୁନର୍ବାର କୁତବ ସ୍କୁଲକୁ ଫେରାଇ ଆଣିବା ଓ ଆବଶ୍ୟକତା ଅନୁସାରେ ଶିକ୍ଷକ ପଦବୀ ପୂରଣ କରିବା ଦାବିରେ ଗ୍ରାମବାସୀମାନେ ମଙ୍ଗଳବାର ପୁଣିଥରେ ବିଭାଗୀୟ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ଏହି ଦାବିପତ୍ର ଦେବା ସମୟରେ ଗ୍ରାମର ମୀନା ସିଂ, ଜୟରାମ ସିଂ, ଶ୍ରୀକାନ୍ତ ପ୍ରଧାନ, ନିତ୍ୟାନନ୍ଦ ପ୍ରଧାନ ଓ ଜ୍ଞାନ ସିଂ ଙ୍କ ସମେତ ବହୁ ଗ୍ରାମବାସୀ, ଅଭିଭାବକ ମହଲରେମାନେ ଉପସ୍ଥିତ ରହିଥିଲେ ।

# ସ୍ମୃତି ଚାରଣ ସଭା ଅନୁଷ୍ଠିତ



ଭଦ୍ରକ, ୧୭/୧୦ (ନି.ପ୍ର): ବରପଦା ନିକଟସ୍ଥ କୁଶୁନନଗର ଠାରେ ଅବସ୍ଥିତ କମଳା କିଶୋରୀ ରାଉତ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରତିଷ୍ଠାତା କମଳା କୁମାରୀ ରାଉତଙ୍କ ଉଦ୍ଦେଶ୍ୟରେ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଏକ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଯାଇଅଛି। ପ୍ରାରମ୍ଭରେ ଅଧ୍ୟାପକ ବଙ୍କିମ ଚନ୍ଦ୍ର ନାୟକଙ୍କ ଦ୍ୱାରା ମଙ୍ଗଳାଚରଣ ପାଠ କରାଯାଇ ସଭା ଆରମ୍ଭ ହୋଇଥିଲା। ଏଥିରେ ପ୍ରବଚକ ଚିତରଂଜନ ନାୟକ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ତାଙ୍କର ଆତ୍ମାର ସଦ୍‌ଗତି ନିମିତ ବେଦ ପାଠ କରିଥିଲେ। ସମାଜ ସେବୀ ଯୁଧିଷ୍ଠିର ପଣ୍ଡା ଏବଂ ଅନୁଷ୍ଠାନର ପୂର୍ବତନ କାର୍ଯ୍ୟକାରିଣୀ ସଦସ୍ୟ ଜଇରାମ ଜେନା, ଭୀମଚରଣ ସାମଲ ପ୍ରମୁଖ ଯୋଗଦେଇ ଏହି ଅନୁଷ୍ଠାନର ପ୍ରତିଷ୍ଠା ସମୟରେ ତାଙ୍କର ଅବଦାନ ସଂକ୍ରାନ୍ତରେ ସ୍ମୃତିଚାରଣ କରିଥିଲେ। ପୂର୍ବତନ ଦଇସିଂ ସରପଂଚ ସୁଦାମ ଚରଣ ପ୍ରଧାନ ବକ୍ତବ୍ୟ ରଖିଥିଲେ। କର୍ମଚାରୀ ରମେଶ ଚନ୍ଦ୍ର ନାୟକ, ଟି. ବିଜୟା, ଭରତ ଚନ୍ଦ୍ର ଜେନା, ସୁଦର୍ଶନ ପ୍ରଧାନ ଓ ସବିତା ଘଡାଇ ସଭାଟିକୁ ପରିଚାଳନା କରିଥିଲେ। ଅଧ୍ୟାପିକା ପ୍ରତିଜ୍ଞା ପଣ୍ଡା ଧନ୍ୟବାଦ ଦେଇଥିଲେ। ଶେଷରେ ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଗୋଟିଏ ଲିମ୍ବ ଗଛ ଓ ତୁଳସୀଗଛ ରୋପଣ ହୋଇଥିଲା। ତାଙ୍କର ଦେହାନ୍ତରେ ଏହି ଅନୁଷ୍ଠାନର ଅପୂରଣୀୟ କ୍ଷତି ହୋଇଗଲା ବୋଲି ଆଲୋଚନା କରିଥିଲେ। ଏହି ସଭାରେ ଏହି ଅନୁଷ୍ଠାନର ଅଧ୍ୟାପକ ଅଶ୍ୱିନୀ କୁମାର ପୁହାଣ, ଘନଶ୍ୟାମ ସାହୁ, ରମେଶ ଚନ୍ଦ୍ର ଖୁଂଟିଆ ବକ୍ତବ୍ୟ ମାଧ୍ୟମରେ ତାଙ୍କର ସ୍ମୃତି ଚରଣ କରିଥିଲେ। ଛାତ୍ରୀମାନଙ୍କ ମଧ୍ୟରୁ କୁମାରୀ ଦିପ୍ତିମୟୀ ମହାନ୍ତି କବିତା ପାଠ କରିଥିଲେ ଏବଂ କୁମାରୀ ଲକ୍ଷ୍ମିପ୍ରିୟା ମହାପାତ୍ର କବିତା ପାଠ କରିଥିଲେ।

# ରାଧାକୃଷ୍ଣ ମନ୍ଦିରରେ କାର୍ତ୍ତିକ ମାହାତ୍ମ୍ୟ ପ୍ରବଚନ ଦ୍ୱିତୀୟ ଦିନରେ



ବାଲେଶ୍ୱର, ୧୭/୧୦ (ନି.ପ୍ର): ବାଲେଶ୍ୱର ଟାଉନ ଅନ୍ତର୍ଗତ ମାଣିଖମ୍ବ ଗାଁ ରେ ଥିବା ବହୁ ପ୍ରାଚୀନ ରାଧାକୃଷ୍ଣ ମନ୍ଦିର ଯାହାକି ହରିସଭା ମନ୍ଦିର ନାମରେ ପରିଚିତ ସେଇ ମନ୍ଦିର ପ୍ରାଙ୍ଗଣରେ ହରି କଥା ଆୟୋଜିତ ହୋଇଯାଇଛି । ବାଲେଶ୍ୱର ଜିଲ୍ଲା ର ବିଶିଷ୍ଟ ପ୍ରବଚକ ପଣ୍ଡିତ ଶ୍ରୀ ଶାନ୍ତି ସ୍ୱରୂପ ମିଶ୍ର ପ୍ରବଚନ ଦେଇଥିଲେ । ତାଙ୍କ ପ୍ରବଚନ ରେ ସେ କହିଥିଲେ ଜୀବର ମୁକ୍ତି ପାଇଁ ଭାଗବତ ହିଁ ସହଜ ସରଳ ମାର୍ଗ । ନିତ୍ୟ ନିୟମିତ ଯେଉଁ ମାନେ ଭାବ ଭକ୍ତି ର ସହ ଭାଗବତ ପଠନ, ଶ୍ରବଣ ଓ ମନନ କରନ୍ତି ସେ ସମସ୍ତ ସଂସାର ଜଞ୍ଜାଳ ରୁ ଉଦ୍ଧାର ପାଇ ଯାଆନ୍ତି । ଧର୍ମ ମାସ କାର୍ତ୍ତିକ ହେଉଛି ଶ୍ରୀ ବିଷ୍ଣୁଙ୍କର ପ୍ରିୟ ମାସ । ସେଥିପାଇଁ କାର୍ତ୍ତିକ ମାସ ର ପ୍ରତେକ ଗୁରୁବାର ସନ୍ଧ୍ୟା ଛ ଘଟିକା ରେ କାର୍ତ୍ତିକ ମାହାତ୍ମ୍ୟ ପଢା ଯିବ ଓ ପ୍ରବଚନ ହେବ । ପ୍ରବଚନ ସରିଲା ପରେ ସମସ୍ତ ଙ୍କୁ ପ୍ରସାଦ ବିତରଣ କରା ଯାଇଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଲାଞ୍ଚ ନେଇ ଆଇପିଏସ୍ ...

ଯଦି ସେ ଟଙ୍କା ନ ଦେବେ, ତା'ହେଲେ ତାଙ୍କୁ ମିଛ ଅପରାଧିକ ମାମଲାରେ ଫସାଇ ଦେବାର ଧମକ ଦେଇଥିଲେ। ୨୦୨୫ ଅକ୍ଟୋବର ୧୧ରେ ଗୋଟିଏ ହ୍ୱାଟସ ଆପ କଲର ରେକର୍ଡ ମଧ୍ୟ ସାମ୍ନାକୁ ଆସିଛି। ହରଚରଣ ୮ ଲକ୍ଷ ଟଙ୍କା ସଂଗ୍ରହ କରିବାକୁ କ୍ରିଷ୍ଣାନୁଙ୍କୁ କହୁଥିବା ଏହି କଲ ରେକର୍ଡରୁ ନିଶ୍ଚିତ ହୋଇଛି। ଏପରି ପ୍ରମାଣ ପାଇବା ପରେ ସିବିଆଇ ତାଙ୍କୁ ଲାଞ୍ଚ ଟଙ୍କା ସହ ଧରିବାକୁ ଜାଲ ବିଛାଇଥିଲା। ଆଉ ହରଚରଣ ସେହି ଜାଲରେ ଫସି ଯାଇଛନ୍ତି। ୨୦୦୭ ବ୍ୟାଚ୍‌ର ଆଇପିଏସ୍ ହେଉଛି ହରିଚରଣ। ୨୦୨୪ ନଭେମ୍ବର ୨୭ ତାଙ୍କୁ ରୋପର ରେଞ୍ଜ ଡିଆଇଜି ଭାବେ ଅବସ୍ଥାପିତ କରାଯାଇଥିଲା। ଏହାପୂର୍ବରୁ ସେ ପିଟିଆଲା ରେଞ୍ଜ ଡିଆଇଜି ଭାବେ କାମ କରୁଥିଲେ।

### ଆଜି କମ୍ପିବ ନୂଆପଡା...

ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆ ବି ନୂଆପଡ଼ାରେ ଦମ୍ ଦେଖାଇବାକୁ ଯୋଜନା କରିଛନ୍ତି । ବିଜେପି ପରେ ଆଜି ବିଜେଡି ଷ୍ଟାର ପ୍ରଚାରକ ତାଲିକା ଜାରି କରିଛି । ଗତକାଲି ବିଜେପି ୪୦ଜଣିଆ ନେତାଙ୍କ ତାଲିକା ଘୋଷଣା କରିଥିବା ବେଳେ ଆଜି ବିଜେଡି ୪୦ ଜଣିଆ ଷ୍ଟାର ପ୍ରଚାରକଙ୍କ ସୂଚୀ ଜାରି କରିଛି । ବିଜେପି ପ୍ରଚାରକ ତାଲିକାରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ, ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଓ ବହୁ କେନ୍ଦ୍ରମନ୍ତ୍ରୀ ରହିଛନ୍ତି। ଅନ୍ୟପଟେ ବିଜେଡି ଜାରି କରିଥିବା ତାଲିକାରେ ବବି ଦାସ ପ୍ରଥମ ଥର ପାଇଁ ୮ନମ୍ବର ସ୍ଥାନକୁ ଖସିଛନ୍ତି । ଦେବାଶିଷ ସାମନ୍ତରାୟଙ୍କୁ ତାଲିକାରେ ସ୍ଥାନ ମିଳିନାହିଁ ।

### ଲୋପ ପାଉଛି ମାଓ...

୨୧୦ ଜଣ ମାଓବାଦୀ ଏକକାଳୀନ ଆତ୍ମସର୍ମପଣ କରିଛନ୍ତି । ଜଗଦଲପୁର ଠାରେ ପୁଲିସ ଡିଜି ଓ ବରିଷ୍ଠ ଅଧିକାରଙ୍କ ନିକଟରେ ଅସ୍ତ୍ର ତ୍ୟାଗ କରିଛନ୍ତି ଏହି ମାଓବାଦୀ । ଯେଉଁଥିରେ ଦଣ୍ଡକାରଣ୍ୟ ସ୍ପେଶାଲ ଜୋନାଲ କମିଟିର ମୁଖ୍ୟ ରୂପେଶ ,ଉତ୍ତର ବସ୍ତର ଡିଭିଜନ ମୁଖ୍ୟ ରାଜମନ, ସ୍ପେଶାଲ ଜୋନାଲ କମିଟିର ସଦସ୍ୟ ଶିବପ୍ରସାଦ ଭଳି ହାର୍ଡକୋର ମାଓବାଦୀ ରହିଛନ୍ତି । ଆତ୍ମସର୍ମପଣ କରିଥିବା ମାଓବାଦୀଙ୍କ ମଧ୍ୟରେ ୯୮ ଜଣ ମହିଳା କ୍ୟାଡର ରହିଛନ୍ତି । ଗତ ୩ ଦିନ ମଧ୍ୟରେ ଗଡଚିରୋଲୀ, ସୁକମା ଓ ଜଗଦଲପୁରରେ ୨୯୮ ମାଓବାଦୀଙ୍କ ଆତ୍ମସମର୍ପଣ କଲେଣି ।

### ପୁଲିସ ଏସଆଇ ପରୀକ୍ଷା ...

ମୁନା ବିଜୟନଗରମ୍ ମୋଡ୍ୟୁଲ ବୁଝୁଥିଲା ଆଉ ଅରବିନ୍ଦ ନେଇଥିଲା ଦୀଘା ମୋଡ୍ୟୁଲର ଦାୟିତ୍ୱ। ଏମାନଙ୍କୁ ସହଯୋଗ କରୁଥିଲେ ଶ୍ରୀକାନ୍ତ ମହାରଣା, ଅଭିମନ୍ୟୁ ଦୋରା ଓ ସୌମ୍ୟା ପ୍ରିୟଦର୍ଶିନୀ । ଆଶାୟୀ କେମିତି ଯିବେ, କ'ଣ କରିବେ ବୁଝୁଥିଲା ଶ୍ରୀକାନ୍ତ। ଭୁବନେଶ୍ୱରରୁ ବାହାରିବା ପୂର୍ବରୁ ଆଶାୟୀଙ୍କ ସାର୍ଟିଫିକେଟ୍ ମଧ୍ୟ ସଂଗ୍ରହ କରିଥିଲା । ସୌମ୍ୟା ପ୍ରିୟଦର୍ଶିନୀଙ୍କୁ ନିଜର ଭଉଣୀ ପରିଚୟ ଦେଉଥିଲା ମୁନା। ସୌମ୍ୟାଙ୍କ ଜରିଆରେ ଆଡ୍‌ଭାନ୍ସ ଚେକ୍ ଓ ଅରିଜିନାଲ ସାର୍ଟିଫିକେଟ୍ ଫେରାଯାଇଥିଲା । ଆଉ ପ୍ରମାଣ ନଷ୍ଟ କରିବାରେ ସୌମ୍ୟାର ଥିଲା ପ୍ରମୁଖ ଭୂମିକା । ଦଶପଲ୍ଲାରେ ଥିବା ଫାର୍ମ ହାଉସ୍‌ରେ ଶ୍ରୀକାନ୍ତ ଓ ମୁନାକୁ ଆଶ୍ରୟ ଦେଇଥିଲା ଅଭିମନ୍ୟୁ। ପ୍ରିୟଦର୍ଶିନୀଙ୍କ ଠାରୁ ତଥ୍ୟ ନେଇ ମୁନା ଓ ଶ୍ରୀକାନ୍ତଙ୍କୁ ଦେଉଥିଲା । ଆଉ ତଦନ୍ତକାରୀ ସଂସ୍ଥାର ଖୋଳତାଡ଼ ବେଳେ ସେହିଠାରୁ ହିଁ ହୋଇଥିଲା ଫେରାର ହେବାର ଯୋଜନା। କ୍ରାଇମ୍‌ବ୍ରାଞ୍ଚର ତଦନ୍ତ ବେଳେ ମୁନାର ଦୁଇଟି ଟ୍ରକ୍ ଏବଂ ଗୋଟିଏ କାର ଜବତ ହୋଇଛି । ଦିଲ୍ଲୀରେ ରହି ରିମୋଟ କଂଟ୍ରୋଲ କରୁଥିଲା ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟି। କିନ୍ତୁ ପରୀକ୍ଷା ଦୁର୍ନୀତି ଧରାପଡ଼ିବା ପରେ ଶଙ୍କର ପୁଲିସକୁ ଚକମା ଦେଇ ଲୁଚି ବୁଲୁଛି ।

### ଗୁଜରାଟରେ ନୂଆ...

ପଟେଲ, ଡ. ଜୟରାମଭାଇ ଗାମିତ, ନରେଶଭାଇ ପଟେଲ ପ୍ରମୁଖ କ୍ୟାବିନେଟରେ ସ୍ଥାନ ପାଇଛନ୍ତି। ୨୦୨୧ ସେପ୍ଟେମ୍ବର ପରେ ଗୁଜରାଟ ମନ୍ତ୍ରିମଣ୍ଡଳରେ ଏତେ ବଡ଼ ଅଦଳବଦଳ ହୋଇଛି। ସେହି ସମୟରେ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ବିଜୟ ରୂପାନୀଙ୍କ ସହ ସମସ୍ତ ମନ୍ତ୍ରୀ ହଠାତ୍ ଇସ୍ତଫା ଦେଇଥିଲେ। ଏହାପରେ ଭୂପେନ୍ଦ୍ର ପଟେଲ ମୁଖ୍ୟମନ୍ତ୍ରୀ ହୋଇଥିଲେ। ୨୦୨୨ ବିଧାନସଭାରେ ବିଜେପି ବହୁମତ ହାସଲ କରିବାରୁ ଶ୍ରୀ ପଟେଲ ପୁଣି ମନ୍ତ୍ରୀ ହୋଇଥିଲେ। ତାଙ୍କ ମନ୍ତ୍ରିମଣ୍ଡଳରେ ୧୬ ଜଣ ସଦସ୍ୟ ସାମିଲ ହୋଇଥିଲା। କିନ୍ତୁ ଗୁରୁବାର ଗୁଜରାଟର ସମସ୍ତ ୧୬ ଜଣ ମନ୍ତ୍ରୀ ଇସ୍ତଫା ଦେବା ପରେ ଆଜି ମନ୍ତ୍ରିମଣ୍ଡଳ ପୁନର୍ଗଠନ ହୋଇଛି। ୧୮୨ ଆସନ ବିଶିଷ୍ଟ ଗୁଜରାଟ ବିଧାନସଭାରେ ସର୍ବାଧିକ ୨୭ ଜଣ ମନ୍ତ୍ରୀ ହୋଇପାରିବେ। ଏହିକ୍ରମରେ ୨୬ ଜଣ ମନ୍ତ୍ରୀ ଭାବେ ଶପଥ ନେଇଛନ୍ତି।

## ଏସ୍. ଇ. ରେଳବାଇ - ଟେଣ୍ଡର

ଟେଣ୍ଡର ନୋଟିସ ନମ୍ବର: ଇ-ଟେଣ୍ଡର/୨୦୨୫/୩୬। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତାଙ୍କ ପକ୍ଷରୁ, ଦକ୍ଷିଣ ପୂର୍ବ ରେଳବାଇ, ଖଡ଼ଗପୁର-୭୨୧୩୦୧ ଡିଭିଜନାଲ ରେଲୱେ ମ୍ୟାନେଜର (ଇଞ୍ଜିନିୟରିଂ), ଉଲ୍ଲେଖିତ ତାରିଖରେ ଅପରାହ୍ନ ୩ଟା ପୂର୍ବରୁ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି ଏବଂ ଅପରାହ୍ନ ୩ଟା ୩୦ଟାରେ ଖୋଲାଯିବ। **କ୍ରମିକ ସଂଖ୍ୟା, ଟେଣ୍ଡର ନମ୍ବର ଏବଂ କାର୍ଯ୍ୟର ବର୍ଣ୍ଣନା ନିମ୍ନଲିଖିତ: (୧) ଇ-କେଜିପି-ଦକ୍ଷିଣ-୫୫-୨୦୨୫,** ସେତୁର ସୁଦୃଢ଼ୀକରଣ/ପୁନଃନିର୍ମାଣ/ପୁନଃନିର୍ମାଣ ଏଡିନ୍ (ଦକ୍ଷିଣ)/କେଜିପି (ଦ୍ୱିତୀୟ ଡାକ) ଅଧୀନରେ ମିଶନ ୩୦୦୦ ମେଟ୍ରିକ୍ ଟନ୍ ଅଧୀନରେ ୨୫ ଆକ୍ସଲ୍ ଲୋଡ୍ ଟ୍ରେନ୍ ଚଲାଇବା ପାଇଁ ନମ୍ବର ୧୮୭ଡିଏନ୍, ୨୦୭ଡିଏନ୍ ଏବଂ ୨୦୮ଡିଏନ୍। **ଟେଣ୍ଡର ମୂଲ୍ୟ:** ୨୪,୫୫,୨୭,୧୬୯.୩୪। **ଆୟ ଟଙ୍କା:** ୧୩,୭୭,୬୦୦/-। **(୨) E-KGP- ଦକ୍ଷିଣ-୫୬-୨୦୨୫, ADEN/BLS** (ଦ୍ୱିତୀୟ କଲ୍) ଅଧୀନରେ ମିଶନ ୩୦୦୦MT ଅଧୀନରେ ୨୫ ଆକ୍ସଲ୍ ଲୋଡ୍ ଟ୍ରେନ୍ ଚଲାଇବା ପାଇଁ ସେତୁ ନମ୍ବର 260UP, 261UP, 278DN, 292DN, 315DN, 332DN, 336DN ଏବଂ 338DN ର ସୁଦୃଢ଼ୀକରଣ/ପୁନଃନିର୍ମାଣ/ପୁନଃନିର୍ମାଣ। **ଟେଣ୍ଡର ମୂଲ୍ୟ:** ଆୟ ଟଙ୍କା: ୪୧,୪୪,୬୮,୬୨୨. ୩୩। ୨୨,୨୨,୪୦୦/-। (୩) **E-KGP-\ଦକ୍ଷିଣ-57-2025, ADEN/BLS** (ଦ୍ୱିତୀୟ କଲ୍) ଅଧୀନରେ ମିଶନ 3000MT ଅଧୀନରେ ୨୫ ଆକ୍ସଲ୍ ଲୋଡ୍ ଟ୍ରେନ୍ ଚଲାଇବା ପାଇଁ ସେତୁ ନମ୍ବର ୨୫୯ଟଚ ର ସୁଦୃଢ଼ୀକରଣ/ପୁନଃନିର୍ମାଣ/ପୁନଃନିର୍ମାଣ। **ଟେଣ୍ଡର ମୂଲ୍ୟ:** ୫୩, ୪୫,୭୧,୭୬୫.୭୯। **ଆୟ ଟଙ୍କା:** ୨୮,୨୨,୯୦୦/-। **ଟେଣ୍ଡର ଡକ୍ୟୁମେଣ୍ଟ ମୂଲ୍ୟ:** ପ୍ରତ୍ୟେକ ପାଇଁ ୦। **ଖୋଲିବାର ତାରିଖ:** ପ୍ରତ୍ୟେକ ପାଇଁ ୦୬.୧୧.୨୦୨୫। **କାର୍ଯ୍ୟ ସମାପ୍ତି ଅବଧି:** ପ୍ରତ୍ୟେକ ପାଇଁ ୨୪ ମାସ। **ବିଡିଂ ଆରମ୍ଭ ତାରିଖ:** କ୍ରମ ସଂଖ୍ୟା ୧ ରୁ ୩ ପାଇଁ ୦୯.୧୦.୨୦୨୫ ଏବଂ ୦୬.୧୧.୨୦୨୫ ତାରିଖ ୧୫:୦୦ ଘଣ୍ଟା ପର୍ଯ୍ୟନ୍ତ। ଆଗ୍ରହୀ ଟେଣ୍ଡରଦାତାମାନେ ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ / ବର୍ଣ୍ଣନା / ନିର୍ଦ୍ଦିଷ୍ଟକରଣ ପାଇଁ **www.ireps.gov.in** ୱେବସାଇଟ୍ ପରିଦର୍ଶନ କରିପାରିବେ ଏବଂ ସେମାନଙ୍କର ବିଡ ଅନଲାଇନରେ ଦାଖଲ କରିପାରିବେ। କୌଣସି ପରିସ୍ଥିତିରେ ଏହି କାର୍ଯ୍ୟ ପାଇଁ ମାନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ। **ବି.ଦ୍ର.:** ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡର୍ ନିୟମିତ ଭାବରେ **"www.ireps.gov.in"** ପରିଦର୍ଶନ କରିପାରିବେ।

**(PR-737)**

# ଜିଲ୍ଲାସ୍ତରୀୟ ପେନସନ ଅଦାଲତ ଅନୁଷ୍ଠିତ: ୧୯୩ ପେନସନ କେଶ୍ ସମୀକ୍ଷା

ଖୋର୍ଦ୍ଧା , ୧୭/୧୦ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲା ସ୍ତରୀୟ ପେନସନ ଅଦାଲତ ଅତିରିକ୍ତ ଜିଲ୍ଲାପାଳ, ପ୍ରଶାସନ ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା ଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଯାଇଅଛି । ଜିଲ୍ଲାର ଶିକ୍ଷା, ସ୍ୱାସ୍ଥ୍ୟ,ଗମନାଗମନ, ବ୍ଲକ୍, ତହସିଲ, ଅତ୍ୟାବଶ୍ୟକ ସେବା ଯୋଗାଉଥିବା ବିଭାଗ ଏବଂ ସମସ୍ତ ଲାଇନ୍ ଡିପାର୍ଟମେଣ୍ଟ କାର୍ଯ୍ୟାଳୟ ଗୁଡିକର ଅବସର ଗ୍ରହଣ କରିଥିବା ଅଧିକାରୀ, କର୍ମଚାରୀ, ଯନ୍ତ୍ରୀ, ଶିକ୍ଷକ ଶିକ୍ଷୟତ୍ରୀ , ତୃତୀୟ ଶ୍ରେଣୀ କର୍ମଚାରୀ , ଚତୁର୍ଥ ଶ୍ରେଣୀ କର୍ମଚାରୀ ମାନଙ୍କ ସ୍ଥଗିତ ଥିବା ସାମୟିକ ଓ ପରିବାର ପେନସନ କେସ ଗୁଡ଼ିକର ସ୍ଥିତି ଓ ଅଗ୍ରଗତି ସମ୍ପର୍କରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେଉରା ଅଧିକାରୀ ମାନଙ୍କୁ ପଚାରି ବୁଝି ସମୀକ୍ଷା କରିଥିଲେ । ଯେଉଁ କର୍ମଚାରୀ ମାନଙ୍କର ଉଚ୍ଚ ନ୍ୟାୟାଳୟରେ କେସ ଅଛି ସେଗୁଡିକୁ ଛାଡି ସମସ୍ତ ଅବସର କର୍ମଚାରୀ ମାନଙ୍କ ସାମୟିକ ପେନସନ ତୁରନ୍ତ ପ୍ରଦାନ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ । ସେହିପରି ଯେଉଁ କର୍ମଚାରୀ ମାନଙ୍କ ଭିଜିଲାନ୍ସ କେସ ଅଛି ସେ ଦିଗରେ ଭିଜିଲାନ୍ସ ବିଭାଗ ସମ୍ମତି ପ୍ରଦାନ କଲେ ଓ ସରକାରୀ ମୁଖ୍ୟାଳୟ ଅନୁମତି ଦେଲେ ସାମୟିକ ପେନସନ ପ୍ରଦାନ କରିବାକୁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ । ସେହିପରି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଥିଲେ କେବଳ ସାମୟିକ ପେନସନ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଯଦି କୌଣସି କର୍ମଚାରୀଙ୍କ କିଛି ଅର୍ଥ ସରକାରଙ୍କୁ ପୈଠ କରିବାକୁ ଅଛି ତାହା ଉକ୍ତ କର୍ମଚାରୀଙ୍କ ଗ୍ରାଚ୍ୟୁଇଟିରୁ କାଟିବାକୁ ନିର୍ଦ୍ଦେଶ ଦେଇଥିଲେ । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେଉରା କହିଥିଲେ ସରକାରୀ କର୍ମଚାରୀ ଯେଉଁଦିନ ଚାକିରିରୁ ଅବସର ଗ୍ରହଣ କରିବେ ସେହିଦିନ ସାମୟିକ ପେନସନ ନିର୍ଦ୍ଦେଶ ପତ୍ର ଦେବାର ପ୍ରାବଧାନତା ରହିଛି । ଏଣୁ ଏ ଦିଗରେ ସମସ୍ତ ଆର୍ଜନ ଓ ବିତରଣ ଅଧିକାରୀ (ଡି ଡି ଓ) ଯଥେଷ୍ଟ ଯତ୍ନବାନ ହେବାର ଆବଶ୍ୟକତା ରହିଛି । ଶ୍ରୀ ବେଉରା ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ଜିଲ୍ଲା ଆରକ୍ଷୀ ବିଭାଗ, ପଶୁ ସମ୍ପଦ ବିଭାଗ, ଜିଲ୍ଲା ମଙ୍ଗଳ ବିଭାଗ, ବନଖଣ୍ଡ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ଆଞ୍ଚଳିକ ପରିବହନ ବିଭାଗ, କୃଷି ବିଭାଗ, ଉଦ୍ୟାନ କୃଷି ବିଭାଗ, ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ, ସୂଚନା ଓ ଲୋକସଂପର୍କ ବିଭାଗ, ଜଳସମ୍ପଦ ପ୍ରାଚୀ ଖଣ୍ଡ, ଖୋର୍ଦ୍ଧା ଖଣ୍ଡ, ଜଳ ନିଷ୍କାସନ ଖଣ୍ଡ, ଜିଲ୍ଲା ଶ୍ରମ ବିଭାଗ, ଜିଲ୍ଲା ସମବାୟ ସମିତି, ମତ୍ସ୍ୟ ବିଭାଗ, ସମସ୍ତ ବ୍ଲକ୍ ଓ ତହସିଲ କାର୍ଯ୍ୟାଳୟର ପେନସନ କେସ ର ଅଗ୍ରଗତି ସମୀକ୍ଷା କରିବାସହ ଯେଉଁ ମାନେ ପେନସନ ଅଦାଲତରେ ଯୋଗ ଦେଇ ନାହାନ୍ତି କୈଫିୟତ୍ ତଲବ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ସେହିପରି ସୁଧାରିତ ନିଶ୍ଚିତ କ୍ୟାରିଆର ଅଗ୍ରଗତି (ଏମ ଏ ସି ପି) ମଞ୍ଜୁରୀ କରିବା ଯେଉଁମାନେ ଅବସର ଗ୍ରହଣ ତିନି ମାସ ପରେ ସରକାରୀ ବାସ ଭବନ ଛାଡୁ ନାହାନ୍ତି ସେମାନଙ୍କ ବିରୁଦ୍ଧରେ ଜିଲ୍ଲା ପାଳଙ୍କୁ ଚିଠି ଲେଖିବାକୁ ନିର୍ଦ୍ଦେଶ ଦେଇଥିଲେ । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେଉରା ପେନସନ ଅଦାଲତ ରେ ୧୯୩ ବିଭିନ୍ନ ବିଭାଗର ଅବସର ପ୍ରାପ୍ତ କର୍ମଚାରୀ ମାନଙ୍କ ପେନସନ ଅଭିଯୋଗ ବିଚାର କରି ବିଭାଗୀୟ ଅଧିକାରୀ ମାନଙ୍କୁ ବିହିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ । ପେନସନ ଅଦାଲତ ରେ ଡେପୁଟୀ କଲେକ୍ଟର, ନ୍ୟାୟିକ ସୁଶ୍ରୀ ସୃଷ୍ଟି ଅନନ୍ୟା ଶତପଥୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀମତୀ ରସ୍ମିବାଳା ପରିଡ଼ା,ଶ୍ରୀ ବାବୁଲି ପଟ୍ଟନାୟକ ପ୍ରମୁଖ ସହଯୋଗ ପ୍ରଦାନ କରିଥିବା ବେଳେ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ଲକ୍ଷ୍ମଣ କୁମାର ବେହେରା,ବିଭିନ୍ନ ବିଭାଗୀୟ ଅଧିକାରୀ ଓ ସେମାନଙ୍କ କାର୍ଯ୍ୟାଳୟ ସଂସ୍ଥା ବିଭାଗ ଅଧିକାରୀ ଏବଂ କର୍ମଚାରୀ ଏବଂ ଗଣ ମାଧ୍ୟମ ପ୍ରତିନିଧି ବୃନ୍ଦ ଯୋଗଦେଇଥିଲେ ।

# ତ୍ରିପୁରାରେ ବଙ୍ଗଳାଦେଶୀ ନାଗରିକଙ୍କ ମୃତ୍ୟୁରେ ଭାରତ ଦେଲା ପଡ଼ୋଶୀ ଦେଶକୁ ପରାମର୍ଶ

ନୂଆଦିଲ୍ଲୀ, ୧୭/୧୦ : ଭାରତ ତ୍ରିପୁରାରେ ବାଙ୍ଗଲାଦେଶୀ ନାଗରିକଙ୍କ ସହିତ ଯୋଡ଼ିଥିବା ଘଟଣାରେ ପଡ଼ୋଶୀ ଦେଶକୁ ପରାମର୍ଶ ଦେଇଛନ୍ତି। ବିଦେଶ ମନ୍ତ୍ରାଳୟର କହିବା ଯେ, ପଡ଼ୋଶୀ ଦେଶକୁ ଅନ୍ତରାଷ୍ଟ୍ରୀୟ ସୀମାର ସମ୍ମାନ ବଜାୟ ରଖିବା ପାଇଁ ଆବଶ୍ୟକ ପଦକ୍ଷେପ ଉଠାଇବା ଦରକାର। ଏହାସହ ସୀମା ପାର ଅପରାଧ ଏବଂ ତସ୍କରୀକୁ ରୋକିବା ପାଇଁ ଆବଶ୍ୟକ ହେଲେ ବାଡ଼ ଲଗାଇବାରେ ସାହାଯ୍ୟ କରିବା ଦରକାର। ବିଦେଶ ମନ୍ତ୍ରାଳୟର ପ୍ରବକ୍ତା ରଣଧୀର ଜୟସୱାଲ କହିଛନ୍ତି ଯେ ୧୫ ଅକ୍ଟୋବର ଦିନ ଭାରତୀୟ କ୍ଷେତ୍ରରେ ପ୍ରାୟ ୩ କିଲୋମିଟର ଭିତରେ ତ୍ରିପୁରାରେ ଏକ ଘଟଣା ହୋଇଛି, ଯେଉଁଥିରେ ତିନି ବଙ୍ଗଳାଦେଶୀ ଚାଲାଣକାରୀ ମୃତ୍ୟୁବରଣ କରିଛନ୍ତି। ବଙ୍ଗଳାଦେଶର ତିନି ବଦମାସଙ୍କ ଏକ ଦଳ ଅନ୍ତରାଷ୍ଟ୍ରୀୟ ସୀମା ପାର ପକ୍ଷରୁ ଭାରତୀୟ କ୍ଷେତ୍ରର ବିଦ୍ୟାବିଲ ଗାଆଁରୁ ଗାଈ ବଳଦ ଚୋରାଇବାକୁ ଚେଷ୍ଟା କରିଛନ୍ତି। ସେ ସ୍ଥାନୀୟ ଗ୍ରାମବାସୀଙ୍କ ଉପରେ ଲୁହା ଦଣ୍ଡା ଏବଂ ଛୁରୀରେ ଆକ୍ରମଣ କରି ସେମାନଙ୍କୁ ଆହତ କରିଛନ୍ତି ଏବଂ ଏକ ଗ୍ରାମୀବାସୀଙ୍କ ହତ୍ୟା କରିଛନ୍ତି। ଏହାମଧ୍ୟରେ ଅନ୍ୟ ଗ୍ରାମବାସୀ ସେଠାରେ ପହଂଚି ଆକ୍ରମଣକାରୀଙ୍କୁ ବିରୋଧ କରିଥିଲେ।

# ଜନଆନ୍ଦୋଳନର ରୂପ ନେଉଛି ପୋଷଣ ମାସ ଅଭିଯାନ : ଅଧ୍ୟାପିକା କୁମକୁମ




ଉଦଳା, ୧୭/୧୦ (ନି.ପ୍ର): ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ଓ ଉଚ୍ଚଶିକ୍ଷା ବିଭାଗର ନେତୃତ୍ୱରେ ଉଦଳାସ୍ଥିତ ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟ ପରିସରରେ 'ରାଷ୍ଟ୍ରୀୟ ପୋଷଣ ମାସ – ୨୦୨୫' ପାଳିତ ହୋଇ ଯାଇଛି । ଏହି ଅବସରରେ ସାଧାରଣ ଲୋକଙ୍କ ନିକଟରେ ସଚେତନତାର ବାର୍ତ୍ତା ପହଂଚାଇବା ସକାଶେ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ଶଶିଭୂଷଣ ପାଣିଗ୍ରାହୀ ଉକ୍ତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି କ୍ରମାଗତ ଆଜକୁ ୮ବର୍ଷ ଧରି ଆମ ଦେଶରେ ରାଷ୍ଟ୍ରୀୟ ପୋଷଣ ମାସ କିପରି ପାଳିତ ହେଉଛି ଏବଂ ଏହାର ଆବଶ୍ୟକତା ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ଡ଼ା. ଖଗେଶ୍ୱର ସିଂହ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଚିନି ଏବଂ ତେଲର ବ୍ୟବହାରକୁ କମ୍ କରିବା ଓ ନବଜାତ ଶିଶୁର ଯତ୍ନ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଅଧ୍ୟାପିକା କୁମକୁମ ଦାସ ପ୍ରତିବର୍ଷ ସେପ୍ଟେମ୍ବର ୧୭ ତାରିଖରୁ ଅକ୍ଟୋବର ୧୬ ତାରିଖ ପର୍ଯ୍ୟନ୍ତ ସଚେତନତାର ବାର୍ତ୍ତା ବାଂଟିବା ସକାଶେ ସମଗ୍ର ଦେଶରେ କିପରି ପୋଷଣ ମାସ ପାଳିତ ହେଉଛି ଏବଂ ଧିରେ ଧିରେ ଏହା କିପରି ଏକ ଜନଆନ୍ଦୋଳନର ରୂପ ନେଉଛି ବ୍ୟକ୍ତ କରିଥିଲେ । ଅଧ୍ୟାପକ ଗିରିଜା ଶଙ୍କର ପାତ୍ର ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଧ୍ୟାପିକା ସୁଧାରାଣି ବେହେରା କାର୍ଯ୍ୟକ୍ରମର ଶେଷ ସ୍ପର୍ଶ ଦେଇଥିଲେ । ସେହିପରି କପ୍ତିପଦା ବ୍ଲକ ଅନ୍ତର୍ଗତ ନୁଦଡ଼ିହା ଗ୍ରାମସ୍ଥିତ ମେଘାସନ ମହାବିଦ୍ୟାଳୟ ପରିସରରେ 'ରାଷ୍ଟ୍ରୀୟ ପୋଷଣ ମାସ – ୨୦୨୫' ଅବସରରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ମହାବିଦ୍ୟାଳୟରେ ଥିବା ଜାତୀୟ ସେବା ଯୋଜନା ଓ ଯୁବରେଡ଼କ୍ରସ ମିଳିତ ଭାବରେ ଏହି କାର୍ଯ୍ୟକ୍ରମ ଆୟୋଜନର ନେତୃତ୍ୱ ନେଇଥିଲେ । ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରମୋଦ କୁମାର ରାଉତ ଆୟୋଜକ ମାନଙ୍କର ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ । ସମ୍ବଳ ବ୍ୟକ୍ତି ଭାବରେ ଡ଼. ମନୋଜ କୁମାର ବାରିକ ଓ ଡ଼. ରସ୍ମିତା ଦାଶ, କିଶୋରି ବାଳିକା ମାନେ କିପରି କୁପୋଷଣର ଶିକାର ହୋଇଥାନ୍ତି ସେ ସମ୍ପର୍କରେ ଅବଗତ କରାଇବା ସହିତ ଏହାର ନିରାକରଣ ପାଇଁ କିପ୍ରକାର ପଦକ୍ଷେପ ନେବା ଉଚିତ ବିସ୍ତୃତ ବର୍ଣ୍ଣନା କରିଥିଲେ । ଅଧ୍ୟପକ ଡ଼. ନିରଂଜନ ପାଠୀ ଆମ ଦେଶରେ ସବୁଠାରୁ ଅଧିକ କିଶୋରି ବାଳିକା କୁପୋଷଣର ଶିକାର ହେଉଥିବାର ଦେଖିବାକୁ ମିଳେ, ଯାହାକି ଆମ ପାଇଁ ଦୁଃଖ ଓ ଲଜ୍ୟାକର ବିଷୟ ବୋଲି ବ୍ୟକ୍ତ କରିଥିଲେ । ପ୍ରାରମ୍ଭରେ ଅଧ୍ୟାପିକା ସସ୍ମିତା ଲାୟା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ସମୀର କୁମାର ଭୋଇ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

**AFFIDAVIT**

By virtue of an affidavit sworn before Executive Magistrate Balasore, I, Sushanta Jena, aged about 47 years, s/o- Prasanna Jena of At- Manikhamb, Po- Motiganj, Ps- Town, Dist Balasore declare that my son's name is Swastik Jena. In the record of his school K.V., Balasore, my name is wrongly mentioned as Susanta Jena instead of correct name Sushanta Jena and my wife's name is wrongly mentioned as Pritichanda Jena instead of her correct name Pritichhanda Jena. Both Susanta Jena and Sushanta Jena are one and same person. Both Pritichanda Jena and Pritichhanda Jena are one and same person.

**Sushanta Jena**

**AFFIDAVIT**

By virtue of an affidavit sworn before Executive Magistrate Balasore, I, Hari Mallik, aged about 47 years, S/o- Sudam Mallik of At- Gosalapada, Po/Ps- Sahadevkhunta, Dist Balasore declare that my son's name is Biswajit Mallik. In the record of his school K.V., Balasore, my wife's name is wrongly mentioned as Sangita Mallik instead of her correct name Sangita Bala Mallik. Both Sangita Mallik and Sangita Bala Mallik are one and same person.

**Hari Mallik**

# ବେତନଟୀ ଜୁଡିସିଆଲ କୋର୍ଟ ଉଦ୍‌ଘାଟିତ




ବେତନଟୀ,୧୭/୧୦(ନି.ପ୍ର) : ଦୀର୍ଘଦିନର ପ୍ରତୀକ୍ଷା ପରେ ଆଜି ବେତନଟୀ ଜୁଡିସିଆଲ କୋର୍ଟକମ୍ପ୍ଲେକ୍ସକୁ ଆନୁଷ୍ଠାନିକ ଭାବରେ ଲୋକାର୍ପିତ କଲେ ଓଡିଶା ହାଇକୋର୍ଟର ମାନ୍ୟବର ମୁଖ୍ୟବିଚାରପତି ଜଷ୍ଟିସ ହରିଶ ଟଣ୍ଡନ। ପ୍ରାରମ୍ଭରେ ପୁଷ୍ପଗୁଚ୍ଛ ଦେଇ ପାରମ୍ପରିକ ଧୂମସା- ମାଦଳର ତାଳେତାଳେ ଅତିଥି ଓ ଅଧିକାରୀମାନଙ୍କୁ ନୂତନ କୋର୍ଟବିଲିଂ ନିକଟକୁ ପାଛୋଟି ଅଣାଯାଇଥିଲା। ମୟୂରଭଞ୍ଜ ପୁଲିସ ପକ୍ଷରୁ ମାନ୍ୟବର ମୁଖ୍ୟବିଚାରପତି ଜଷ୍ଟିସ ହରିଶ ଟଣ୍ଡନଙ୍କୁ ଗାର୍ଡ ଅଫ ଅନର ପ୍ରଦାନ କରାଯାଇଥିଲା । ସେଠାରେ ନୂତନ କୋର୍ଟ ବିଲିଂର ଆନୁଷ୍ଠାନିକ ଲୋକାର୍ପଣ ପରେ ନୂତନ କୋର୍ଟବିଲିଂ ବୁଲି ଦେଖିଥିଲେ। ଏହାପରେ ନୂତନ ଟ୍ରାଞ୍ଜିଟ ବିଲିଂର ଶୁଭଶିଳାନ୍ୟାସ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ମାନ୍ୟବର ସବଜଜ ଶତରୂପା ଶତପଥୀଙ୍କ ମଞ୍ଚପରିଚାଳନାରେ ଆୟୋଜିତ ସଭାକାର୍ଯ୍ୟରେ ମାନ୍ୟବର ଚିଫଜଷ୍ଟିସ ହରିଶ ଟଣ୍ଡନ, ମାନ୍ୟବର ଜଷ୍ଟିସ ମାନସ ରଞ୍ଜନ ପାଠକ, ମାନ୍ୟବର ଜଷ୍ଟିସ ରାଧାକୃଷ୍ଣ ପଟ୍ଟନାୟକ, ମାନ୍ୟବର ଜିଲ୍ଲାଜଜ୍ ସୁଦୀପ୍ତ ଆଚାର୍ଯ୍ୟ, ବେତନଟୀ ବାର ଏସୋସିଏସନର ସଭାପତି ଦେବବ୍ରତ ପରିଡା, ସମ୍ପାଦକ ପ୍ରବୀର କୁମାର ବାରିକ ପ୍ରମୁଖ ମଞ୍ଚାସୀନ ଥିଲେ । ମାନ୍ୟବର ଚିଫଜଷ୍ଟିସ ହରିଶ ଟଣ୍ଡନ ମୟୂରଭଞ୍ଜର ପୁରାତନ ତଥା ସମୃଦ୍ଧ କଳା, ସଂସ୍କୃତି ଏବଂ ଐତିହ୍ୟ ତଥା ପରମ୍ପରା ବାବଦରେ ବକ୍ତବ୍ୟ ରଖୁଥ?ିବା ବେଳେ ଅଞ୍ଚଳବାସୀଙ୍କ ପାଇଁ ଲୋକାର୍ପିତ ହୋଇଥିବା ବେତନଟୀ ଜୁଡିସିଆଲ କୋର୍ଟ କମ୍ପ୍ଲେକ୍ସ ତ୍ୱରିତ ନ୍ୟାୟ ପ୍ରଦାନରେ ବେଶ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ନେଇ ମଧ୍ୟ ବକ୍ତବ୍ୟରେ ଉଲ୍ଲେଖ କରିଥିଲେ। ବେତନଟୀ ଠାରେ ସବୁଜଜ୍ କୋର୍ଟ ଖୋଲିବାକୁ ମାନ୍ୟବର ବିଫଜଷ୍ଟିସ ହରିଶ ଟଣ୍ଡନଙ୍କୁ ବେତନଟୀ ବାର ଏସୋସିଏସନ ପକ୍ଷରୁ ସମ୍ପାଦକ ପ୍ରବୀର କୁମାର ବାରିକ ପ୍ରସ୍ତାବ ଦେଇଥିଲେ ।ଏହି କାର୍ଯ୍ୟକ୍ରମ ରେ ମୟୂରଭଞ୍ଜ ଏସପି ବରୁଣ ଗୁଣ୍ଡୁପାଲ୍ଲୀ, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଉପଜିଲ୍ଲାପାଳ ଦୟାସୀନ୍ଧୁ ପରିଡାଙ୍କ ସମେତ ଗ୍ରାମ୍ୟ ଉନ୍ନୟନ ବିଭାଗ ତଥା ଅନ୍ୟାନ୍ୟ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ । ସୁରକ୍ଷା ଦୃଷ୍ଟିରୁ ବେତନଟୀ ଏସଡିପିଓ ମିନତୀ ବିଶ୍ୱାଳ, ବେତନଟୀ ଆଇଆଇସି ସସ୍ମିତା ମହାନ୍ତ, ବୈଶିଙ୍ଗା ଆଇଆଇସି ବାରିଣୀ ଦାସ, ବଡସାହି ଆଇଆଇସି ସ୍ୱର୍ଣ୍ଣଲତା ମିଞ୍ଜଙ୍କ ସମେତ ଅନ୍ୟାନ୍ୟ ପୁଲିସ ଅଧିକାରୀ ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ରହିଥିଲେ। ବାରିପଦା ବାର ଏସୋସିଏସନର ବହୁ ବରିଷ୍ଠ ଆଇନଜୀବୀ ପ୍ରମୁଖ ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏଥିରେ ଶତାଧିକ ଅଞ୍ଚଳବାସୀ, ବିଭିନ୍ନ ସାମାଜିକ ଅନୁଷ୍ଠାନ ଯୋଗଦେଇଥ?ିବା ବେଳେ କାର୍ଯ୍ୟକ୍ରମର ସଫଳ ସମାପନ ପରେ ବେତନଟୀ ବାର ଏସୋସିଏସନର ସମ୍ପାଦକ ପ୍ରବୀର କୁମାର ବାରିକ ସମସ୍ତେ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜୁବିନ ଗର୍ଗଙ୍କ ସମାଧିରେ ରାହୁଲ ଗାନ୍ଧୀ ଅର୍ପିଣ କଲେ ଶ୍ରଦ୍ଧାଞ୍ଜଳି

ନୂଆଦିଲ୍ଲୀ,୧୭/୧୦ : ଆସାମର ପ୍ରସିଦ୍ଧ ଗାୟକ ଜୁବିନ ଗର୍ଗଙ୍କ ଅସାମୟିକ ନିଧନର ୨୮ ଦିନ ପରେ ଶୁକ୍ରବାର ଦିନ ଶ୍ରଦ୍ଧାଞ୍ଜଳି ଅର୍ପିତ କରିବା ଉଦ୍ଦେଶ୍ୟରେ କଂଗ୍ରେସ ନେତା ଏବଂ ଲୋକସଭା ସାଂସଦ ରାହୁଲ ଗାନ୍ଧୀ ଆସାମ ପହଂଚିଛନ୍ତି। ବୋରଝାର ଏୟାରପୋର୍ଟରେ ପହଂଚିବା ପରେ ସେ ଦ୍ୱିପହର ୨ଟାରେ ସୋନାପୁରର କମାରକୁଚି ସ୍ଥିତ ଜୁବିନ ଗର୍ଗଙ୍କ ସମାଧି ସ୍ଥଳରେ ପହଂଚିଛନ୍ତି। ସେଠାରେ ସେ ଜୁବିନ ଗର୍ଗଙ୍କ ସମାଧିରେ ପୁଷ୍ପାଞ୍ଜଳି ଅର୍ପିତ କରି କଳାକାରଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି। ଏହାବ୍ୟତୀତ ରାହୁଲ ଗାନ୍ଧୀ ଜୁବିନ ଗର୍ଗଙ୍କ ଫଟୋ ଆଗରେ ଏକ ଗାମୁଛା ମଧ୍ୟ ଅର୍ପିତ କରିଛନ୍ତି। ଏହାସହିତ ସେ ଜୁବିନ ଗର୍ଗଙ୍କ ପସନ୍ଦ ନାହରର ଏକ ଚାରା ମଧ୍ୟ ପାଖରେ ଲଗାଇଛନ୍ତି।

## ରୋଟାରୀ ତରଫରୁ ଶିକ୍ଷକ/ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ ଉତ୍ସବ

ଉଦଳ, ୧୭/୧୦ (ନି.ପ୍ର): ରାଷ୍ଟ୍ର ନିର୍ମାଣରେ ଅଗ୍ରଣି ଭୂମିକା ନେଉଥିବା ଶିକ୍ଷକ / ଶିକ୍ଷୟିତ୍ରୀ ମାନଙ୍କୁ ଉଦଳା ରୋଟାରି କ୍ଲବ ତରଫରୁ ପ୍ରତିବର୍ଷ ପରି ଚଳିତ ବର୍ଷ ସମ୍ବର୍ଦ୍ଧିତ କରାଯାଇଛି । ଏହି ଅବସରରେ ଆୟୋଜିତ ଉତ୍ସବରେ କ୍ଲବର ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ ଅଧକ୍ଷତା କରି ଦେଶ ଗଠନରେ ଶିକ୍ଷକ/ ଶିକ୍ଷୟିତ୍ରୀ ମାନଙ୍କର ଭୂମିକାକୁ କେବେ ଭୁଲି ହେବ ନାହିଁ ବୋଲି ବ୍ୟକ୍ତ କରିଥିଲେ । ଉଦଳା ଗୋଷ୍ଠୀ ଶିକ୍ଷା ଅଧିକାରୀ ଦୀପକ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରୋଟାରି କ୍ଲବର ଏତାଦୃଶ କାର୍ଯ୍ୟକଳାପକୁ ଭୂୟସୀ ପ୍ରଶଂସା କରିଥିଲେ । କ୍ଲବର ସଂପାଦକ ସୁଦର୍ଶନ ପ୍ରଧାନ ମଂଚ ପରିଚାଳନା ଦାୟିତ୍ୱ ତୁଲାଇବା ସହ ବଂଚିରହିବା ପାଇଁ ଖାଦ୍ୟ, ବସ୍ତ୍ର, ବାସଗୃହ ପରେ ଶିକ୍ଷା ଅତ୍ୟାବଶ୍ୟକ ଅଟେ ବୋଲି ବ୍ୟକ୍ତ କରିଥିଲେ । ଏହାପରେ କପ୍ତିପଦା ଉପଖଣ୍ଡର ବିଭିନ୍ନସ୍ଥାନରେ କାର୍ଯ୍ୟରତ କିଛି ଶିକ୍ଷକ/ ଶିକ୍ଷୟିତ୍ରୀଙ୍କୁ କ୍ଲବ ତରଫରୁ ମାନପତ୍ର, ଉତରୀୟ ଓ ପୁଷ୍ପଗୁଚ୍ଛ ଅର୍ପଣ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ସମ୍ବର୍ଦ୍ଧିତ ଶିକ୍ଷକ/ଶିକ୍ଷୟିତ୍ରୀ ମାନେ ହେଲେ - ଅଜୟ କୁମାର ମହାନ୍ତ, ପ୍ରାଣକୃଷ୍ଣ ପୁଥାଳ, ବୁଧିଆ ପାତ୍ର, ଗୀତାଜଂଳି ପଣ୍ଡା, କମଳାକାନ୍ତ ବେହେରା, ବନ୍ଦିତା ବାରିକ, ଭାଗିରଥି ପରିଡ଼ା, ଦେବବ୍ରତ ବାରିକ, ମୃତ୍ୟୁଜଂୟ ମହାନ୍ତି, ଆଶୁତୋଷ ସାହୁ, ପ୍ରଫୁଲ କୁମାର ନାୟକ, ଶାନ୍ତନୁ କୁମାର ଦାଶ, ପ୍ରମୋଦା ସେନାପତି ଓ ମିନାକ୍ଷୀ ମିଶ୍ର । ରୋଟାରିଆନ ପୂର୍ଣ୍ଣଚନ୍ଦ୍ର ସାହୁ ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଦୁଳମଣି ପୁହାଣ କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ମନୋରଂଜନ ପାଢ଼ି, ଅଜୟ କୁମାର ବେହେରା, ବ୍ରହ୍ମାନନ୍ଦ ନାୟକ ପ୍ରମୁଖ ସହଯୋଗ କରିଥିଲେ ।

## ଭିନ୍ନ ଢଙ୍ଗରେ ଦିପାବଳୀ ପାଳିଲେ ସାରକୋଣା ସରପଞ୍ଚ: ବୁଢାବୁଢୀଙ୍କ ପାଦ ଛୁଇଁଲେ, ସମସ୍ତଙ୍କୁ ରସଗୋଲା ଖୁଆଇଲେ

ଖଇରା, ୧୭/୧୦ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ସାରକୋଣା ଗ୍ରାମ ପଞ୍ଚାୟତର ସରପଞ୍ଚ ସୁଶାନ୍ତ କୁମାର ନାୟକ ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ଦିପାବଳୀ ଅବ୍ୟବହିତ ପୂର୍ବରୁ ପଞ୍ଚାୟତକୁ ଭତ୍ତା ନେବାକୁ ଆସିଥିବା ଦିବ୍ୟାଙ୍ଗ,ବିଧବା ଓ ବୁଢାବୁଢୀଙ୍କୁ ରସଗୋଲା ଖୁଆଇ ସେମାନଙ୍କ ଗହଣରେ ଦିପାବଳୀ ପାଳିଛନ୍ତି । ଶୁକ୍ରବାର ଦିନ ସରପଞ୍ଚ ଶ୍ରୀ ନାୟକ ନିର୍ବାହୀ ଅଧିକାରୀ ରଞ୍ଜିତ ସାମଲଙ୍କ ଓ ଜିଆରଏସ କଳ୍ପନା ମୁଖିଙ୍କ ସହ ମିଶି ୩୫୦ ଭତ୍ତା ହିତାଧିକାରୀଙ୍କୁ ଭତ୍ତା ବାଣ୍ଟ. ମିଠା ଖୁଆଇବା ସହ ବୁଢାବୁଢୀ



ହିତାଧିକାରୀଙ୍କ ପାଦଛୁଇଁ ପ୍ରଣାମ କରି ଆଶିର୍ବାଦ ନେବାକୁ ଭୁଲି ନଥିଲେ । ସେ ଦାୟିତ୍ୱରେ ରହିବା ପରଠାରୁ ଏହି ପରମ୍ପରା ବଜାୟ ରଖିଛନ୍ତି । ଏହିଭଳି ବରିଷ୍ଠ ଓ ଦିବ୍ୟାଙ୍ଗ ଆଶିର୍ବାଦ ତାଙ୍କୁ ଆଗକୁ ବଢିବାକୁ ବାଟ ଦେଖାଇବ ବୋଲି ସରପଞ୍ଚ ଶ୍ରୀ ନାୟକ କହିଛନ୍ତି ।

## ଓଝାପୋଖରୀ ଶିବିର ୬୨ ୟୁନିଟ ରକ୍ତ ସଂଗ୍ରହ

ଖଇରା, ୧୭/୧୦ (ନି.ପ୍ର): ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମଦିନ ପାଳନ ଅବସରରେ ଖଇରା ବ୍ଲକ ନନ୍ଦୁର ପଞ୍ଚାୟତ ଅଧୀନ ଓଝାପୋଖରୀ ଛକରେ ଗୁରୁବାର ଦିନ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି । ବିଜେଡି ଜିଲା ସଭାପତି ଜ୍ୟୋତି ପ୍ରକାଶ ପାଣିଗ୍ରାହୀ,ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର,ନନ୍ଦୁର ପଞ୍ଚାୟତ ସରପଞ୍ଚ ଜୟନ୍ତୀ ପତି ଓ ସମିତିସଭ୍ୟା ଦମୟନ୍ତୀ ସିଂ ଏହି ଶିବିରକୁ ଉଦଘାଟନ କରିଥିଲେ । ବିଶିଷ୍ଟ ଆଇନଜିବୀ ପ୍ରହଲ୍ଲାଦ ପତିଙ୍କ ସଂଯୋଜନାରେ ୬୨ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ଗୌତମ ନାୟକ,ପଦ୍ମଲୋଚନ ନାୟକ,ଯଦୁନାଥ ସାମଲ,ଅନାଦି ଧଡା,ସୁରେନ୍ଦ୍ର ନାୟକ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ । ସମସ୍ତ ରକ୍ତଦାତାଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା ।

## ବସନ୍ତପୁର କ୍ଲଷ୍ଟରସ୍ତରୀୟ କାର୍ଯ୍ୟକ୍ରମ: ଶିଶୁ ପ୍ରତିଭାକୁ ବାଟ ଦେଖାଏ ସୁରଭି

ବସ୍ତା୧୭/୧୦(ନିପ୍ର): ବ୍ଲକ ଅଧିନସ୍ଥ ବସନ୍ତପୁର କ୍ଲଷ୍ଟର ସ୍ତରୀୟ ଶିଶୁ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ବସ୍ତା ବ୍ଲକ ଅନ୍ତର୍ଗତ ପୁରୁଷୋତ୍ତମପୁର ପଞ୍ଚାୟତ ସ୍ଥିତ ଭାଗବତ ଜୀୟୁ ସରକାରୀ ଉଚ୍ଚବିଦ୍ୟଳୟ ପରିସରରେ ଶୁକ୍ରବାର ବସନ୍ତପୁର ଆଞ୍ଚଳିକ ସାଧନା କେନ୍ଦ୍ର ସ୍ତରୀୟ ୨୦୨୫ ଶିଶୁ ମହୋତ୍ସବ ସୁରଭି ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ଅଧାୟରେ ବିଦ୍ୟାଳୟ ର ଅଞ୍ଜଳି ଦେଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ସଂଘମିତ୍ରା ବେହେରା, ମୁଖ୍ୟବକ୍ତା ଭାବେ ସମିତି ସଭ୍ୟା ମିନତି ଦାସ,ସମ୍ମାନିତ ଅତିଥି ଭାବେ ସିଆରସିସିର ଗଣେଶ ଚନ୍ଦ୍ର ଜେନା, ପୂର୍ବତନ ସିଆରସିସି ଉମେଶ ଚନ୍ଦ୍ର ବାଡ଼ି ପ୍ରମୁଖ ଯୋଗଦେଇ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମକୁ ଶୁଭ ଉଦଘାଟନ କରିଥିଲେ । ଆୟୋଜିତ କାର୍ଯ୍ୟକ୍ରମର ମାଧ୍ୟମରେ ଶିକ୍ଷାର୍ଥୀ ମାନେ ନିଜର ସ୍ୱପ୍ରତିଭାକୁ ଅନ୍ୱେଷଣ ଓ ବିକାଶର ପରିପ୍ରକାଶ କରି ବ୍ୟକ୍ତିତ୍ୱ ଗଠନ କରି ପାରିବ ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ଭାବେ ଶିକ୍ଷକ ନାରାୟଣ କିସ୍କୁ,ଶିକ୍ଷକ ଉମାକାନ୍ତ ପଣ୍ଡା,ପରିଚାଳନା କମିଟିର ସଭାପତି ପ୍ରଦ୍ୟୁମ୍ନ କୁମାର ଘୋଷ ପ୍ରମୁଖ ମଞ୍ଚାସିନ ଥିଲେ । ଆୟୋଜିତ କାର୍ଯ୍ୟକ୍ରମରେ ୧୬ ଟି ବିଦ୍ୟାଳୟର ୩୦୦ ଜଣ ଶିକ୍ଷାର୍ଥୀ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବକ୍ତୃତା, ପ୍ରବନ୍ଧ,ସୁନ୍ଦର ହସ୍ତାକ୍ଷର, ବିତର୍କ, ସ୍ୱଜନା ମୁକ ଲିଖନ, କୁଇଜ, ସଙ୍ଗୀତ,ନୃତ୍ୟ ସହିତ ସମୁଦାୟ ୨୬ଟି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପରିଶେଷରେ ପୁରସ୍କାର ବିତରଣ ସଭାରେ ଅତିଥିମାନେ ଯୋଗଦେଇ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି କୃତିତ୍ୱ ହାସଲ କରିଥିବା ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ୧୦୫ ଜଣ ଛାତ୍ର/ଛାତ୍ରୀ ମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପ୍ରମାଣପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲା ।ଜକ ଭାବେ ସୋନାଲି ପ୍ରଧାନ ।ମାନସ ଉପାଧାୟ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ ଶିକ୍ଷକ ବିରେନ୍ଦ୍ର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟ କ୍ରମକୁ ବିଦ୍ୟାଳୟର ସମସ୍ତ ଶିକ୍ଷକ/ଶିକ୍ଷୟତ୍ରୀ ଓ କର୍ମଚାରୀ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରି ଥିଲେ ।



## ଭଦ୍ରକ ଜିଲ୍ଲାରେ କମ୍ୟୁନିଷ୍ଟ ପାର୍ଟିର ପ୍ରତିଷ୍ଠା ଦିବସ ପାଳନ ଓ ଲାଲ ପତାକା ଉତ୍ତୋଳନ

ଭଦ୍ରକ , ୧୭/୧୦ (ନି.ପ୍ର): ଜିଲ୍ଲାର ଭଦ୍ରକ ବସ ଷ୍ଟାଣ୍ଡ ରେ ସି ପି ଆଇ (ଏମ୍) ଭଦ୍ରକ ଜିଲ୍ଲା କମିଟି ପକ୍ଷରୁ ସମବେତ ଶତାଧିକ ଶ୍ରମିକ କୃଷକ ମାନଙ୍କ ଗହଣ ରେ କମ୍ୟୁନିଷ୍ଟ ପାର୍ଟି ଗଠନ ହେଇଥିଲା ୧୯୨୦ଅକ୍ଟୋବର ୧୭ତାରିଖ ଦିନ ପ୍ରମୁଖ ତତ୍କାଳୀନ ନେତା ଏମ୍. ଏନ ରାୟ,ମହମ୍ମଦ ହଜରତ ମଉଲନା , ଅବନୀ ମୁଖାର୍ଜୀ, ମହମ୍ମଦ ସଫିକ୍ ଓଗେର ସାତଜଣ ସାଥୀ ମାନଙ୍କୁ ନେଇ ରଷ୍ଣୁ ର ତସ୍କେଣ୍ଟ ସହରରେ । ସେଥିପାଇଁ ପାର୍ଟିର ଶତବାର୍ଷିକ ପାଳନ ଅବସରରେ ରେ ପାର୍ଟି ପକ୍ଷରୁ ଆଜି ବସ ଷ୍ଟାଣ୍ଡରେ ଲାଲ ପତାକା ଉତତୋଳନ କରିଥଲେ ପାର୍ଟିର ବରିଷ୍ଠ ନେତା ସାଥୀ ଅଭିନ୍ନ ଚନ୍ଦ୍ର ରାୟ ଓ ସେଠାରେ ଏକ ସଭାର




ସଭାପତି ତ୍ୟୁ କରିଥଲେ ପାର୍ଟିର ଜିଲ୍ଲା ସମ୍ପାଦକ ଦିବ୍ୟ ସିଂହ ନାୟକ ଓ ବକ୍ତବ୍ୟ ରଖିଥିଲେ ପ୍ରଫୁଲ୍ଲ ପାଢ଼ୀ, କାଳନ୍ଦୀ ପାତ୍ର, ଚନ୍ଦ୍ର ଶେଖର ନାୟକ, ନବ ବେହେରା, ଗିରିଧାରୀ ନାଥ, ଡ. ପ୍ରହଲ୍ଲାଦ ପତି, ସ୍ୱୟମୂର୍ତି ବେହେରା, ମଣ୍ଟ ମୁଣ୍ଡା,, ସେକ୍ ଅନୁ, ଦିଲ୍ଲିପ ସାହୁ, ନନ୍ଦ ମହାରଣା ସମସ୍ତେ ପାର୍ଟିର ନବରତ୍ନ ଇ ଏମ୍ ଏସ ନମ୍ବୁଦ୍ରି ପଦ୍, ବି ଟି ରାଣ ଦିବେ, ଏମ୍ ବାସ ପାନ୍ୟୟ, ହରେକିସନ୍ ସିଂହ ସୁରଜିତ, ଜ୍ୟୋତି ବସୁ, ପ୍ରମୋଦ ଦାସ ଗୁପ୍ତତା ଓ ସାଥୀ ବନମାଳୀ ଦାସ, ଶିବାଜୀ ପଟନାୟକ ଙ୍କ ତ୍ୟାଗ ବାବଦରେ ଅବଗତ କରାଇବା ସହ ଦୁର୍ନୀତିଗ୍ରସ୍ତ ଡବଲ ଇଞ୍ଜିନ ସରକାର୍ ଙ୍କ ଶ୍ରମିକ କୃଷକ ମାନଙ୍କ ଉପରେ ଆକ୍ରମଣ ଓ ଦେଶର ସମ୍ବିଧାନ, ସଂସଦ ଓ ଗଣ ତନ୍ତ୍ର ଉପରେ ଆକ୍ରମଣ କରାଯିବା ବିରୋଧର ସ୍ୱର ଉଠାଇବା ପାଇଁ ଆହ୍ୱାନ ଦେଇଥିଲେ ଶ୍ରମିକ ନେତା ଦିବ୍ୟ ସିଂହ ନାୟକ ।

## ଷ୍ଟେଟ ବ୍ୟାଙ୍କ ଶାଖା ଖୋଲି ଲକ୍ଷାଧିକ ଟଙ୍କା ହଡପ ଘଟଣା : ଥାନାରେ ଅଭିଯୋଗ

ବାଲିଆପାଳ , ୧୭/୧୦ (ନି.ପ୍ର): ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଉପରେ ଭରସା କରିପାରୁନାହାନ୍ତି ଗରିବ ଜନସାଧାରଣ । ବ୍ୟାଙ୍କ ନିଜର ବ୍ୟବସାୟକୁ ବଢାଇବା ପାଇଁ ପଞ୍ଚାୟତ ମାନଙ୍କରେ ଶାଖା ଖୋଲି ସମାଜର ଅସାଧୁ ବ୍ୟକ୍ତି ହାତରେ କ୍ଷମତା ଦେଇ ଗରିବ ଲୋକଙ୍କ ଧନ ଜୀବନ ସହ ଖେଳ ଖେଳିବା ଘଟଣା ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକରେ ଦେଖିବାକୁ ମିଳିଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ଜଣେ ବ୍ୟକ୍ତି ବାଲିଆପାଳରୁ ବମ୍ବେ ଯାଇ ସେଠାରେ ଲୋକଙ୍କ ଅର୍ଥ ହେରଫେର କରି ଜେଲରେ ଥିବାବେଳେ ଏଭଳି ବ୍ୟକ୍ତିଙ୍କୁ କିଭଳି ଷ୍ଟେଟ ବ୍ୟାଙ୍କର ଶାଖା ଖୋଲିବାର ଦାୟିତ୍ୱ ମିଳିଲା ତାକୁ ନେଇ ବ୍ୟାଙ୍କର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସେହିପରି ଗରିବ ଆଦିବାସୀ ଓ ଦୀନମଜୁରିଆଙ୍କ ଲକ୍ଷଲକ୍ଷ ଟଙ୍କା ଆତ୍ମସାତ କରିଥିବା ବ୍ୟକ୍ତିଙ୍କର ଶାଖା ପରିଚାଳକ ଦାୟିତ୍ୱ ବ୍ୟାଙ୍କ କାଢିନେଇ ଅନ୍ୟଙ୍କୁ ଦେବା ପଛରେ ରହସ୍ୟ କ,ଣ ତାକୁ ନେଇ ଜନସାଧାରଣରେ ଅନେକ କଥା ଶୁଣିବାକୁ ମିଳୁଛି ସୂଚନାରୁ ପ୍ରକାଶ ଦେଉଳା ପଞ୍ଚାୟତ ଅଫିସ୍ ସମ୍ମୁଖରେ ରହିଛି ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଶାଖା । ଏହି ଶାଖାରେ କାର୍ଯ୍ୟରତ ଥିବା ଦେଉଳା ଗ୍ରାମର ରଞ୍ଜନ ରଣା ଏକ ଶାଖା ଖୋଲି ଗ୍ରାମର ରେଲୱେ ପାଇଁ ଯାଗା ହରାଇଥିବା ଆଦିବାସୀ ଲୋକଙ୍କ ଠାରୁ ଲକ୍ଷାଧିକ ଟଙ୍କା ପ୍ରଧାନମନ୍ତ୍ରୀ ପେନସନ ଯୋଜନାରେ ଜମା ନେଇ ମାସକୁ ଲକ୍ଷେ ଟଙ୍କାରେ ଦୁଇହଜାର ଟଙ୍କା ପେନସନ ଆକାରରେ ମିଳିବାର ପ୍ରତିଶ୍ରୁତି ଦେଇଥିଲେ । ପରେ ପରେ ଗ୍ରାମର ରାଣୀ ମାଝୀ ୧୧ ଲକ୍ଷ, ବାସନ୍ତୀ କିସ୍କୁ୧ ଲକ୍ଷ, ଯଥା ସୋରେନ ୧ ଲକ୍ଷ, ସାଗରାମ ସୋରେନ ୪ଲକ୍ଷ ,କାଳୀଚରଣ ହେମରମ ୧,୫୦ହଜାର , ରବି ହେମରମ ୨,୫୦ହଜାର,ଉମେଶ ରାଉତ ୨ଲକ୍ଷ ଓ ଲକ୍ଷ୍ମୀ ରାଉତ ୧ଲକ୍ଷ ସମେତ ଶତାଧିକ ଲୋକଙ୍କ ଅର୍ଥକୁ ମିଶାଇଲେ ୪ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଟଙ୍କାକୁ ସେ ଚଳୁକରିଥିବାର ଶୁଣିବାକୁ ମିଳୁଛି । ଉକ୍ତ ଟଙ୍କାକୁ ପ୍ରଧାନମନ୍ତ୍ରୀ ପେନସନ ଯୋଜନାରେ ରହିବ କହି ଗରିବ ଅଶିକ୍ଷିତ ଲୋକଙ୍କ ଠାରୁ ସେ ଟଙ୍କା ନେଇ ବିଭିନ୍ନ ସଂସ୍ଥା, ସେୟାର ମାର୍କେଟରେ ଲଗାଇବା ସାଙ୍ଗକୁ ବାଲିଆପାଳରୁ ଭୁବନେଶ୍ୱର ପର୍ଯ୍ୟନ୍ତ ବିଭିନ୍ନ ଯାଗାରେ ନାମୀଦାମୀ ଯାଗା କିଣିଛନ୍ତି । ଗାଁରେ ତାଙ୍କ ନାମରେ ଅନେକ ଚାଷଜମି କିଣା ହୋଇଛି । ସେ ଲୋକଙ୍କୁ ଲକ୍ଷେ ଟଙ୍କାରେ ମାସକୁ ଦୁଇହଜାର ଟଙ୍କା ହିସାବରେ ୫/୬ ମାସ ଦେବା ପରେ ଆଉ ନ ଦେଇ ସେ ଲୋକଙ୍କୁ ଭଣ୍ଡାଇବାରୁ ଶେଷରେ ସେମାନେ ବାଲିଆପାଳ ଥାନାରେ ଆଶ୍ରୟ ନେଲେ । ଏତାଲା ଦେବାର ତିନିଦିନ ପରେ ଆଜି ଥାନାର ଆଇଆଇସି ଗୋବିନ୍ଦ ଚନ୍ଦ୍ର ବେହେରାଙ୍କ ଉପସ୍ଥିତରେ ଉଭୟ ପକ୍ଷଙ୍କ ନେଇ ବୈଠକ ହୋଇଥିଲା । ଶେଷରେ ଆଇଆଇସି ଶ୍ରୀ ବେହେରା ଷ୍ଟେଟ ବ୍ୟାଙ୍କ ଶାଖାର ସମସ୍ତ କାଗଜପତ୍ର ରଞ୍ଜନ ଠାରୁ ଆଣି ଯାଞ୍ଚ କରୁଥିବା ବେଳେ ତାଙ୍କୁ ଦଶଦିନ ଭିତରେ ଲୋକଙ୍କ ଟଙ୍କା ଫେରସ୍ତ କରିବା ପାଇଁ ତାଗିଦ କରିଥିଲେ । ସେମାନଙ୍କୁ ଦଶଦିନ ଭିତରେ ଟଙ୍କା ନ ମିଳିଲେ ସେମାନେ ଥାନା ଓ ବାଲିଆପାଳ ଷ୍ଟେଟବ୍ୟାଙ୍କ ଆଗରେ ଧାରଣାରେ ବସିବ ବୋଲି କହିଛନ୍ତି ।

## କୁରୁଣ୍ଟା ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ଯୋଗ ଶିବିର

ଖଇରା, ୧୭/୧୦ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁରୁଣ୍ଟା ଆୟୁଷ୍ମାନ ଆରୋଗ୍ୟ ମନ୍ଦିର(ସ୍ୱାସ୍ଥ୍ୟ ଉପକେନ୍ଦ୍ର) ପରିସରରେ ଗୁରୁବାର ଦିନ ଯୋଗ ଶିବିର ଅନୁଷ୍ଠିତ ହୋଇ ଯାଇଛି । ପ୍ରଥମେ ଏହି ଶିବିରରେ ସିକିଲ ସେଲ, ମ୍ୟାଲେରିଆ, ମଧୁମେହ,ନିମୋନିଆ ତଥା ଅନ୍ୟ ଅଣସଂକ୍ରାମକ ରୋଗ ଚିହ୍ନଟ କରାଯିବା ସହ ମାଗଣା ଔଷଧ ବିତରଣ କରାଯାଇଥିଲା । ପରେ ବିଶିଷ୍ଟ ଯୋଗ ପ୍ରଚାରକ ମୁକ୍ତିକାନ୍ତ ପାଣିଗ୍ରାହୀ ଉପସ୍ଥିତ ଡାକ୍ତର,ଆଶା ଓ ଅଙ୍ଗନୱାଡି କର୍ମୀଙ୍କୁ ବିଭିନ୍ନ ପ୍ରକାର ଯୋଗ ଶିଖାଇଥିଲେ । ଡା ଦେବକାନ୍ତ ପାଢୀ,ଜିଲା ପରିଷଦ ସଭ୍ୟ ମାନସ କୁମାର ଦାଶ, ସରପଞ୍ଚ ରଘୁନାଥ ଜେନା,ପଞ୍ଚାୟତ ନିର୍ବାହୀ ଅଧିକାରୀ ହେମନ୍ତ ସାମଲ, ଏଏନଏମ ସଂଯୁକ୍ତାରାଣୀ ଦାସ,ସିଏଚଓ ଦିବ୍ୟାଭାରତୀ ସାହୁ,ଜୟପ୍ରକାଶ ପାତ୍ର,ଆଶା ପବିତ୍ରା ଜେନା ଓ କନକଲତା ଜେନା ପ୍ରମୁଖ ଉପସ୍ଥିତ ହୋଇ ସ୍ୱାସ୍ଥ୍ୟ ସଚେତନତା ଉପରେ ଆବଶ୍ୟକ ପରାମର୍ଶ ଦେଇଥିଲେ ।

## ରମାରାଣୀ ବିଜ୍ଞାନ ଓ ବୈଷୟିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ 'ମନା' ବାଲେଶ୍ୱରର ମିଳିତ ସହଯୋଗରେ ନିଶା ବିରୋଧି ସଚେତନତା ଶିବିର ଅନୁଷ୍ଠିତ

ବାଲେଶ୍ୱର, ୧୭/୧୦ (ନି.ପ୍ର): ରମାରାଣୀ ବିଜ୍ଞାନ ଓ ବୈଷୟିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ତାମୁଳିଆ, ବାଲେଶ୍ୱର ଓ ମିଳିତ ନିଶା ନିବାରଣ ଅଭିଯାନ (ମନା), ବାଲେଶ୍ୱରର ମିଳିତ ସହଯୋଗରେ ସଭାପତି ପ୍ରଭାକର ସାହୁଙ୍କ ଅଧକ୍ଷତାରେ ନିଶାବିରୋଧି ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଅଛି । ସଭାପତି ଶ୍ରୀଯୁକ୍ତ ସାହୁ ପିଲାମାନଙ୍କୁ ନିଶା ନିବାରଣ ଅଭିଯାନର ପ୍ରତିନିଧି ଭାବେ ବର୍ଣ୍ଣନା କରି ନିଶା ସେବନରୁ ନିବୃତ୍ତ ରହିବା ପାଇଁ ସେମାନେ ହିଁ ଏହି ବାର୍ତ୍ତା ସମାଜରେ ପହଞ୍ଚାଇ ପାରିବେ ବୋଲି କହିଥିଲେ । ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ଶ୍ରୀକାନ୍ତ ଚରଣ ବାରିକ ତାଙ୍କ ସ୍ୱାଗତ ଭାଷଣରେ ନିଶା ବିରୋଧରେ 'ମନା'ର ପ୍ରୟାସ ଅତ୍ୟନ୍ତ



ପ୍ରଶଂସନୀୟ ବୋଲି ମତବ୍ୟକ୍ତ କରିଥିଲେ । ସାଧାରଣ ସମ୍ପାଦିକା ମମତା ମହାପାତ୍ର ତାଙ୍କ ବକ୍ତବ୍ୟରେ କହିଲେ ଯେ, ଯୁବପିଢ଼ି ଦେଶର ଭବିଷ୍ୟତ । ନିଶାରୂପୀ ଆସୁରିକ ଶକ୍ତିକୁ ପରାହତ କରିବାପାଇଁ, ସେହିମାନେ ସଚେତନ ହେଲେ ହିଁ ଆମ ଦେଶକୁ ନିଶାମୁକ୍ତ କରାଯାଇପାରିବ । ଏହାପରେ 'ନିଶା ନୁହେଁ ଆମେ ଜୀବନ ଚାହୁଁ' ବୋଲି ଶ୍ରୀମତୀ ମହାପାତ୍ର ପିଲାମାନଙ୍କୁ ଶପଥ କରାଇଥିଲେ । ଉପଦେଷ୍ଟା ସୁବ୍ରତ କର ସମାଜରୁ ନିଶାକୁ ଦୂର କରିବା ପାଇଁ ସରକାରଙ୍କ ଆଇନ ପ୍ରଣୟନକୁ ଅପେକ୍ଷା ନକରି, ନୂତନ ପିଢ଼ି ଏ ସମ୍ପର୍କରେ ସଚେତନ ରହିବା ପାଇଁ ପରାମର୍ଶ ଦେଇଥିଲେ । ଅନ୍ୟତମ ଉପଦେଷ୍ଟା ଡ. କେଶବ ଚରଣ ପଣ୍ଡା ନିଶାସେବନ ନକରି ପଢ଼ିବାର ଓ ସମାଜସେବା ନିଶାରେ ନିଜକୁ ନିୟୋଜିତ କରିବା ପାଇଁ କହିଥିଲେ । 'ମନା'ର ସଂଯୋଜକ ତଥା ଉପସଭାପତି ଡ. କ୍ଷିତୀଶ୍ୱର ଦାଶ ଶିବିର ଆୟୋଜନର ଆଭିମୁଖ୍ୟ ବର୍ଣ୍ଣନା କରି ନିଶାମୁକ୍ତ ସମାଜ ଗଠନରେ ଛାତ୍ରୀଛାତ୍ରୀ ମାନଙ୍କର ସହଯୋଗ କାମନା କରିଥିଲେ । ଏହି କାର୍ଯ୍ୟକ୍ରମରେ ନିଶାବିରୋଧି ବକ୍ତୃତା ପ୍ରଦାନ କରିଥିବା ବିଦ୍ୟାଳୟର ଛାତ୍ରଛାତ୍ରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ, ଦେବଶ୍ୱେତା ରାଉତ ଓ ସତ୍ୟରଞ୍ଜନ ପରିଡ଼ାଙ୍କୁ 'ମନା' ପକ୍ଷରୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା । ସର୍ବଶ୍ରୀ ପ୍ରଫୁଲ୍ଲ କୁମାର ଦାସ, ପ୍ରଭାକର ସାହୁ (ଖ) ଓ ଭାସ୍କର ଚନ୍ଦ୍ର ମିଶ୍ର ଏହି ପ୍ରଶଂସାପତ୍ର ପ୍ରଦାନ କରିଥିଲେ । ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ଇଂ. ପ୍ରବୀନ୍ ବରଦା ସାହୁ ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ ପ୍ରଦାନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ । 'ମନା'ର ସଂପାଦିକା ଗୀତାଞ୍ଜଳି ସିଂହ, ବେଣୁଧର ସାହୁ, ଦୟାନିଧି ମହାପାତ୍ର, ଗଙ୍ଗାଧର ପୃଷ୍ଟି, ସଞ୍ଜୟ ପଣ୍ଡା (ଖ) ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ଓରମାସ ସହାୟତାରେ ସୁଭଦ୍ରା ଶକ୍ତି ମହିଳାଙ୍କୁ ନେଇ ଦୀପାବଳି ସାମଗ୍ରୀ ପ୍ରକାଶିବା ଉଦ୍‌ଘାଟିତ



ବାରିପଦା, ୧୭/୧୦ (ନି.ପ୍ର): ପବିତ୍ର ଦୀପାବଳି ଉତ୍ସବ ପାଇଁ ସ୍ଥାନୀୟ ଷ୍ଟାଡିଅମ ଗୋଲାଇ ନିକଟରେ ମୟୁର ଶିକ୍ଷା ସମ୍ମୁଖରେ ମୟୁରଭଞ୍ଜ ଜିଲ୍ଲା ଓରମାସ ର ସହାୟତାରେ ବାରିପଦା ସୁଭଦ୍ରାଶକ୍ତି ମହିଳାଙ୍କୁ ନେଇ ଦୀପାବଳି ସାମଗ୍ରୀ ଯଥା ବିଭିନ୍ନ କାରୁକାର୍ଯ୍ୟ ଜନିତ ମାଟି ଦ୍ୱୀପ, ତେଲ, ସଳିତା, ମହମବତୀ ଇତ୍ୟାଦି ବିକ୍ରୟ ଉଦେଶ୍ୟରେ ଏକ ପ୍ରକାଶିବା ମୟୁରଭଞ୍ଜ ଜିଲ୍ଲା ସିଡିଓ ତଥା ପ୍ରୋଜେକ୍ଟ ଡାଇରେକ୍ଟର ଡି. ଆର. ଡି. ଏ ଶ୍ରୀ ଧର୍ମାନନ୍ଦ ବେହେରାଙ୍କ ଦ୍ୱାରା ଶୁଭ ଉଦଘାଟିତ ହୋଇଯାଇଛି । ଏହି ଉଦଘାଟନ ଉତ୍ସବକୁ ଓରମାସର ଅଫିସର ସମେତ ଓ ଅନ୍ୟାନ୍ୟ ବରିଷ୍ଠ କର୍ମଚାରୀ ଯୋଗଦାନ କରିଥିଲେ । ସେଠାରେ ଉପସ୍ଥିତ ବରିଷ୍ଠ ସାମ୍ବାଦିକ ସୁକୁମାର ରଞ୍ଜନ ପ୍ରଧାନଙ୍କ ଦ୍ୱାରା ପ୍ରଥମେ ବହନି କରାଯାଇ ଓ ସାମ୍ବାଦିକା ପ୍ରତିମା ବାରିକ ଓ ବରିଷ୍ଠ ସାମ୍ବାଦିକ ସୁକାନ୍ତ ଜୀଉଙ୍କ ଦ୍ୱାରା ମାଟି ଦ୍ୱୀପ ଓ ଅନ୍ୟାନ୍ୟ ସାମଗ୍ରୀ କିଣାଯାଇ ସୁଭଦ୍ରାଶକ୍ତି ମା ମାନଙ୍କୁ ଏକରକମ ଉତ୍ସାହିତ କରାଯାଇଥିଲା ।

## ଚୋରା ମଦ ବିକ୍ରି ଅଭିଯୋଗ: ୩ ଗିରଫ

ବସ୍ତା, ୧୭/୧୦ (ନି.ପ୍ର): ବସ୍ତା ଅବକାରୀ ପୁଲିସ ଆଜି ଅଚାନକ ଚଢ଼ାଉ କରି ଚୋରା ମଦ ବିକ୍ରି କରୁଥିବା ଅଭିଯୋଗରେ ବସ୍ତା ଥାନା ଗହୀର ସିମୁଳିଆର ରଘୁ ସିଂ, ଲଛମନ ଖୁଣ୍ଟା ର ସର୍ବେଶ୍ୱର ଟୁଡୁ ଓ ଇମାମୁଦ୍ଦିନ ଖାଁଙ୍କୁ ଗିରଫ କରି ସେମାନଙ୍କ ଠାରୁ ଯଥାକ୍ରମେ ୧୮,୧୬,୧୭ ଲିଟର ମଦ କରାଯାଇଛି । ବିଭିନ୍ନ ଦଫାରେ



ସେମାନଙ୍କ ବିରୋଧରେ ମାମଲା ରୁଜୁ କରି ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି ।

## କମ୍ୟୁନିଷ୍ଟ ପାର୍ଟିର ୧୦୫ତମ ପ୍ରତିଷ୍ଠା ଦିବସରେ ଦଳୀୟ ପତାକା ଉତ୍ତୋଳନ

ଜଳେଶ୍ୱର, ୧୭/୧୦ (ନି.ପ୍ର): ଆଜକୁ ୧୦୫ ବର୍ଷ ତଳେ ୧୯୨୦ ମସିହା ଅକ୍ଟୋବର ୧୭ ତାରିଖ ଦିନ କମ୍ୟୁନିଷ୍ଟ ପାର୍ଟି ଗଠନ ହୋଇଥିଲା । ଭାରତର ତତ୍କାଳୀନ ସାମାଜିକ ବ୍ୟବସ୍ଥାର ପରିବର୍ତ୍ତନ ଓ ଇଂରେଜ ଶାସନର ପରିସମାପ୍ତି ଘଟାଇ ଦେଶକୁ ପୂର୍ଣ୍ଣ ସ୍ୱାଧୀନତା ଦେବାର ଏକମାତ୍ର ମାର୍ଗ ଯେ ସାମ୍ୟବାଦୀ ବ୍ୟବସ୍ଥା ଏହାକୁ ଉପଲବ୍ଧି କରି କମ୍ୟୁନିଷ୍ଟ ପାର୍ଟି ଗଢି ଉଠିଥିଲା । ଏହି ପ୍ରତିଷ୍ଠା ଦିବସ ଉପଲକ୍ଷେ ସିପିଏମର ଜଳେଶ୍ୱର ଆଞ୍ଚଳିକ କମିଟି କାର୍ଯ୍ୟାଳୟ ସମ୍ମୁଖରେ ଦଳୀୟ ଲାଲ୍ ପତାକା ଉତ୍ତୋଳନ କରିଥିଲେ ଦଳର ବରିଷ୍ଠ ନେତା ଦିଲ୍ଲୀପ କୁମାର ଗିରି । ଏହି ବୈଠକରେ ଦଳର ଜିଲ୍ଲା ନେତା ଦିପ୍ତିମାନ ଆଚାର୍ଯ୍ୟ ଓ ଦିଲ୍ଲୀପ କୁମାର ଗିରି, କୃଷକ



ନେତା ଜୀବନ ପରିଡ଼ା ଓ ରାଜୀବ ପଣ୍ଡା ବକ୍ତବ୍ୟ ରଖି କହିଥିଲେ ଯେଉଁ ଦୁଇଟି ଉଦ୍ଦେଶ୍ୟ ନେଇ କମ୍ୟୁନିଷ୍ଟ ପାର୍ଟି ଗଠିତ ହୋଇଥିଲା ଆଜକୁ ୧୦୫ ବର୍ଷ ବିତିଯାଇଥିଲେ ମଧ ତାହା ପୂରଣ ହୋଇନାହିଁ । ଅନ୍ୟମାନଙ୍କ ମଧ୍ୟରେ ଖଗେନ୍ଦ୍ର ମହୁରୀ, ଅଶୋକ ଘଡାଇ, ମିଟୁ ଗୋଚ୍ଛାୟତ, ନିତାଇ,ମଦନ ସମେତ ବହୁ ଅଟୋ ଚାଳକ ବୈଠକରେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Editor: Sairindhree Sahoo
❒ Managing & Executive Editor : Srustidhar Parida